

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୭ ଡିସେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 07 DECEMBER 2023
Vol.No. 34 ■ No. 320■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ସଂସଦରେ ଶାହାଙ୍କ ବୟାନକୁ ବିରୋଧ କରି କଂଗ୍ରେସର କକ୍ଷତ୍ୟାଗ



ନୂଆଦିଲ୍ଲୀ, ୦୬/୧୨ : ଜମ୍ମୁ-କାଶ୍ମୀର ପୁନଃଗଠନ ବିଧେୟକକୁ ନେଇ ସଂସଦରେ ଆଲୋଚନା କରିଛନ୍ତି ଗୃହମନ୍ତ୍ରୀ ଅମିତ ଶାହ । ସଂସଦରେ ଏହି ଆଲୋଚନା ବେଳେ ଅମିତ ଶାହା କଂଗ୍ରେସକୁ ଟାର୍ଗେଟ କରିବାକୁ ଭୁଲିନାହାନ୍ତି । ନିଜ ସମ୍ବୋଧନରେ ଶାହା କହିଛନ୍ତି, ଜମ୍ମୁ-କାଶ୍ମୀରରୁ ଧାରା-୩୭୦ ଉଚ୍ଛେଦ କରିବା ନିଷ୍ପତ୍ତି କିଛି ଲୋକଙ୍କୁ ଖରାପ ଲାଗୁଛି । ଧାରା ୩୭୦ ପାଇଁ ୪୫ ହଜାର ଲୋକ ମୃତ୍ୟୁବରଣ କରିଛନ୍ତି । କିନ୍ତୁ ଏହି ଧାରାକୁ ମୋଦୀ ସରକାର ଉଚ୍ଛେଦ କରିଛନ୍ତି । ଅମିତ ଶାହା କହିଛନ୍ତି, ପିଓକେକୁ ନେଇ ଯେଉଁ ସମସ୍ୟା ଅଛି ତାହା ଦିବଙ୍ଗତ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ପାଇଁ ସୃଷ୍ଟି ହୋଇଛି । ଯେତେବେଳେ ଭାରତୀୟ ସେନା ବିଜୟୀ ହେଉଥିଲା ସେତେବେଳେ ପଞ୍ଜାବ ପ୍ରଦେଶରେ ପହଞ୍ଚିବା କ୍ଷଣି ସିଜଫାୟାର ଘୋଷଣା କରାଯାଇଥିଲା । ଯାହାଦ୍ୱାରା ପୂରା କାଶ୍ମୀରକୁ ନିଜ ନିୟନ୍ତ୍ରଣକୁ ଆଣିବା ପୂର୍ବରୁ ହିଁ ଅସ୍ତ୍ରବିରତି ଘୋଷଣା କରାଯାଇଥିଲା । ୩ ଦିନ ପରେ ଯଦି ସିଜଫାୟାର କରାଯାଇଥାନ୍ତା ତେବେ ଆଜି ବି ପିଓକେ ଭାରତର ଅଭିନ୍ନ ଅଙ୍ଗ ହୋଇ ରହିଥାନ୍ତା । ତେବେ ଶାହାଙ୍କ ଏହି ବୟାନକୁ ନେଇ ସଂସଦରେ ବିରୋଧୀ ହଙ୍ଗାମା କରିବା ସହ କକ୍ଷତ୍ୟାଗ କରିଛନ୍ତି । ଏହି ବିଲ୍ ସହ ସମ୍ମାନ ଯୋଡି ହୋଇ ରହିଛି । ଏହି ବିଲର ପ୍ରକୃତ ଉଦ୍ଦେଶ୍ୟ ସେହିମାନେ ବୁଝିପାରିବେ ଯେଉଁମାନେ ପଛରେ ରହି ଯାଇଥିବା ଲୋକଙ୍କୁ ପୁଣିଥରେ ହାତ ଧରି ଆଗକୁ ବଢାଇବାକୁ ଚାହୁଁଛନ୍ତି । କିନ୍ତୁ ଏହି ବିଲ ସେମାନଙ୍କ ପାଇଁ ଅଡୁଆ ସୃଷ୍ଟି କରିବ ଯେଉଁମାନେ ଭୋଟବ୍ୟାଙ୍କ ପାଇଁ ଏହାର ଉପଯୋଗ କରୁଥିଲେ । ଧାରା ୩୭୦ ଉଚ୍ଛେଦ କିଛି ଲୋକଙ୍କୁ ଭଲ ଲାଗୁନାହିଁ । ଯେତେବେଳେ ଏହି ଧାରା ଉଚ୍ଛେଦ କରାଗଲା ସେତେବେଳେ କିଛି ଲୋକ କହିଥିଲେ ଏହାଦ୍ୱାରା କାଶ୍ମୀରରେ ରକ୍ତର ନଦୀ ବହିବ। କିନ୍ତୁ ରକ୍ତର ନଦୀ ତ ଛାଡନ୍ତୁ ବରଂ କେହି ପଥର ଉଠାଇବାକୁ ମଧ୍ୟ ସାହସ କରିନଥିଲେ । ଧାରା-୩୭୦କୁ ପୂର୍ବରୁ ହିଁ ହଟାଇବାର ଆବଶ୍ୟକତା ଥିଲା । ପୂର୍ବରୁ କାଶ୍ମୀରର ଲାଲଚୌକରେ ତ୍ରିରଙ୍ଗା ଉଡାଇବାକୁ ଦିଆଯାଉନଥିଲା । ଏବେ କିନ୍ତୁ ପ୍ରତି ଘରେ ତ୍ରିରଙ୍ଗା ଉଡୁଛି । ଯେତେବେଳେ କାଶ୍ମୀର ପଣ୍ଡିତଙ୍କୁ ବିସ୍ଥାପିତ କରାଗଲା, ସେତେବେଳେ ସେମାନେ ନିଜ ଦେଶରେ ଶରଣାର୍ଥୀ ଜୀବନ କାଟିବାକୁ ବାଧ୍ୟ ହେଲେ । ଏବେ ଲକ୍ଷାଧିକ ଲୋକ ବିସ୍ଥାପିତ ଜୀବନ କାଟୁଛନ୍ତି । ସେମାନଙ୍କୁ ନିଜ ଅଧିକାର ଫେରାଇଦେବାକୁ ଏହି ନୂଆ ବିଲ୍ ଆସିଛି । ଯାହାଦ୍ୱାରା ସେମାନଙ୍କୁ ମଧ୍ୟ ପ୍ରତିନିଧିତ୍ୱ କରିବାକୁ ସୁଯୋଗ ମିଳିବ ।

### ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏସମା ଲଗାଇଲେ ସରକାର

ଭୁବନେଶ୍ୱର, ୦୬/୧୨ (ନି.ପ୍ର): ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ୬ ମାସ ପାଇଁ ଏସେନସିଆଲ୍ ସର୍ଭିସେସ୍ ମେଂଟେନାନ୍ସ ଆକ୍ଟ ବା ଏସମା ଲଗାଇଛନ୍ତି ରାଜ୍ୟ ସରକାର। ଏ ନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ ଏସମା ଲାଗୁ ହେବା ପରେ ସରକାରୀ ସ୍ୱାସ୍ଥ୍ୟ ସେବାରେ ନିୟୋଜିତ କୌଣସି କର୍ମଚାରୀ ଆନ୍ଦୋଳନ କରିପାରିବେନି। ସରକାରୀ ଅନୁଦାନପ୍ରାପ୍ତ ସମସ୍ତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ପାଇଁ ଆଜିଠାରୁ ୬ ମାସ ପାଇଁ ଏସମା ଲାଗୁ ହୋଇଛି। ଜନସାଧାରଣଙ୍କ ଜରୁରୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏସମା ଲଗାଯାଇଥିବା ବିଜ୍ଞପ୍ତିରୁ ପ୍ରକାଶ।

### ବଦଳିଲେ ସିଏମସି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ

କଟକ/ଭୁବନେଶ୍ୱର, ୦୬/୧୨ (ନି.ପ୍ର): ବିରୋଧ ପରେ ବଦଳିଛନ୍ତି ସିଏମସି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଦିବ୍ୟ ରଞ୍ଜନ ତ୍ରିପାଠୀ। ସିଏମସିରେ ଦୀର୍ଘ ୨୮ ବର୍ଷ ଚାକିରି ପରେ ସମ୍ବଲପୁର ଏସଏମସିକୁ ତାଙ୍କର ବଦଳି କରାଯାଇଛି। ବିରୋଧୀ କର୍ପୋରେଟରମାନେ ଦିବ୍ୟରଞ୍ଜନଙ୍କ ନାଁରେ ଅଭିଯୋଗ ଆଣିଥିଲେ। ତାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣି ରାତିସାରା ଧାରଣାରେ ବସିଥିଲେ କର୍ପୋରେଟର। ଏହାସହ କନିଷ୍ଠ ଯନ୍ତ୍ରୀ ପ୍ରତାପ କୁମାର ସାମଲଙ୍କୁ ମଧ୍ୟ କେନ୍ଦୁଝରକୁ ବଦଳି କରାଯାଇଥିବା ସୂଚନା ମିଳିଛି।

### ଡିଲ୍ ବେଳେ ବାଘ ଛାଲ ଜବତ: ୬ ଗିରଫ



କଳାହାଣ୍ଡି-ନବରଙ୍ଗପୁର, ୦୬/୧୨ (ନି.ପ୍ର): କଲରାପତରିଆ ବାଘ ଛାଲ ଡିଲ୍ ବେଳେ ମାଡ଼ି ବସିଲା ବନ ବିଭାଗ। ୬ ଗିରଫ ଶିକାରୀଙ୍କୁ ଗିରଫ କରିବା ସହିତ ବାଘ ଶିକାରରେ ବ୍ୟବହୃତ ବହୁ ମାରଣାସ୍ତ୍ର ଜବତ କରିଛି। କଳାହାଣ୍ଡି ଜିଲ୍ଲାରୁ ଆସିଛି ଏପରି ଅଭିଯୋଗ। କଳାହାଣ୍ଡି-ନବରଙ୍ଗପୁର ଜିଲ୍ଲା ସୀମାନ୍ତ ଆମପାଣି ଘାଟିଠାରେ କରଲାପତରିଆ ବାଘଛାଲ ଡିଲ୍ ଚାଲିଥିଲା। ଏ ସମ୍ପର୍କରେ ଜାଣିପାରି ଛତିଶଗଡ ଉଦନ୍ତି ସୀତାନଦୀ ବ୍ୟାଘ୍ର ଅଭୟାରଣ୍ୟ ଓ କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଟିମ୍ ମିଳିତ ଭାବେ ଚଢ଼ଉ କରିଥିଲା। ସେହି ସମୟରେ ୫ ଜଣ ଯୁବକଙ୍କୁ ଅଟକ ରଖିଥିଲା ବନ ବିଭାଗ। ସେମାନଙ୍କୁ ତଥ୍ୟ ଆଧାରରେ ବନ ବିଭାଗ, ଜୟପାଟଣା ଫରେଷ୍ଟ ରେଞ୍ଜର ଚଞ୍ଚରାଗୁଡା ଗାଁରେ ଚଢ଼ଉ କରି ବାଘ ଶିକାରୀ ଋଷି ମାଝୀଙ୍କୁ ଉଠାଇ ଆଣିଥିଲା। ତା'ଘରୁ ଶିକାରରେ ବ୍ୟବହାର ହେଉଥିବା ଏକ ଦେଶୀ ବନ୍ଧୁକ, ଲୁହା ପଞ୍ଜା, ଭାଲୁ ହାଡ ସମେତ ଅଜଗର ସାପର ଛାଲ ଓ ବହୁ ମାରଣାସ୍ତ୍ର ଜବତ କରିଥିଲା। ବାଘ ଶିକାରୀ ଋଷି ମାଝୀଙ୍କୁ ଧରି ବନ ବିଭାଗ ଶିକାର ସ୍ଥଳକୁ ଯାଇ ସବୁ ପ୍ରମାଣ ସଂଗ୍ରହ କରିଥିଲା। ଆଜି ବନ ବିଭାଗ ଋଷିଙ୍କ ସମେତ ନବରଙ୍ଗପୁର ଜିଲ୍ଲାର ଗଣେଶ ଗଉଡ, ଲକ୍ଷ୍ମଣ ଗଉଡ, ନବ ନାୟକ ଓ କଳାହାଣ୍ଡି ଜିଲ୍ଲାର ନବ ମାଝୀ, ଧୋବା ମାଝୀଙ୍କୁ ଗିରଫ କୋର୍ଟ ଚାଲାଣ କରିଛି।

### ବାତ୍ୟା 'ମିଗଜୋମ୍' : ସବୁ ଜିଲ୍ଲାପାଳଙ୍କୁ ଫସଲ କ୍ଷତି ରିପୋର୍ଟ ମାଗିଲେ ଏସଆରସି



ଭୁବନେଶ୍ୱର, ୦୬/୧୨ (ନି.ପ୍ର): ବାତ୍ୟା 'ମିଗଜୋମ୍' ପ୍ରଭାବରେ ରାଜ୍ୟରେ କ୍ଷତିଗ୍ରସ୍ତ ହୋଇଥିବା ଫସଲ ସମ୍ପର୍କରେ ବିସ୍ତୃତ ତଥ୍ୟ ଦେବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । କୃଷି ବିଭାଗ ଓ ରାଜସ୍ୱ ବିଭାଗର ଅଧିକାରୀଙ୍କ ଦ୍ୱାରା ମିଳିତ ଭାବେ ଫସଲ କ୍ଷୟକ୍ଷତିର ଆକଳନ କରି ଏକ ନିର୍ଦ୍ଧାରିତ ଫର୍ମାଟରେ ରିପୋର୍ଟ ଦେବାକୁ ସ୍ୱତନ୍ତ୍ର ରିଲିଫ କମିଶନର (ଏସଆରସି) ସତ୍ୟବ୍ରତ ସାହୁ ସବୁ ଜିଲ୍ଲାପାଳଙ୍କୁ ଆଜି ଚିଠି ଲେଖିଛନ୍ତି । ଚଳିତମାସ ୧୨ତାରିଖ ସୁଦ୍ଧା ଏହି କ୍ଷୟକ୍ଷତି ଆକଳନ ରିପୋର୍ଟ ପଠାଇବାକୁ ସେ କହିଛନ୍ତି । ଆଜି ଶ୍ରୀ ସାହୁ ସମସ୍ତ ଜିଲ୍ଲାପାଳଙ୍କୁ ଲେଖିଥିବା ଚିଠିରେ ଦର୍ଶାଇଛନ୍ତି ଯେ, ବାତ୍ୟା ମିଗଜୋମ୍ ଭାବରେ ଗତ କିଛିଦିନ ଧରି ସମଗ୍ର ରାଜ୍ୟରେ ବର୍ଷା ହୋଇଥିବାରୁ ଠିଆ ହୋଇଥିବା ଖରିଫ ଫସଲ ଓ ଉଦ୍ୟାନ କୃଷି ଫସଲ କ୍ଷତିଗ୍ରସ୍ତ ହୋଇଥାଇପାରେ । ତେଣୁ କ୍ଷତିଗ୍ରସ୍ତ ଚାଷୀଙ୍କ କ୍ଷତି ଭରଣା ନିମନ୍ତେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିର ସର୍ତ୍ତାବଳୀ ଅନୁସାରେ ୩୩ ପ୍ରତିଶତ ବା ତା'ଠୁ ଅଧିକ

▶▶ପୃଷ୍ଠା ୭

### ମଦ ତିଆରି ଫ୍ୟାକ୍ଟ୍ରିରେ ଆଇଟି ରେଡ୍: ୫୦ କୋଟିରୁ ଅଧିକ ଟଙ୍କା ଜବତ



ଭୁବନେଶ୍ୱର, ୦୬/୧୨ (ନି.ପ୍ର): ରାଜ୍ୟରେ ହୋଇଛି ବଡ଼ଧରଣର ଆଇଟି ରେଡ୍। ମଦ ତିଆରି କରୁଥିବା ଏକାଧିକ କମ୍ପାନୀ ଆୟକର ଫାଙ୍କି ଥିବା ଅଭିଯୋଗରେ ଏହି ଚଢଉ ହୋଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ହୋଇଥିବା ଏହି ରେଡରେ ଏଯାଏଁ ୫୦ କୋଟିରୁ ଅଧିକ ନଗଦ ଟଙ୍କା ଜବତ ହୋଇଥିବା ସୂଚନା ମିଳିଛି। ଆୟକର ବିଭାଗର ଏହି ଚଢଉ ଏବେବି ଜାରି ରହିଛି। ଆଜି ସକାଳେ ବୌଦ୍ଧ ଡିଷ୍ଟିଲେରି ପ୍ରାଇଭେଟ ଲିମିଟେଡ୍ ଉପରେ ଆଇଟି ରେଡ୍ କରିଥିଲା। କମ୍ପାନୀର ପଳାସପଲ୍ଲୀ ସ୍ଥିତ କର୍ପୋରେଟ୍ ଅଫିସ ଓ କିଛି ଅଧିକାରୀଙ୍କ ଘରେ ଚଢଉ କରିଥିଲା ଆୟକର ଟିମ୍। ଉତ୍ପାଦନ ଓ ବ୍ୟବସାୟ ସହ ଆୟକର ଯାଞ୍ଚ କରାଯାଇଛି। ସେପଟେ ବୌଦ୍ଧ ରାମ୍ପିକଟା ସ୍ଥିତ କମ୍ପାନୀର ଫ୍ୟାକ୍ଟ୍ରୀ ଓ ଅଫିସରେ ମଧ୍ୟ ଚଢଉ ହୋଇଛି। ଆୟକର ବିଭାଗର ୨୦ରୁ ଅଧିକ ଅଧିକାରୀ ଓ କର୍ମଚାରୀ ଏହି ଚଢ଼ଉରେ ସାମିଲ ହୋଇଥିଲେ। ସେହିପରି କମ୍ପାନୀ ସହ ଲିଙ୍କ ଅଭିଯୋଗରେ ବୌଦ୍ଧ ପୁରୁଣା କଟକର ବ୍ୟବସାୟୀ ଅଶୋକ କୁମାର ଅଗ୍ରୱାଲଙ୍କ ରାଣୀସତୀ ରାଇସ ମିଲ, ବାସଭବନ ଓ ଅନ୍ୟ ସ୍ଥାନରେ

▶▶ପୃଷ୍ଠା ୭

### କର୍ଣ୍ଣୀ ସେନା ମୁଖ୍ୟ ସୁଖଦେବ ସିଂହଙ୍କୁ ହତ୍ୟା ପ୍ରତିବାଦରେ ରାଜସ୍ଥାନରେ ବନ୍ଦ ପାଳନ



ନୂଆଦିଲ୍ଲୀ, ୦୬/୧୨ : ମଙ୍ଗଳବାର ଏକ ଘର ଭିତରେ କର୍ଣ୍ଣୀ ସେନା ମୁଖ୍ୟ ସୁଖଦେବ ସିଂହଙ୍କୁ ହତ୍ୟା ଘଟଣା ଏବେ ରାଜସ୍ଥାନ ରାଜନୀତିକୁ ସରଗରମ କରିଛି । ଯାହାର ପ୍ରତିବାଦ କରି ବନ୍ଦ ପାଳିଛନ୍ତି ରାଜପୁତ । ରାଜସ୍ଥାନର ଜୟପୁର, ଜୋଧପୁର, ଅଲବର ସମେତ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ନିର୍ବାଚନ ଫଳାଫଳ ପରେ ଘଟିଥିବା ଏହି ହତ୍ୟାକାଣ୍ଡ ପାଇଁ ଅଶୋକ ଗେହଲଟ ସରକାର ଦାୟୀ ବୋଲି ପ୍ରତିବାଦୀକାରୀ କହିଛନ୍ତି । ମୃତ ସୁଖଦେବ ସିଂହ ବିଦାୟୀ ସରକାର ବା କଂଗ୍ରେସର ବିରୋଧୀ ଥିଲେ । ଗେହଲଟ ସରକାର ସମୟରେ ତାଙ୍କର ସୁରକ୍ଷା କମାଇ ଦିଆଯାଇଥିଲା । ଏପରିକି ସେ ହତ୍ୟାର ଶିକାର ହୋଇପାରନ୍ତି ବୋଲି ନିଜେ ଆଶଙ୍କା କରିଥିଲେ । ଏବେ ନିର୍ବାଚନରେ ପରାଜୟ ପରେ ପ୍ରତିଶୋଧ ନେବାକୁ ଯାଇ ଏହି ହତ୍ୟାକାଣ୍ଡ ଘଟାଯାଇଥିବା କର୍ଣ୍ଣୀ ସେନା ଦାବି କରିଛି ।

▶▶ପୃଷ୍ଠା ୭

### ଜେଲ୍‌ରେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

ଯାଜପୁର, ୦୬/୧୨ (ନି.ପ୍ର): ଯାଜପୁର ରୋଡ୍ ରଗଡ଼ି ଜେଲ୍‌ରେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ। ଜେଲ୍ ପରିସରରେ ନିର୍ମାଣାଧୀନ ଘରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର। ସୂଚନା ଅନୁସାରେ ଆଜି ୧୧ ଟା ସମୟରେ ଜେଲ୍ ଭିତରେ ଥିବା ନିର୍ମାଣ ଧୀନ ଗୃହ ମଧ୍ୟରେ କଏଦୀ ଜଣଙ୍କ ଏକ ଗାମୁଛା ସାହାଯ୍ୟରେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଥିଲେ। ସୁରକ୍ଷା କର୍ମୀଙ୍କ ସହାୟତାରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଯାଜପୁର ରୋଡ଼ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଛନ୍ତି। କଏଦୀ ଜଣଙ୍କ ପୋକ୍ସୋ ଆକ୍ଟରେ ୪୯ ଦିନ ହେବ ବିଚାରଧୀନ ଭାବେ ରଗଡ଼ି ସବଜେଲରେ ଥିଲେ। ମୃତ୍ୟୁ ବନ୍ଦୀଙ୍କ ନାଁ ବଳରାମ ବେହେରା ବୟସ ୨୯ ବୋଲି ଜଣାପଡ଼ିଛି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ଥିବା ବେଳେ ଯାଜପୁର ରୋଡ଼ ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

### ନନ୍ଦନକାନନରେ ଆନାକୋଣ୍ଡାର ମୃତ୍ୟୁ

ଭୁବନେଶ୍ୱର, ୦୬/୧୨ (ନି.ପ୍ର): ଭୁବନେଶ୍ୱର ସ୍ଥିତ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଏକ ଆନାକୋଣ୍ଡାର ମୃତ୍ୟୁ ହୋଇଛି। ୪୬ ନମ୍ବର ଖୁଆଡ଼ରେ ଥିବା ୧୦ଟି ଆନାକୋଣ୍ଡା ମଧ୍ୟରୁ ଗୋଟିଏ ଆନାକୋଣ୍ଡାର ମୃତ୍ୟୁ ହୋଇଛି। ବର୍ତ୍ତମାନ ଆଉ ୯ଟି ଆନାକୋଣ୍ଡା ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଅଛନ୍ତି। ଗତକାଲି କିଛି ଦିନ ହେବ ଆନାକୋଣ୍ଡାଟି ଅସୁସ୍ଥ ହୋଇ ପଡ଼ିଥିଲା। ପ୍ରାଣୀ ଚିକିତ୍ସକମାନେ ତାର ଚିକିତ୍ସା କରୁଥିଲେ। ଗତକାଲିଠୁ ଆନାକୋଣ୍ଡାଟି ଖାଦ୍ୟ ଗ୍ରହଣ କରୁ ନଥିଲା। ଏହାସହ ବୁଲାବୁଲି କରି ନପାରି ଗୋଟିଏ ସ୍ଥାନରେ ପଡି ରହିଥିଲା। ଆଜି ସକାଳେ ଆନାକୋଣ୍ଡାଟିର ମୃତ୍ୟୁ ଘଟିଛି। ୨୦୧୯ ମସିହା ଅକ୍ଟୋବର ୧୯ ତାରିଖରେ ଚେନ୍ନାଇର ମାଡ୍ରାସର କୋକୋଡାଇଲ ବ୍ୟାଙ୍କ ଟ୍ରଷ୍ଟ ପକ୍ଷରୁ ଉପହାରରେ ୮ଟି ହଳଦିଆ ରଙ୍ଗର ଆନାକୋଣ୍ଡା ନନ୍ଦନକାନନକୁ ଆସିଥିଲା। ଏହି ଆନାକୋଣ୍ଡାରଟି ୮ଟି ମଧ୍ୟରୁ ଅନ୍ୟତମ।

### ସାବଧାନ ରାଜଧାନୀବାସୀ: ବୁଲୁଛନ୍ତି ଲେଡି ଲୁଟେରା

ଭୁବନେଶ୍ୱର, ୦୬/୧୨ (ନି.ପ୍ର): ରାଜଧାନୀରେ ଲେଡି ଲୁଟେରା ଚଲାଇଛନ୍ତି ଆତଙ୍କରାଜ୍। ଘରେ ପଶି ବୁଲାଉଛନ୍ତି କଳାକନା। ଭୁବନେଶ୍ୱର ନୀଳାଦ୍ରିବିହାର ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଘରେ ଲେଡି ଲୁଟେରା ପଶି ଘରୁ ଟଙ୍କା ଓ ଜରୁରୀ କାଗଜପତ୍ର ନେଇ ଚମ୍ପଟ୍ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ଘରେ ଲାଗିଥିବା ସିସିଟିଭିରେ ଲୁଟ୍ ସମୟର ସବୁ ଦୃଶ୍ୟ କଏଦ ହୋଇଛି। ସୂଚନାଅନୁସାରେ, ନୀଳାଦ୍ରିବିହାର ଅଞ୍ଚଳରେ ରହୁଥିବା ବୈରାଗୀ ପ୍ରଧାନଙ୍କ ଘରେ ଘରେ ଗତକାଲି ସକାଳେ ଲେଡି ଲୁଟେରା ଜଣଙ୍କ ଗେଟ୍ ଖୋଲି ଘରେ ପଶିଥିଲା। ଟଙ୍କା ଓ ଜରୁରୀ କାଗଜପତ୍ର ନେଇ ଚମ୍ପଟ୍ ମାରିଥିଲା। ଏହି ସମୟରେ ବୈରାଗୀଙ୍କ ସ୍ତ୍ରୀ ବାଥରୁମ୍‌ରେ ଥିଲେ। ଘରେ ଲାଗିଥିବା ସିସିଟିଭିରେ ଲୁଟ୍ ସମୟରେ ଦୃଶ୍ୟ କଏଦ ହୋଇଥିଲା। ଏନେଇ ବୈରାଗୀ ଚନ୍ଦ୍ରଶେଖର ପୁର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣା ତଦନ୍ତ କରୁଛି। ବୈରାଗୀଙ୍କ ସ୍ତ୍ରୀ କହିଛନ୍ତି, ମୁଁ ବାଥରୁମରେ ଥିବା ବେଳେ ଘରେ ପଶି ମୋର ଓ ମୋ ସ୍ୱାମୀଙ୍କ ପର୍ସକୁ ମହିଳା ଜଣଙ୍କ ନେଇ ଯାଇଛି। ପର୍ସରେ ଟଙ୍କା ସହ ଗୁରୁତ୍ୱ ପୂର୍ଣ୍ଣ ଡକ୍ୟୁମେଣ୍ଟ ଓ ୩ଟି ଏଟିଏମ୍ କାର୍ଡ଼ ଥିଲା।

▶▶ପୃଷ୍ଠା ୭

### ତିନି ରାଜ୍ୟରେ ନୂଆ ଚେହେରାଙ୍କୁ ମୁଖ୍ୟମନ୍ତ୍ରୀ କରିପାରେ ବିଜେପି



ନୂଆଦିଲ୍ଲୀ, ୦୬/୧୨ :ତିନି ରାଜ୍ୟରେ କିଏ ହେବେ ମୁଖ୍ୟମନ୍ତ୍ରୀ ? ରାଜସ୍ଥାନ, ଛତିଶଗଡ଼ ଓ ମଧ୍ୟପ୍ରଦେଶରେ କିଏ ସମ୍ଭାଳିବେ ବିଜେପି ମଙ୍ଗ ? କାହାକୁ ଏତେ ବଡ଼ ଦାୟିତ୍ୱ ଦେବେ ମୋଦି-ଶାହା ଯୋଡ଼ି ? ଏଭଳି କିଛି ପ୍ରଶ୍ନକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଥିବା ବେଳେ ଖବର ମିଳୁଛି ଯେ, ବିଜେପି ହାଇକମାଣ୍ଡ ତିନିଟି ଯାକ ରାଜ୍ୟରେ ନୂଆ ଚେହେରାକୁ ଦାୟିତ୍ୱ ଦେବାକୁ ଯାଉଛି । ଏନେଇ ଜାତୀୟ ଖବର ସରବରାହ ସଂସ୍ଥା ଏଏନଆଇ ଏକ ଟୁଇଟ୍ କରିଛି । ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନରେ ବିପୁଳ ବିଜୟ ହାସଲ କରିଛି ବିଜେପି । ହେଲେ ଏହାପରେ ମୁଖ୍ୟମନ୍ତ୍ରୀ ପଦପାଇଁ ଆଶାୟୀ ନେତାମାନେ ଜୋରଦାର ଲବି କରୁଛନ୍ତି । ରାଜସ୍ଥାନରେ ବସୁନ୍ଧରା ରାଜେ ବିଧାୟକଙ୍କ ସହ ବୈଠକ କରି କେନ୍ଦ୍ରୀୟ ନେତୃତ୍ୱକୁ ବାର୍ତ୍ତା ଦେବାକୁ ଚେଷ୍ଟା କରିଛନ୍ତି । ସେପଟେ ମଧ୍ୟପ୍ରଦେଶରେ ଶିବରାଜ ସିଂ ଅନ୍ୟ ଏକ ରଣନୀତି ଆପଣାଇଛନ୍ତି । କେନ୍ଦ୍ରୀୟ ନେତୃତ୍ୱ ଯାହା କହିବେ ମାନିନେବେ ବୋଲି କହୁଛନ୍ତି ଶିବରାଜ ।

### ଜାତୀୟ କିକ୍ ବକ୍ସିଂ ପ୍ରତିଯୋଗିତାରେ ଓଡିଶାକୁ ୧୪ଟି ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୦୬/୧୨ (ନି.ପ୍ର): ନିକଟରେ ନୂଆଦିଲ୍ଲୀଠାରେ ସମାପ୍ତ ହୋଇଥିବା ଜାତୀୟ କିକ୍ ବକ୍ସିଂ ପ୍ରତିଯୋଗିତାରେ ଓଡିଶାକୁ ୧୪ଟି ସ୍ୱର୍ଣ୍ଣ, ୧୧ଟି ରୌପ୍ୟ ଏବଂ ୧୦ଟି କାଂସ୍ୟ ପଦକ ସହ ମୋଟ ୩୫ଟି ପଦକ ମିଳିଛି । ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଇଣ୍ଡୋର ଷ୍ଟାଡିୟମଠାରେ ଗତ ଡିସେମ୍ବର ୧ରୁ ଆରମ୍ଭ ହୋଇଥିବା ଏହି ସର୍ବଭାରତୀୟ ପ୍ରତିଯୋଗିତା ଡିସେମ୍ବର ୩ ତାରିଖରେ ସମାପ୍ତ ହୋଇଥିଲା। ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ପ୍ରାନ୍ତରୁ ୧୦୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ କିକ୍ ବକ୍ସିଂ, ଟାଇକୋଣ୍ଡ, ଡାର୍ଟ୍ସ, ଯୋଗ, ଆତ୍ମରକ୍ଷା, ସିଲାମ୍ବନ ଭଳି ଖେଳରେ ଅଂଶଗ୍ରହଣ କରିଥିଲେ। ଓଡିଶାରୁ ୩୫ ଜଣ ପ୍ରତିଯୋଗୀ କିକ୍ ବକ୍ସିଂ ପ୍ରତିଯୋଗିତାରେ ଭାଗ ନେଇଥିଲେ। କିକ୍ ବକ୍ସିଂ "ଫାଇଟ୍ସ"ରେ ଦିବ୍ୟାଂଶୀ ବିଶ୍ୱଜିତ ମହାନ୍ତି, ଆର୍ଶୀବାଦ ପଟ୍ଟନାୟକ, ସ୍ମୃତି ରଞ୍ଜନ ମାନସିଂହ, ବିଶ୍ୱଜିତ ପାଣି, ସକ୍ଷମ ସିଂହ, ଆୟୁଷ୍ମାନ ପରିଡା, ପ୍ରତିଜ୍ଞା ପ୍ରିୟଦର୍ଶିନୀ ବେହେରା, ରାହୁଲ ଘଦେଇ,

▶▶ପୃଷ୍ଠା ୭

# ଶିକ୍ଷା ପ୍ରଶାସନ କ୍ଷେତ୍ରରେ ଅଭିନବ ପ୍ରୟାସ ପାଇଁ ଜାତୀୟ ପୁରସ୍କାର: ଓଡ଼ିଶାରୁ ପାଇଲେ ଚାରି ଶିକ୍ଷା ଅଧିକାରୀ




ଭୁବନେଶ୍ୱର, ୦୬/୧୨ (ନି.ପ୍ର): ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ବିଭିନ୍ନ ସ୍ତରରେ କାର୍ଯ୍ୟରତ ଚାରିଜଣ ଶିକ୍ଷା ଅଧିକାରୀଙ୍କୁ ଶିକ୍ଷା ପ୍ରଶାସନ କ୍ଷେତ୍ରରେ ଅଭିନବ ପ୍ରୟାସ ପାଇଁ ବିଭିନ୍ନ ବର୍ଷ (୨୦୨୦ -୨୦୨୧ ଓ ୨୦୨୧ -୨୦୨୨ ) ପାଇଁ ମିଳିଛି ସମ୍ମାନଜନକ ଜାତୀୟ ପୁରସ୍କାର। ଏହି ତାଲିକାରେ ଅଛନ୍ତି କଟକ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ରାଉତ, ପ୍ରାକ୍ତନ ବ୍ଲକ ଶିକ୍ଷା ଅଧିକାରୀ, ବାଲିପାଟଣା ତଥା ବର୍ତ୍ତମାନର ଉପ ନିର୍ଦ୍ଦେଶକ ମହେଶ୍ୱର ସାହୁ, ଭୁବନେଶ୍ୱର ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ପ୍ରଜ୍ଞା ପାରମିତା ଜେନା ଓ ଗଞ୍ଜାମ ବ୍ଲକ ଶିକ୍ଷା ଅଧିକାରୀ ଭାଗୀରଥୀ ବେହେରା। ଭାରତ ସରକାରଙ୍କ ତରଫରୁ ଜାତୀୟ ଶୈକ୍ଷିକ ଯୋଜନା ଓ ପ୍ରଶାସନ ଅନୁଷ୍ଠାନ (ଏନଆଇଇପିଏ) ଦ୍ୱାରା ନୂଆଦିଲ୍ଲୀର ଡକ୍ଟର ଆମ୍ବେଦକର ଆନ୍ତର୍ଜାତୀୟ କେନ୍ଦ୍ର, ୧୫ ଜନପଥ, ନୂଆଦିଲ୍ଲୀ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ମାନନୀୟ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଠାରୁ ଉପରୋକ୍ତ ଶିକ୍ଷା ଅଧିକାରୀମାନେ ଏହି ସମ୍ମାନଜନକ ଜାତୀୟ ପୁରସ୍କାର ଗ୍ରହଣ କରି ଜାତୀୟ ସ୍ତରରେ ଓଡ଼ିଶାର ସମ୍ମାନ ବୃଦ୍ଧି କରିଛନ୍ତି। ଏହି କ୍ରମରେ ମହେଶ୍ୱର ସାହୁଙ୍କୁ ସୁନ୍ଦର ବିଦ୍ୟାଳୟ ପରିବେଶରେ ଆନନ୍ଦଦାୟକ ଶିକ୍ଷା ଦିଗରେ ଅଭିନବ ପ୍ରୟାସ ପାଇଁ ଜାତୀୟ ପୁରସ୍କାର ମିଳିଥିବା ବେଳେ, ଛାତ୍ରଛାତ୍ରୀ ମାନଙ୍କର ଅନଲାଇନ ପାଠପଢ଼ାସନ ପାଇଁ ଶିକ୍ଷଣ ସାମଗ୍ରୀ ସୃଷ୍ଟି ଓ ତାହାର ଉପଯୋଗ ଉପରେ ଡ. ସନ୍ତୋଷ କୁମାର ରାଉତଙ୍କୁ ଏହି ପୁରସ୍କାର ମିଳିଛି । ଅନ୍ୟ ପକ୍ଷରେ ଡ. ପ୍ରଜ୍ଞା ପାରମିତା ଜେନାଙ୍କୁ ବଗିଚାରେ ପାଠପଢା ଓ ଅନ୍ୟ ଅଭିନବ ପ୍ରୟାସ ପାଇଁ ଓ ଭାଗୀରଥୀ ବେହେରାଙ୍କୁ ବିଦ୍ୟାଳୟ ସ୍ତରରେ ଶିଶୁ ଲେଖକ ସୃଷ୍ଟି ଦିଗରେ ପ୍ରଚେଷ୍ଟା ପାଇଁ ମିଳିଛି ଜାତୀୟ ପୁରସ୍କାର ଓ ପ୍ରଶଂସା ପତ୍ର।

# କେନ୍ଦୁଝରରେ ଜିଲ୍ଲାସ୍ତରୀୟ ଶିଶୁପାଇଁ ଦିନଟିଏ ଏବଂ ବିଜୁ କନ୍ୟାରତ୍ନ ଯୋଜନାର ଶୁଭାରମ୍ଭ

କେନ୍ଦୁଝର, ୦୬/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ମିନି କନଫରେନ୍ସ ହଲଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉଦ୍ଦେଶ୍ୟରେ ଜିଲ୍ଲାରେ ଶିଶୁମାନଙ୍କର ସୁରକ୍ଷା ଓ ବିକାଶ ଦିଗରେ କାର୍ଯ୍ୟ କରୁଥିବା ୪ଟି କମିଟି ଯଥା ଜିଲ୍ଲାସ୍ତରୀୟ ଶିଶୁ ସୁରକ୍ଷା କମିଟି, କିଶୋରୀ ସଶକ୍ତିକରଣ ଓ ବାଲ୍ୟ ବିବାହ ପ୍ରତିରୋଧ ଟାସ୍କ ଫୋର୍ସ, ଶିଶୁ ଶ୍ରମିକ ନିରାକରଣ ଏବଂ ଚାଇଲ୍ଡ ଲାଇନ ପରାମର୍ଶଦାତା କମିଟିର ମିଳିତ ବୈଠକ ଡେପୁଟି କଲେକ୍ଟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଦେବାଙ୍ଗନା ବାରିକ ସମସ୍ତ କମିଟି ଗଠନ ହୋଇ ଅନୁରୂପ ଭାବରେ ବୈଠକ କରାଯାଇଥିବାର ସୂଚନା ଦେଇଥିଲେ । ପରେ ଆକ୍ସନ ଏଡ୍ ର ନ୍ୟାସନାଲ ପ୍ରୋଜେକ୍ଟ ଲିଡ୍ ଚାଇଲ୍ଡ ରାଇଟ୍ସ, ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଥିବା ସ୍ୟମାନଙ୍କର ଶିଶୁଙ୍କ ସୁରକ୍ଷା ପାଇଁ ଥିବା ଦାୟିତ୍ୱ ଉପରେ ଆଲୋଚନା କରିଥିଲେ । ପରେ ପରେ ଆକ୍ସନ ଏଡ୍ ର ମନିଟରିଂ ଆଣ୍ଡ ଇଭାଲ୍ୟୁସନ ଅଫିସର ମାନଙ୍କର ସୁରକ୍ଷା ଓ ବାଲ୍ୟ ବିବାହର ସମାପ୍ତ ଉଦ୍ଦେଶ୍ୟରେ ଜିଲ୍ଲାରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଓ ଆଗାମୀ ଦିନରେ କାର୍ଯ୍ୟକ୍ରମ ଉପରେ ବୈଠକରେ ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିଶୁ କନ୍ୟାରତ୍ନ ଯୋଜନାର ଶୁଭାରମ୍ଭ ହୋଇଥିଲା । ସେହିପରି ଭାବେ ଜିଲ୍ଲା ଶ୍ରମ ଅଧିକାରୀ ଶିଶୁ ଶ୍ରମିକ ଆଇନ ଓ ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହିତ ନିର୍ମାଣ ଶ୍ରମିକ ମାନଙ୍କ ଶିଶୁମାନଙ୍କ ପାଠ ପଢା ନିମନ୍ତେ ଦିଆଯାଉଥିବା ଛାତ୍ରବୃତି ଓ ସେମାନଙ୍କ ପରିବାରର ସ୍ୟମାନଙ୍କ ପାଇଁ ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଦିଆଯାଇଥିବା ସହାୟତା ରାଶିର ପ୍ରାବଧାନ ଉପରେ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କିପରି ଭାବରେ ଯେଉଁ ଗ୍ରାମଗୁଡିକରେ ବାଲ୍ୟ ବିବାହ ହେଉନାହିଁ ତାହାକୁ ବାଲ୍ୟ ବିବାହମୁକ୍ତ ଗ୍ରାମ ବୋଲି ଘୋଷଣା କରିପାରିବା ତା' ଉପରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଆସୋସିଏଟ୍ ଡାଇରେକ୍ଟର ଆକ୍ସନ ଏଡ୍, ଅଧ୍ୟକ୍ଷ ଶିଶୁ ମଙ୍ଗଳ ସମିତି, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସମାଜ ସୁରକ୍ଷା ଓ ସଶକ୍ତିକରଣ ଅଧିକାରୀ, ଡିପିସି ସମଗ୍ର ଶିକ୍ଷା, ଜିଲ୍ଲା ଶ୍ରମ ଅଧିକାରୀ, ପିଏମ୍ କେଡିଏ, ବିଭିନ୍ନ ବ୍ଲକର ସମନ୍ୱିତ ଶିଶୁ ପ୍ରକଳ୍ପ ଅଧିକାରୀ, ଆକ୍ସନ ଏଡ୍ ର ଜିଲ୍ଲା ସଂଯୋଜକ ବାଲ୍ୟ ବିବାହ ନିରାକରଣ ଉପସ୍ଥିତ ଥିଲେ । ଶିଶୁ କନ୍ୟାରତ୍ନ ଯୋଜନାର ଶୁଭାରମ୍ଭ ହେବା ସହ ଜିଲ୍ଲା ଶିକ୍ଷା ବିଭାଗ ଦ୍ୱାରା ଚୟନ ହୋଇଥିବା ୫ ଜଣ ପିଲାଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିଲା । ଯେଉଁ ପିଲାମାନେ ନିଜର ବିଦ୍ୟାଳୟରେ ଭଲ ରେଜଲ୍ଟ କରିଛନ୍ତି ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ମଧ୍ୟ ନିଜର ପାରଙ୍ଗମତା ଦେଖାଇ ପାରିଛନ୍ତି ସେହି ପିଲାମାନେ ଆଗକୁ କିପରି ଏହି ପ୍ରତିଭାକୁ ବଜାୟ ରଖିବେ ସେଥିପାଇଁ ଏହା ଜିଲ୍ଲା ପ୍ରଶାସନର ଏକ ପ୍ରୟାସ । ସେମାନେ ହେଲେ ଗୋବିନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟର କୋମଲ ମହାନ୍ତି, ଶିରିଷପାଳ ଫୁଲବାହାଡି ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ମାମି ଜାରା, ପଦ୍ମପୁର ମହାଲକ୍ଷ୍ମୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବର୍ଷାରାଣୀ ସର୍ଦ୍ଦାର, ବାଂଶପାଳ ବ୍ଲକ ରୁଗୁଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆଶା ନାଏକ, ଖିରେଇଟାଙ୍ଗିରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରିୟଦର୍ଶନୀ ମହାନ୍ତ ।

## ଦେଶି ମଦ ଚାଲାଣ ବେଳେ ଚଢଉ: ଜଣେ ଗିରଫ

ଜୟପୁର, ୦୬/୧୨ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ବିଭାଗ ଝିଲିମିଲିଗୁଡାରେ ଆଜି ଚଢଉ କରି ଜଣେ ମହିଳାକୁ ଗିରଫ କରିଛି । ଗିରଫ ମହିଳା ଅଭିଯୁକ୍ତ ଜଣକ ହେଲା ଝିଲିମିଲିଗୁଡା ଗ୍ରାମର ରଇବାରୀ ଗାଦବା (୩୭) । ଅବକାରି ବିଭାଗର ସୂଚନା ଅନୁଯାୟୀ, ଦେଶି ମଦ ଚାଲାଣ ହେଉଥିବା ସୂଚନା ପାଇ ଜୟପୁର ଅବକାରି ବିଭାଗ ଝିଲିମିଲିଗୁଡା ଗ୍ରାମ ରାସ୍ତାରେ ଚଢଉ କରି ଜଣେ ମହିଳାକୁ ଗିରଫ କରି ତାଠାରୁ ୩୫ ଲିଟର ଦେଶି ମଦ ଜବତ କରିଛି ।

# ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳନ

ସୁବର୍ଣ୍ଣପୁର, ୦୬/୧୨ (ନି.ପ୍ର): ଆଜି ସୁବର୍ଣ୍ଣପୁର ଠାରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବିଶ୍ୱ ମୃତିକା ଦିବସ ପାଳନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ଶ୍ରୀମତୀ ସୁପାର ଠେଲା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟ ନାରାୟଣ ଦାଶ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଡ଼ଃ ବିଭୁତି ଭୂଷଣ ମିଶ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହିତ ମୃତିକା ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦାସ ତାଙ୍କ ବକ୍ତବ୍ୟରେ ମାଟିକୁ ମା ସହିତ ତୁଳନା କରି ଭବିଷ୍ୟତ ପାଇଁ ମାଟିର ଗୁଣାତ୍ମକମାନଙ୍କୁ ବଜାୟ ରଖିବା ସହିତ, ମାଟିର ଆବଶ୍ୟକ ଯତ୍ନ ଏବଂ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଠେଲା ତାଙ୍କ ବକ୍ତବ୍ୟରେ ମାଟିର ଉପଯୁକ୍ତ ପରିଚାଳନା ଓ ମାଟିରେ ପରୀକ୍ଷା ଭିତିରେ ସାରା ପ୍ରୟୋଗ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ବିଶ୍ୱ ମୃତିକା ଦିବସ ଉପଲକ୍ଷେ ସୋନପୁର ଉଚ୍ଚ ବାଳିକା ବିଦ୍ୟାଳୟରେ 'ମୃତିକା ଓ ଜଳ ଏକ ଜୀବନର ଉତ୍ସ ' ଶୀର୍ଷକ ଉପରେ ଅନୁଷ୍ଠିତ ହୋଇଥିବା ପୋଷ୍ଟର ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ଛାତ୍ର ଛାତ୍ରୀ ମାନଙ୍କୁ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଦଶ ଜଣ ଚାଷୀଙ୍କୁ ତାଙ୍କ ନମୁନା ମାଟି ପରୀକ୍ଷା ଭିତିରେ ମୃତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୃଷି ଏବଂ ଆନୁଷଙ୍ଗିକ ବିଭାଗ ଯଥା ଉଦ୍ୟାନ କୃଷି, ମୃତିକା ସଂରକ୍ଷଣ ଏବଂ ଜଳଛାୟା ପ୍ରକଳ୍ପ , କୃଷି ବିଜ୍ଞାନ କେନ୍ଦ୍ର (ସୋନପୁର), ପ୍ରାଣୀ ସମ୍ପଦ ବିଭାଗ , ମତ୍ସ୍ୟ ବିଭାଗ ଦ୍ୱାରା କାର୍ଯ୍ୟକାରୀ ବିଭିନ୍ନ ଯୋଜନା ସମ୍ପର୍କରେ ଚାଷିମାନଙ୍କୁ ଅବଗତ କରିଥିଲେ। ପାରାଦ୍ୱୀପ ଫସଫେଟ ଲିମିଟେଡ, ମିଲେଟ ମିସନ ଏବଂ ମୃତିକା ପରୀକ୍ଷାଗାର ଦ୍ୱାରା ଖୋଲାଯାଇଥିବା ଷ୍ଟଲରେ ମୃତିକା ପରିଚାଳନା ସମ୍ପର୍କିତ ବିଭିନ୍ନ ପ୍ରକାର ଜୈବିକ ଉତ୍ପାଦ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକ ର ଅନେକ ଚାଷୀ ଅଂଶଗ୍ରହଣ କରିଥିଲେ। ମୃତିକା ପରୀକ୍ଷାଗାର ସୋନପୁର ର ବୈଷୟିକ ସହାୟକ ଶ୍ରୀ ଅମରେଶ ରାଉତରାୟ ତଥା ଅନ୍ୟାନ୍ନ କର୍ମଚାରୀଙ୍କ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରୀ ତରଭା ଶ୍ରୀମତୀ ସୁଶ୍ରୀସ୍ମିତା ପଣ୍ଡା ମଂଚ ପରିଚାଳନା କରିଥିଲେ।

# କେସିସି ବ୍ୟାଙ୍କ ଓ ଜୟପୁର ବଣିକ ସଂଘର ବୈଠକ

ଜୟପୁର, ୦୬/୧୨ (ନି.ପ୍ର): କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମିଳନି କକ୍ଷରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଇଶ୍ୱର ଚନ୍ଦ୍ର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ । ସଭାପତି ପାଣିଗ୍ରାହୀ ନିଜ ଅଭିଭାଷଣରେ ଜୟପୁର ବଣିକ ସଂଘର ସଭାପତି, ଉପ ସଭାପତି, ସମ୍ପାଦକ ତଥା ବଣିକ ସଂଘ ପରିଚାଳନା କମିଟି ସଦସ୍ୟ ମାନଙ୍କୁ ବ୍ୟାଙ୍କ ସଭାଗୃହକୁ ସ୍ୱାଗତ କରିଥିଲେ । କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ଅବିଭକ୍ତ କୋରାପୁଟ ଜିଲାରେ ୨୩ ଗୋଟି ଶାଖା ମାଧ୍ୟମରେ ଗ୍ରାହାକ ମାନଙ୍କୁ ସମସ୍ତ ବ୍ୟାକିଂ ସେବା ପ୍ରଦାନ କରୁଛି । ତଥା ୭ଟି ଏଟିଏମ ମାଧ୍ୟମରେ ୨୪ ଘଂଟିଆ ସେବା ପ୍ରଦାନ କରୁଛି । ଏହା ସହ ଆରଟିଜିଏସ, ଏନଇଏଫଟି ଓ ଆଇଏମଡିଏସ ମାଧ୍ୟମରେ ଅର୍ଥ ପ୍ରରେଣ ସୁବିଧା ଯୋଗାଉଛି । ବ୍ୟାଙ୍କର ସମ୍ପାଦକ ଅଭୟ କୁମାର ଲେଙ୍କା ନିଜର ଅଭିଭାଷଣରେ ବ୍ୟାଙ୍କର ଇତିହାସ ଓ ବର୍ତମାନ ଆର୍ଥିକ ପ୍ରଗତି ଉପରେ ଆଲୋକପାତ କରିଥିଲେ । ଏହା ସହ ବଣିକ ସଂଘର କର୍ମକର୍ତା ମାନଙ୍କୁ ବ୍ୟାଙ୍କ ସହ ଜଡିତ ହୋଇ ଟଙ୍କା ଜମା ତଥା ଋଣର ସୁବିଧା ନେବା ପାଇ ଆହ୍ୱାନ ଦେଇଥିଲେ । ଏହା ପରେ ଜୟପୁର ବଣିକ ସଂଘର ସଦସ୍ୟ ମାନେ ବ୍ୟାଙ୍କର ଉତ୍ପାଦ ଗୁଡିକ ଆକର୍ଷିତ କରିବା ପାଇ ବିଭିନ୍ନ ଗଠନମୂଳକ ପରାମର୍ଶ ପ୍ରଦାନ କରିଥିଲେ । ତଥା କେସିସି ବ୍ୟାଙ୍କର ଉତ୍ପାଦ ଗୁଡିକୁ କ୍ଷୁଦ୍ର ବ୍ୟବସାୟ ମାନଙ୍କ ପାଖରେ ପହଂଚାଇବାକୁ ଅନୁରୋଧ କରିଥିଲେ । ଶେଷରେ ବ୍ୟାଙ୍କ ଲୋନ ମ୍ୟାନେଜର ଅରୁଣ ସାହୁ ଧନ୍ୟବାଦ ଦେଇଥିବା ବେଳେ ବରିଷ୍ଠ ଅଧିକାରି ଅତୁଲ୍ୟ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଝିଅଙ୍କ ସଂଖ୍ୟା ହ୍ରାସ, ଦେଶରେ ଓଡ଼ିଶା ୬ ନମ୍ବର: ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗର ରୋଡ୍‌ମ୍ୟାପ୍



ଭୁବନେଶ୍ୱର, ୦୬/୧୨ (ନି.ପ୍ର): ରାଜ୍ୟରେ ବଢୁଛି ଲିଙ୍ଗଗତ ଅସମାନତା। ଜନ୍ମ ସମୟରେ ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା କମୁଛି। ଉପାନ୍ତ ଅପେକ୍ଷା ଉପକୂଳ ଜିଲ୍ଲାରେ ସ୍ଥିତି ସଂଗୀନ ରହିଛି। ଗତ ୪ବର୍ଷରେ ୨୩ ପଏଣ୍ଟ ହ୍ରାସ ପାଇଛି। ଝିଅଙ୍କ ସଂଖ୍ୟା ହ୍ରାସରେ ଦେଶରେ ୬ ନମ୍ବର ସ୍ଥାନରେ ରହିଛି ଓଡ଼ିଶା। ତେଣୁ ଝିଅଙ୍କ ସଂଖ୍ୟା ହ୍ରାସରେ କିଭଳି ରୋକ୍ ଲାଗିବ ଓ ଲିଙ୍ଗଗତ ଅସମାନତା ହ୍ରାସ ପାଇବ ସେଥିପାଇଁ ବିଭିନ୍ନ ଅଂଶୀଦାରଙ୍କୁ ନେଇ ମାନସ ମନ୍ଥନ ଆରମ୍ଭ କରିଛି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ। ୨୦୩୦କୁ ନଜରରେ ରଖି ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଉଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତାକାଲି ଏହାର ଉନ୍ମୋଚନ କରାଯିବ। ରାଜ୍ୟରେ ଝିଅଙ୍କ ସଂଖ୍ୟାରେ ହ୍ରାସ ଆଜିର ସମସ୍ୟା ନୁହେଁ। ୧୯୬୧ ମସିହା ଜନଗଣନାରୁ ଏହା ପ୍ରତିଫଳିତ ହେଉଛି। ୧୯୬୧ ଜନଗଣନାରେ ରାଜ୍ୟରେ ୧ହଜାର ପୁଅଙ୍କ ତୁଳନାରେ ୧୦୩୫ ଝିଅ ରହିଥିଲେ। ୧୯୭୧ରେ ଏହା ୧୦୨୦, ୧୯୮୧ରେ ୯୯୫, ୧୯୯୧ରେ ୯୬୭, ୨୦୦୧ରେ ୯୫୩ ଓ ୨୦୧୧ ଜନଗଣନାରେ ୯୪୧ ରହିଥିଲା। ସେହିପରି ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ବା ଏନ୍‌ଏଫ୍‌ଏଚ୍‌ଏସ୍-୫(୨୦୨୦-୨୧)ରେ ଝିଅଙ୍କ ହାର ୮୯୪କୁ ଖସି ଆସିଥିବା ଜଣାପଡ଼ିଥିଲା। ଯାହାକି ଏନ୍‌ଏଫ୍‌ଏଚ୍‌ଏସ୍-୪ରେ ଏହା ୯୩୨ ରହିଥିଲା। ଏହାସହ ସାମ୍ପୁଲ ରେଜିଷ୍ଟ୍ରେସନ୍ ସିଷ୍ଟମ୍ (ଏସ୍‌ଆରଏସ୍) ୨୦୧୪-୨୦୧୮ରେ ଏହି ସଂଖ୍ୟା ୯୪୮ ଥିବା ବେଳେ ୨୦୧୮-୨୦ରେ ଏହା ୯୨୫କୁ ଖସି ଆସିଛି। ମାତ୍ର ରାଜ୍ୟରେ ସାମୂହିକ ଲିଙ୍ଗ ହାରରେ ବୃଦ୍ଧି ଘଟିଛି। ୨୦୧୫-୧୬ରେ ଏହା ୧୦୩୬ ଥିବା ବେଳେ ୨୦୨୦-୨୧ରେ ଏହା ୧୦୬୩କୁ ବୃଦ୍ଧି ପାଇଛି। ଜାତୀୟ ସ୍ତରରେ ଏହି ସଂଖ୍ୟା ୯୦୭ ରହିଛି। ଝିଅଙ୍କ ସଂଖ୍ୟାରେ ହ୍ରାସ ହେଉଥିବା ରାଜ୍ୟ ମଧ୍ୟରେ କେରଳ, ଛତିଶଗଡ଼, ହିମାଚଳପ୍ରଦେଶ, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶ ପରେ ଓଡ଼ିଶା ରହିଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ମଧ୍ୟ ଲିଙ୍ଗଗତ ଅସମାନତା ବଢ଼ିବାରେ ଲାଗିଛି। ନୟାଗଡ଼ରେ ୮୧୧, ଢେଙ୍କାନାଳ ୮୫୬, ସୋନପୁର ୮୮୦, ଅନୁଗୁଳ ୮୮୫, ଜଗତସିଂହପୁର ୮୯୭, କେନ୍ଦ୍ରାପଡ଼ା ୮୯୮ ରହିଛି। ଜନ୍ମ ସମୟରେ ଲିଙ୍ଗ ନିରୂପଣ ଜନିତ ଗର୍ଭପାତ, ପୁତ୍ର ସନ୍ତାନକୁ ପ୍ରାଧାନ୍ୟ ଆଦି ଲିଙ୍ଗଗତ ଜନ୍ମହାର ହ୍ରାସର ପ୍ରମୁଖ କାରଣ। ଆଜିର କର୍ମଶାଳାରେ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା.ବିଜୟ ପାଣିଗ୍ରାହୀ, ୟୁଏନ୍‌ଏଫ୍‌ପିଏ ଓଡ଼ିଶା ମୁଖ୍ୟ ମହମ୍ମଦ ନଦ୍ଦିମ ନୁର ଓ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଶିଶୁ ଅଧିକାରରର ସୁରକ୍ଷା ନେଇ ସଚେତନତା କର୍ମଶାଳା ଅନୁଷ୍ଠିତ

ବଲାଙ୍ଗୀର, ୦୬/୧୨ (ନି.ପ୍ର): ଆଜି ବଲାଙ୍ଗୀର ଜ୍ଜିଲ୍ଲାରେ ଓଡିଶା ଶିଶୁ ଅଧିକାର ଆୟୋଗ, ୟୁନିସେଫ ଏବଂ ଏଡ ଏଟ ଆକ୍ସନ ମିଳିତ ସହଯୋଗରେ ଶିଶୁ ସ୍ଥାନାନ୍ତରଣ ତଥା ଅନ୍ୟାନ୍ୟ ଅସୁରକ୍ଷିତ ଶିଶୁମାନଙ୍କ ସୁରକ୍ଷା ତଥା ସେମାନଙ୍କୁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତିକରଣ ଉପରେ ୭ ଟି ଦାଦନ ପ୍ରବଣ ଜ୍ଜିଲ୍ଲା ବଲାଙ୍ଗୀର , ନୂଆପଡା, ବରଗଡ, କଳାହାଣ୍ଡି , ବୌଦ୍ଧ, ସୁବର୍ଣ୍ଣପୁର ଏବଂ ସମ୍ବଲପୁରକୁ ନେଇ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଓଡିଶା ଶିଶୁ ଅଧିକାର ଆୟୋଗ ଅଧ୍ୟକ୍ଷା ଶ୍ରୀମତୀ ମନ୍ଦାକିନୀ କର ଉଦଘାଟନ କରିଥିଲେ। ଏଡ଼ ଏଟ ଆକ୍ସନର ନିର୍ଦ୍ଦେଶକ ଉମି ଡାନିଏଲ କହିଥିଲେ ଯେ ପଶ୍ଚିମ ଅଂଚଳ ଜିଲ୍ଲାରେ ପରିବାର ସହିତ ଋତୁକାଳୀନ ଶ୍ରମ ସ୍ଥାନାନ୍ତରଣ ଏକ ବ୍ୟାପକ ଘଟଣା। ବହୁସଂଖ୍ୟକ ଶିଶୁ ନିଜ ବାପାମାଆଙ୍କ ସହ ଇଟାଭାଟିକୁ ଯାଆନ୍ତି ଏବଂ ଯେଉଁମାନେ ଗାଁରେ ରୁହନ୍ତି ସେମାନେ ବାପା ମା ନଥିବାରୁ ଅନେକ ସମୟରେ ଅସୁରକ୍ଷିତ ହୋଇପଡନ୍ତି । ଏହାବ୍ୟତୀତ, କୋଭିଡ ପରବର୍ତୀ ପରିସ୍ଥିତିରେ ବିଭିନ୍ନ ପ୍ରକାର ବିପଦ, ଶୋଷଣ ଏବଂ ଅସୁବିଧାର ସମ୍ମୁଖୀନ ହେଉଥିବା ଶିଶୁଙ୍କ ପ୍ରତି ବିପଦ ବୃଦ୍ଧି ପାଇଛି। ସେ ରାଜ୍ୟରେ ଶିଶୁ ମାନଙ୍କ ପ୍ରତି ଅପରାଧ ୨୦୨୨ ମସିହାରେ ୮.୬ ପ୍ରତିଶତ ବଢିଥିବା ବେଳେ ସେମାନଙ୍କ ନିମନ୍ତେ ଆହ୍ୱାନର ମୁକାବିଲା ପାଇଁ ଏକ ବ୍ୟାପକ ସମନ୍ୱୟ ବ୍ୟବସ୍ଥାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଶିଶୁ ଅଧିକାର କମିଶନ ଅଧ୍ୟକ୍ଷା ମନ୍ଦାକିନୀ କର କହିଥିଲେ ଯେ ଓଡିଶାର ପଶ୍ଚିମ ଜିଲ୍ଲାରେ ଶିଶୁମାନଙ୍କୁ ପ୍ରଭାବିତ କରୁଥିବା ଆହ୍ୱାନ ର ମୁକାବିଲା ପାଇଁ ସରକାର ସକ୍ରିୟ ପଦକ୍ଷେପ ଗ୍ରହଣ କରିଛନ୍ତି। ସେଥିମଧ୍ୟରେ ପ୍ରବାସ ପ୍ରଭାବିତ ଶିଶୁମାନଙ୍କ ପାଇଁ ଋତୁକାଳୀନ ହଷ୍ଟେଲ ପ୍ରତିଷ୍ଠା ସାମିଲ ରହିଛି, ''ଆଶୀର୍ବାଦ ଯୋଜୋନା'' ଭଳି ପଦକ୍ଷେପ ଜରିଆରେ କୋଭିଡ-୧୯ ଦ୍ୱାରା ଅନାଥ ହୋଇଥିବା ଲୋକଙ୍କୁ ସହାୟତା, ବାଲ୍ୟ ବିବାହ ରୋକିବା ପାଇଁ ଆକ୍ସନ ପ୍ଲାନ୍ କାର୍ଯ୍ୟକାରୀ କରିବା, ଆଇଏଏଚଟିୟୁ ମାଧ୍ୟମରେ ଶିଶୁ ଚାଲାଣ ରୋକିବା ପାଇଁ ପଦକ୍ଷେପ, ଏବଂ ଶିଶୁ ଶ୍ରମିକ ରୋକିବା ପାଇଁ ପ୍ରୟାସ। ଏଥିସହ ଶିଶୁମାନଙ୍କ ପାଇଁ ସାଇବର୍ ବିପଦ ସମ୍ପର୍କରେ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ଏହି ଜିଲ୍ଲାଗୁଡ଼ିକରେ ନାଗରିକ ସମାଜ ସଙ୍ଗଠନ ମଧ୍ୟ ଶିଶୁ ଅଧିକାର ସମସ୍ୟାର ସମାଧାନରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଶିଶୁ ସୁରକ୍ଷା ଆୟୋଗ ଦ୍ୱାରା ବିଭିନ୍ନ ସମୟରେ ଜାରି କରାଯାଇଥିବା ଦିଶାନିର୍ଦ୍ଦେଶ ଏହି ଶିଶୁମାନଙ୍କ ସୁରକ୍ଷା ପାଇଁ ଅନେକ ସମୟରେ ସହାୟକ ହୋଇପାରିଛି। ଆଜିର ଏହି କର୍ମଶାଳାରେ ପ୍ରବାସୀ ଓ ଅନ୍ୟାନ୍ୟ ଦୁର୍ବଳ ପିଲାଙ୍କ ସୁରକ୍ଷା ପାଇଁ ବିଭିନ୍ନ ଲାଇନ୍ ବିଭାଗ ଦ୍ୱାରା କରାଯାଉଥିବା କାର୍ଯ୍ୟର ଶିଶୁ ଅଧିକାର ଆୟୋଗ ସମୀକ୍ଷା କରିବା ସହ ସରକାରୀ ଉଦ୍ୟମକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବେବୋଲି ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଲାଙ୍ଗୀର ଜ୍ଜିଲ୍ଲା ଅତିରିକ୍ତ ଜ୍ଜିଲ୍ଲାପାଳ ଧାରୁଆ, ଅତିରିକ୍ତ ଏସପି ଶ୍ରୀ ସୁରେଶ ଚନ୍ଦ୍ର ନାୟକ ତାଙ୍କର ସୁଚିନ୍ତିତ ମତାମତ ରଖିଥିଲେ। ବିଭିନ୍ନ ଜ୍ଜିଲ୍ଲାରୁ ଆସିଥିବା ସରକାରୀ ଅଫିସର ମାନେ ସେମାନଙ୍କ ବିଭାଗ ଦ୍ୱାରା ନିଆଯାଉଥିବା ପଦକ୍ଷେପଗୁଡିକୁ କହିଥିଲେ। ଏଥିସହିତ ବିଭିନ୍ନ ନାଗରିକ ସଂଗଠନ, ସ୍ୱେଚ୍ଛାସେବୀ ସଂଗଠନ ମାନେ ମଧ୍ୟ ନିଜର ମତ ରଖିଥିଲେ। ବୈଠକରେ ଶିଶୁ ସ୍ଥାନାନ୍ତରଣ, ବାଲ୍ୟ ବିବାହ, ଶିଶୁ ଶ୍ରମିକ, ଶିଶୁ ଚାଲାଣ ଏବଂ ଅନ୍ୟାନ୍ୟ ଶିଶୁ ଦୁର୍ବଳତା ଏବଂ ବିପଦର ମୁକାବିଲା ପାଇଁ ଶର୍କରୀ ଏବଂ ବେସରକରି ସ୍ତରରେ ସମନ୍ୱୟ ଏବଂ ଭାଗିଦାରୀ ସହିତ ସମସ୍ତେକାର୍ଯ୍ୟ କରିବେ ଏବଂ ଆଜିର ଏହି ପରାମର୍ଶ କର୍ମଶାଳାର ନିଷ୍କର୍ଷ ନିଶ୍ଚିତ ରୂପେ ଶିଶୁ ଅଧିକାର ଆୟୋଗକୁ ଶିଶୁ ଅଧିକାରରର ସୁରକ୍ଷା ନିମନ୍ତେ ଆହୁରି ଦୃଢତାର ସହିତ କାର୍ଯ୍ୟ କରିବାକୁ ସହାୟକ ହେବ ବୋଲି ମତ ପ୍ରକାଶ ପାଇଥିଲା। ବଲାଙ୍ଗୀର ଜ୍ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ଲକ୍ଷ୍ମୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ କୁ ସରୋଜ କୁମାର ବାରିକ , ଜ୍ୟୋତିପ୍ରକାଶ ବ୍ରହ୍ମା ଓ ଦୟାସାଗର ପଧାନ ପରିଚାଳନା କରିଥିଲେ।

# ସ୍ୱାମୀ ବିବେକାନନ୍ଦ ଲୋକସଂସଦର ୨୮ତମ ଇ- ପାଠଚକ୍ର ଅନୁଷ୍ଠିତ

ମାଲକାନଗିରି, ୦୬/୧୨ (ନି.ପ୍ର): ସ୍ୱାମୀ ବିବେକାନନ୍ଦ ଲୋକସଂସଦ ମାଲକାନଗିରି ଜିଲ୍ଲା ଆନୁକୁଲ୍ୟରେ ୨୮ ତମ ଆଭାସୀ ଇ- ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଭାସୀ କାର୍ଯ୍ୟକ୍ରମରେ ସ୍ଥାନୀୟ ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଅଧ୍ୟାପକ ତଥା ସ୍ୱାମୀ ବିବେକାନନ୍ଦ ଲୋକସଂସଦ ମାଲକାନଗିରି ଜିଲ୍ଲା ଶାଖାର ସଭାପତି ଡଃ. ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ପଡ଼ିଆ ବ୍ଲକ୍ ଅଧିନସ୍ଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ତଥା ତାମାଦୋରା ପୁସ୍ତକର ଯୁଗ୍ମ ରଚୟିତା ପ୍ରଶାନ୍ତ କୁମାର ପରିଡା '' ମୁଁ କିଏ ?'' ପ୍ରସଙ୍ଗ ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଉପସ୍ଥାପନା ଶୈଳୀ ସୁନ୍ଦର ଓ ସାବଲୀଳ ହୋଇଥିବାରୁ ଶ୍ରୋତା ମଣ୍ଡଳୀ ଦ୍ୱାରା ଏହା ବିଶେଷ ଆଦୃତ ଲାଭ କରିଥିଲା । ସଂସଦର ଆଜୀବନ ସଦସ୍ୟ ଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ସଂସଦର ସଦସ୍ୟା ସାଧନରାଣୀ ମଣ୍ଡଳ ମନ୍ତ୍ରପାଠ, ଶିକ୍ଷୟିତ୍ରୀ ପ୍ରତିମା ନାୟକ ବିବେକ ବାଣୀ ପଠନ, ଶିକ୍ଷୟିତ୍ରୀ ଅଙ୍ଗୁର ବାଳା ସ୍ୱାଇଁ ଶାନ୍ତି ପାଠ କରିଥିଲେ। ପରିଶେଷରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଦକ୍ଷିଣ ସଂଭାଗର ସମ୍ପାଦକ ରବୀନ୍ଦ୍ର କୁମାର ମହାରଣା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟପାଳଙ୍କ ଢେଙ୍କାନାଳ ଜିଲ୍ଲା ଗସ୍ତ

ଭୁବନ, ୦୬/୧୨ (ନି.ପ୍ର): ରାଜ୍ୟପାଳ ଶ୍ରୀଯୁକ୍ତ ରଘୁବର ଦାସ ଦାୟିତ୍ୱ ଗ୍ରହଣ କରିବାପରେ ପ୍ରଥମଥର ଢେଙ୍କାନାଳ ଜିଲ୍ଲା ଗସ୍ତରେ ଆସି ପୂର୍ବାହ୍ନରେ କପିଳାସ ପୀଠାଧିଶ ପ୍ରଭୁ ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିଛନ୍ତି କ୍ଷ ଦର୍ଶନ ପରେ ସେ ମନ୍ଦିରର ପୂଜକମାନଙ୍କ ସହ ବାର୍ତା ବିନିମୟ କରିଥିଲେ । ଏହା ପରେ ମହାମହିମ ଦେଓଗାଁ (ଖ) ଅଙ୍ଗନ୍ୱାଡି କେନ୍ଦ୍ର ପରିଦର୍ଶନ କରି ଅଙ୍ଗନ୍ୱାଡି କର୍ମୀ ଓ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ । ପରେ ପରେ ସେ ଦେଓଗାଁ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀ ଓ ଶିକ୍ଷୟତ୍ରୀମାନଙ୍କ ସହ ଆଲୋଚନା କରିଥିଲେ । ବିଦ୍ୟା ଅଧ୍ୟୟନ ଦ୍ୱାରା ଜ୍ଞାନର ପରିସୀମା ବୃଦ୍ଧି କରି ନିଜକୁ ମହାନ କରି ଗଢି ତୋଳିବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । ଏହା ପରେ ରାଜ୍ୟପାଳ ଦେଓଗାଁ ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ବିଦ୍ୟାଳୟରେ ହେଉଥିବା ଶିକ୍ଷାଦାନ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ ହୋଇ ଖୁସି ବ୍ୟକ୍ତ କରିଥିଲେ । ଏହାସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପ୍ରଣୀତ ନୂତନ ଜାତୀୟ ଶିକ୍ଷାନୀତି କିପରି ଶିକ୍ଷକ୍ଷେତ୍ରରେ ବୈପ୍ଲବିକ ପରିବର୍ତନ ଆଣିଛି ଓ ଛାତ୍ରଛାତ୍ରୀ ମାନେ କିପରି ନିଜ ମାତୃଭାଷା ରେ ମଧ୍ୟ ଉଚ୍ଚ ଶିକ୍ଷା ଲାଭ କରିପାରୁଛନ୍ତି ସେ ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ କହିଥିଲେ । ମଧ୍ୟାହ୍ନ ରେ ଢେଙ୍କାନାଳ ସଦର ମହକୁମା ସ୍ଥିତ ସର୍କିଟ ହାଉସ ରେ ମହାମହିମଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା । ମହାମହିମ ରାଜ୍ୟପାଳ ଅପରାହ୍ନରେ ଯୋରନ୍ଦା ମହିମାଗାଦି ପରିଦର୍ଶନ କରି ମହିମା ସାଧୁସନ୍ଥମାନଙ୍କ ସହିତ ବାର୍ତାଳାପ କରିଥିଲେ ଓ ସେମାନଙ୍କ ଅସୁବିଧା ସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ପରେ ଯୋରନ୍ଦାସ୍ଥିତ ବୃଦ୍ଧାଶ୍ରମକୁ ଯାଇ ଆଶ୍ରମର ପରିଚାଳନା ସମ୍ପର୍କରେ ଅବଗତ ହୋଇଥିଲେ । ଏହା ପରେ ସେ ଯୋରନ୍ଦା ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିଦର୍ଶନ କରି ସ୍ଥାନୀୟ ବାସିନ୍ଦାଙ୍କ ସହିତ ଆଲୋଚନା କରିଥିଲେ। ଏହାସହିତ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ସହ ଭାବ ବିନିମୟ କରିଥିଲେ। ସେମାନଙ୍କ କାର୍ଯ୍ୟପନ୍ଥା କଣ ରହୁଛି ତା ସହ ସେମାନେ କଣ କଣ ସୁବିଧା ସୁଯୋଗ ପାଉଛନ୍ତି ସେ ବିଷୟରେ ପଚାରିଥିଲେ ଓ ସେମାନଙ୍କୁ ଆଉ ନୂତନ ଅଭିନ୍ୱ ଉପାୟ ମାନ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଯେପରିକି ସେ କହିଥିଲେ ସେ ଯେତେବେଳେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଥିଲେ ସେତେବେଳେ ସେ ସେଠାରେ ମହିଳା ମାନଙ୍କୁ ଗୋବର ବ୍ୟାଙ୍କ କରିବାକୁ ପରାମର୍ଶ ଦେଇଥିଲେ ଯାହାକି ସଫଳତା ଲାଭ କରିଥିଲା।

GOVERNMENT OF ODISHA
DEPARTMENT OF WATER RESOURCES

OFFICE OF THE SUPERINTENDING ENGINEER
JAGATSINGHPUR IRRIGATION DIVISION

**TENDER CALL NOTICE**
INVITATION FOR BIDS (IFB)

**IDENTIFICATION NO-JSD-18/2023-24**

The Superintending Engineer, Jagatsinghpur Irrigation Division on behalf of Governor of Odisha invites percentage Rate off-line Bid in sealed cover from eligible class of registered contractors for execution of civil works as detailed in the table mentioned below registered with state Government & contractors of equivalent grade / class registered with central Government / MES/ Railway to be eventually drawing agreement in P-1 contract froms of Govt. of Odisha.

| | | | |
|---|---|---|---|
| 1- | Name of work | : | Detail can be seen in the DTCN of the respective works |
| 2- | Total No. of Works | : | 105 (One hundred five) |
| 3- | Estimated Cost put to Tender (Rs. In Lakhs) | : | Varies from Rs.3.50 lakhs to Rs. 4.20 lakhs. Details can be seen in the DTCN of the respective works |
| 4- | Cost of Bid Documents | : | Details can be seen in DTCN |
| | Bid Security of the estimated cost put to teder | : | Details can be seen in DTCN |
| 5- | Period of Completion | : | Details can be seen in DTCN |

6- Other details as follows

| | | | |
|---|---|---|---|
| (i) | Tender Inviting Authority | : | Superintending Engineer, Jagatsinghpur Irrigation Division, Jagatsinghpur |
| (ii) | Availability of Tender Document for bidding | : | 12.12.2023 from 10.00A.M to 21.12.2023 up to 5.00 P.M |
| (iii) | Date of opening of Bid Document | : | On 22.12.2023 at 11.00 A.M in the office of the Superintending Engineer, Jagatsinghpur Irrigation Division |
| (iv) | Decision to Conduct lottery | : | If required the transparent lottery shall be conducted on 27.12.2023 at 11.00 A.M onwards in the office of the Superintending Engineer, Jagatsinghpur Irrigation Division |

Sd/-
**Superintending Engineer**
**Jagatsinghpur Irrigation Division,**
**Jagatsinghpur**


## ମୋଟାପଣର କାରଣ



କାନାଡ଼ାର ଗବେଷକ ଦଳ ନିକଟରେ ସଂଖ୍ୟାଧିକ ଲୋକଙ୍କୁ ନେଇ ଏକ ପରୀକ୍ଷା କରିଥିଲେ। ନାନାପ୍ରକାର ପରୀକ୍ଷାନିରୀକ୍ଷା ସହ ସନ୍ତୁଳିତ ଭୋଜନରେ କେତେଜଣଙ୍କ ଓଜନ ନିୟନ୍ତ୍ରଣ ହୋଇଥିଲା। ହେଲେ ଅନ୍ୟ କେତେଜଣଙ୍କ ଓଜନ କମିବା ବଦଳରେ ଦିନକୁ ଦିନ ବଢ଼ିବାକୁ ଲାଗିଲା। ଗବେଷକମାନେ ଏହାର କାରଣ ଖୋଜିବାକୁ ତତ୍‌କ୍ଷଣାତ୍ ଲାଗିପଡ଼ିଲେ। ଆମେରିକାରେ ଉପଲବ୍ଧ ହେଉଥିବା ଏକ ନାମକରା କମ୍ପାନୀକୁ ହ୍ୟାଣ୍ଡ ୱାଶ କାରଣରୁ ଲୋକେ ମୋଟା ହେଉଥିବାର ତଥ୍ୟ ଜଣାପଡ଼ିଲା। ହ୍ୟାଣ୍ଡ ୱାଶରେ ଟ୍ରିକଲୋସାନ୍ ନାମକ ଆଣ୍ଟି-ବ୍ୟାକ୍ଟେରିଆ ତତ୍ତ୍ୱ ହର୍ମୋନ୍ ସିଷ୍ଟମକୁ ପ୍ରଭାବିତ କରୁଥିବାରୁ ଲୋକେ ମୋଟା ହେଉଥିବାର ଗବେଷରୁ ପ୍ରକାଶ। ଆମେରିକାର କେତୋଟି ଅଂଚଳରେ ଏହି ଏହି ହ୍ୟାଣ୍ଡ ୱାଶ୍ ବିକ୍ରି ନେଇ କଟକଣା ଲାଗୁ କରାଯାଇଛି।

ସୋସିଆଲ ସାଇଟରେ ଅନ୍-ଲାଇନ୍ ରହୁଥିବାବେଳେ ଯୁବପିଢ଼ି ଆବଶ୍ୟକତାଠାରୁ ଅଧିକ ଖାଉଥିବାର ପ୍ରକାଶ।

ନିଜ ପ୍ରିୟ ବ୍ୟଂଜନକୁ ଟେଲିଭିଜନ କିମ୍ବା ରେଷ୍ଟୋରାଁରେ ଦେଖିବା ମାତ୍ରେ ଏଡ୍ରେନାଲିନ୍ ଓ ଏଡ୍ରେନାଲାଇନ୍ ନାମକ ହରମୋନ୍ ବାହାରୁଥିବାରୁ ମଧ୍ୟ ମୋଟାପଣ ବଢ଼ିଥାଏ।

ଲୁଣ ଅଧିକ ପରିମାଣରେ ଖାଉଥିବା ଲୋକଙ୍କ ପେଟ ଫୁଲିବା ସହ ଓଜନ ବଢ଼େ।

ପ୍ଲାଷ୍ଟିକ ବୋତଲରେ ପାଣିପିଇବା ମଧ୍ୟ କ୍ଷତିକାରକ। ଏଥିରେ ଥିବା ଏକ ପ୍ରକାର ରାସାୟନିକ ଦ୍ରବ୍ୟ ମୋଟା କରାଉଥିବାର ଗବେଷକଙ୍କ ମତ।

## ଭାରସାମ୍ୟ ବଢ଼ିବ



ଗୋଡ଼, ଅଣ୍ଟା, ପିଠି ତଥା ତଳିପେଟର ଅଙ୍ଗପ୍ରତ୍ୟଙ୍ଗ ଯେତେ ସବଳ ଶରୀର ସେତେ ସୁସ୍ଥ। ଶରୀରର ଏହିସବୁ ଅଂଶକୁ ମଜବୁତ କରିବାକୁ ଠିଆ ହୋଇ କିଛି ବ୍ୟାୟାମ କରିବାକୁ ହୁଏ। ଏବେ ଚେୟାର ସାହାଯ୍ୟରେ ଅନେକସ୍ତରରେ ବ୍ୟାୟାମ କରି ଏଭଳି ସୁଫଳ ଲାଭ କରାଯାଇ ପାରୁଛି।

▶ ଚେୟାର ଓଲଟାଇ ରଖି ତା ପଛରେ ସିଧା ଠିଆ ହୁଅନ୍ତୁ। ଚେୟାର ଠାରୁ ଶରୀରର ବ୍ୟବଧାନ ୨ ଫୁଟ ରହିବା ଆବଶ୍ୟକ।

▶ ଉପରକୁ ରହିଥିବା ଚେୟାରର ଅଂଶକୁ ଧରି ଡାହାଣ ପାଦ ସିଟର ଗଡ଼ାଣିଆ ପୃଷ୍ଠ ଉପରେ ରଖନ୍ତୁ।

▶ ବାମ ଗୋଡକୁ ଚେୟାରଠାରୁ ୪ ଫୁଟ ଦୂରକୁ ନିଅନ୍ତୁ। ଅଣ୍ଟାକୁ ପଛକୁ ବୁଲାନ୍ତୁ ଓ ବାମ ବାହୁ ଚେୟାରର ବାର ଉପରେ ରଖନ୍ତୁ। ଅଣ୍ଟା ବୁଲାଇ ଆଣିବା ପରେ ଡାହାଣ ପାପୁଲି ଅଣ୍ଟା ଉପରେ ରଖି ବାମ ହାତରେ ଗ୍ରୀପକୁ ମଜବୁତ କରି ଧରନ୍ତୁ। ଏହାପରେ ଶରୀରକୁ ଯଥାସମ୍ଭବ ପଛକୁ ମୋଡନ୍ତୁ।

▶ ବାମ ଗୋଡର ନି-କ୍ୟାପ ଉପରକୁ ଟାଣି ରଖିବା ସହ ବାମ ପାଦର ବାହାର ଅଂଶକୁ ଭୂମିରେ ଚାପି ରଖନ୍ତୁ। ଏହାପରେ ଧୀରେ ଧୀରେ ଡାହାଣ ହାତକୁ ଉପରକୁ ଉଠାନ୍ତୁ ବେକ ବୁଲାଇ ଡାହାଣ ହାତ ପାପୁଲିକୁ ଚାହାନ୍ତୁ। ଏହି ଅବସ୍ଥାରେ ୨୦-୩୦ ସେକେଣ୍ଡ ରିହ ଧୀରେ ଧୀରେ ଗଭୀର ଶ୍ୱାସ ଗ୍ରହଣ କରନ୍ତୁ। ଏହାପରେ ଧୀରେ ଧୀରେ ପୂର୍ବାବସ୍ଥାକୁ ଫେରି ତାପରେ ବାମ ଗୋଡରେ ରିପିଟ କରନ୍ତୁ।

## ନକାରାତ୍ମକ ଶକ୍ତି ଓ ଅଶୁଭ ପ୍ରଭାବରୁ ଦୂରେଇ ରହିବା ପାଇଁ ଯାନବାହନରେ ରଖନ୍ତୁ ଏହି ଜିନିଷ

**ନକାରାତ୍ମକ ଶକ୍ତି ଓ ଅଶୁଭ ପ୍ରଭାବରୁ ଦୂରେଇ ରହିବା ପାଇଁ ଯାନବାହନର ବାସ୍ତୁ ଉପରେ ମଧ ବିଶେଷ ଦୃଷ୍ଟି ଦେବା ଆବଶ୍ୟକ। ତେବେ ଗାଡ଼ିରେ କେଉଁ ସବୁ ଜିନିଷ ରଖୀଲେ ସକାରାତ୍ମକ ଶକ୍ତି ବୃଦ୍ଧି ପାଏ, ଜାଣିବା ସେ ସମ୍ପର୍କରେ...**



■ ବାସ୍ତୁ ଅନୁସାରେ, ଗାଡ଼ିରେ ସକାରାତ୍ମକ ଶକ୍ତି ବୃଦ୍ଧି କରିବା ପାଇଁ ଗାଡ଼ିର ଡ୍ୟାସ୍‌ବୋର୍ଡରେ ଗଣେଶ, ଦୁର୍ଗା ଓ ଶିବଙ୍କ ପ୍ରତିମା ରଖୀବା ଜରୁରି।

■ ନକାରାତ୍ମକ ଶକ୍ତି ଦୂର କରିବା ପାଇଁ ଗାଡ଼ିରେ କଳା କଇଁଛ ରଖୀବା ଶୁଭ।

■ ସେହିପରି ପାଣି ବୋତଲ ଗାଡ଼ିରେ ରଖିବା ଦ୍ୱାରା ମନ ନିର୍ମଳ ରହେ।

■ ଗାଡ଼ିରେ ମୟୂର ପୁଚ୍ଛ, ଶିବଙ୍କ ଡମ୍ବରୁ ଏବଂ ଦୁର୍ଗା ମା'ଙ୍କ ଓଢ଼ଣି ରଖୀବା ଶୁଭଦାୟକ। ଏହା ଦ୍ୱାରା ଜୀବନର ସମସ୍ତ ବାଧା ଦୂର ହୋଇଥାଏ।

## ଆଲାସ୍କାର ଭୂତ !

ରଙ୍ଗ ଧୂସର, ଦେଖିବାକୁ ବୃହଦାକାୟ ଏହି ପେଚା ଯେତେବେଳେ ଜୋରରେ ଡେଣା ପିଟି ଶବ୍ଦ କରେ, ସାଧାରଣ ମଣିଷ ଏହାକୁ ଭୂତର ଶବ୍ଦ ଭାବିଭୟ କରିଯାଏ। ଏହି ବିରଳ ପ୍ରାଣୀ ଏବେ ବିନାଶ ଦିଗରେ।

ବିଶ୍ୱର ସର୍ବବୃହତ ପେଚାକୁ କୁହାଯାଉଛି ଗ୍ରେଟ୍ ଗ୍ରେ ଓଲ୍ ଅର୍ଥାତ୍ ବୃହତ ଧୂସର ରଙ୍ଗର



ପେଚା। ଏମାନଙ୍କୁ ମଧ୍ୟ କୁହାଯାଏ ବୃହତ ଧୂସର ବର୍ଣ୍ଣର ଭୂତ ବା ଦକ୍ଷିଣର ଛାୟାମୂର୍ତ୍ତି। ଏହି ବୃହତ ପେଚାଙ୍କୁ ଦେଖିବାକୁ ମିଳେ। କାନାଡାର ଆଲାସ୍କା ଠାରେ ଥିବା ପାର୍ବତ୍ୟାଞ୍ଚଳରେ। ଏହା ବାଦ୍ ଦକ୍ଷିଣ ୟୁରୋପ ଏବଂ ଏସିଆରେ ବି ଏମାନେ ଦେଖାଯାଆନ୍ତି। ଏହି ବୃହତ ଧୂସର ରଙ୍ଗର ପେଚା ବରଫର ୧୨ ଇଞ୍ଚ ତଳୁ ବି ସେମାନଙ୍କ ଶିକାରକୁ ଖୋଜି ବାହାର କରିପାରନ୍ତି। ଅତି ତୀକ୍ଷ୍ଣ ଭାବେ ଗଭୀର ବରଫରେ ମୁଣ୍ଡକୁ ଭର୍ତ୍ତିକରି ଛୋଟ ଛୋଟ ଜୀବଙ୍କୁ ଖାଦ୍ୟ ରୂପେ ଗ୍ରହଣ କରନ୍ତି। ସାଧାରଣ ପେଚା ପରି ଏମାନେ ବି ରାତିରେ ସକ୍ରିୟ ହୋଇ ଯାଆନ୍ତି। ଧୀରେ ଧୀରେ ଡେଣାକୁ ମାଟିରେ ବାଡେଇ ଏମାନେ ଉଡିବା ଆରମ୍ଭ କରିଥିବା ବେଳେ ପ୍ରତି ୧୫ରୁ ୩୦ ସେକେଣ୍ଡରେ ହୁ.... ହୁ..... ପରି ସ୍ୱରରେ ବୋବାଇଥା'ନ୍ତି। ଯେତେବେଳେ ହିଂସ୍ର ହୋଇଯାଆନ୍ତି ସେମାନେ ଡେଣାକୁ ମେଲାଇ ଖୁବ୍ ଜୋର ଶବ୍ଦ କରନ୍ତି ଯାହା ଭୂତର ଭୟ ସଞ୍ଚାର କରିଥାଏ। ଏହି ବୃହତ ଧୂସର ରଙ୍ଗର ପେଚାୀ ସାଧାରଣତଃ ଭୋର ସମୟରେ ଏବଂ ଅପରାହ୍ନରେ ଶିକାର କରନ୍ତି ଖାସ୍ କରି ଶୀତଦିନେ। ଛୋଟ ଛୋଟ ମୂଷା ସେମାନଙ୍କର ପ୍ରାଥମିକ ଶିକାର ହୋଇଥିବା ବେଳେ ଗୁଣ୍ଡୁଚିମୂଷା, ଠେକୁଆକୁ ମଧ୍ୟ ସେମାନେ ଶିକାର କରନ୍ତି। ବେଳେବେଳେ ଛୋଟ ପକ୍ଷୀ, ସାପ ଏବଂ ବେଙ୍ଗ ବି ଖାଦ୍ୟ ହୋଇଯାନ୍ତି। ଅନ୍ୟ ପେଚା ମାନେ ଯେମିତି ସେମାନଙ୍କ ବସା ତିଆରି କରନ୍ତି ଏହି ପେଚାମାନେ ମଧ୍ୟ ସେମାନଙ୍କ ବସା କରିଥାନ୍ତି। ଝଡରେ ଯଦି ବସା ଭାଙ୍ଗିଯାଏ ତେବେ ପୁଣି ବସାଟିଏ ଗଢ଼ିଦିଅନ୍ତି। ମାଈ ପେଚାମାନେ ଦିନେ କିମ୍ବା ଦୁଇ ଦିନରେ ୨ରୁ ୫ଟି ଅଣ୍ଡା ଦେଇଥାନ୍ତି। ୨୮ରୁ ୨୯ ଦିନ ପର୍ଯ୍ୟନ୍ତ ସେମାନେ ଅଣ୍ଡା ଦେଇ ଫୁଟାଇଥାନ୍ତି। ମାଈ ପେଚା ଅଣ୍ଡା ଉଷୁମାର ଫୁଟାଉଥିବା ବେଳେ ଅଣ୍ଡିରା ପେଚା ମା' ଏବଂ ଛୁଆକୁ ଖାଦ୍ୟ ଯୋଗାଇ ଦିଏ। ଏହି ବୃହତ ଧୂସର ରଙ୍ଗର ପେଚା ପ୍ରାୟ ୪୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାନ୍ତି। ତେବେ ଏମାନଙ୍କ କ୍ଷେତ୍ରରେ ମୃତ୍ୟୁର ମୁଖ୍ୟ କାରଣ ହେଉଛି କ୍ଷୁଧା। ଏହା ବାଦ୍ ଶିକାର, ଦୁର୍ଘଟଣା ଏବଂ ବିଦ୍ୟୁତ୍ ଆଘାତ ମଧ୍ୟ ଏମାନଙ୍କ ମୃତ୍ୟୁର କାରଣ ହେଉଛି।

## ଯୋଗ ପ୍ରତି ସାବଧାନ

ଶାସ୍ତ୍ରରେ ବର୍ଣ୍ଣିତ ରହିଛି ଯେ, ସନ୍ତୁଳିତ ଯୋଗ ବହୁ ଦୂରାରୋଗ୍ୟକୁ ରକ୍ଷା କିରଥାଏ। କିନ୍ତୁ ଏହା ଯଦି ଅସନ୍ତଳିତ ହୁଏ, ତେବେ ଏହାର କୁପ୍ରଭାବ ପବ୍ୟକ୍ତି ଉପରେ ଅତ୍ୟଧିକ ଭାବେ ପଡ଼ିତାଏ। ଏହାର ପ୍ରଭାବ ସିଧାସଳଖ ଶରୀର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଉପରେ ପଡ଼େ। ବ୍ୟକ୍ତିକୁ ପଙ୍ଗୁ କରିଦେବାର ଆଶଙ୍କାର ମଧ୍ୟ ରହିଥାଏ। ତେଣଉ ଏହାକୁ ନିୟମାନୁସାରେ କରାଯିବା ଉଚିତ। ଯୋଗ କରିବାର ସଠିକ ସମୟ, ଖାଦ୍ୟଗ୍ରହଣ, ଦିନଚର୍ଯ୍ୟା ଏବଂ ସଠିକ୍ ପରିବେଶ ଉପରେ ବିଶେଷ ଧ୍ୟାନ ଦେଦବାକୁ ହେବ। ସକାଳେ ଯେଉଁ ପରିମାଣରେ ଯୋଗାଭ୍ୟାସ କରିବେ, ସମାନୁପାତରେ ମଧ୍ୟ ସନ୍ଧ୍ୟାରେ କରିବା ଉଚିତ। ଏହାଦ୍ୱାରା ଆମ ଶରୀର ଉପରେ ପ୍ରଭାବ ପଡ଼ିବ ନାହିଁ। ବିଶେଷ ଭାବେ ଗର୍ଭାବସ୍ଥା, ହୃଦ ସମ୍ବନ୍ଧୀୟ ରୋଗ, ରକ୍ତହୀନତା ପରିରୋଗ ହୋଇଥିଲେ ଯୋଗ କରିବା ଅନୁଚିତ। ଯୋଗକୁ ଧୀରେ ଧୀରେ ଅଭ୍ୟାସ କରିବା ଉଚିତ। ହଠାତ୍ ବଡ଼ବଡ଼ ଆସନ କରିବା ଅନୁଚିତ। ଯୋଗାର୍ଯ୍ୟଙ୍କ ଉପସ୍ଥିତିରେ ହିଁ ଯୋଗାଭ୍ୟାସି କରିବା ଅତ୍ୟନ୍ତ ଦରକାରୀ ବୋଲି ରିପୋର୍ଟରୁ ପ୍ରକାଶ।

## ଜାଣନ୍ତୁ କେଉଁ ବାର ପାଇଁ କେଉଁ ପ୍ରକାର ତିଳକ କରିବେ

**ଧାର୍ମିକ ମାନ୍ୟତାନୁସାରେ ସପ୍ତାହର ପ୍ରତ୍ୟେକ ଦିନ କୌଣସି ନା କୌଣସି ଦେବଦେବୀଙ୍କୁ ସମର୍ପିତ। ସେହିପରି ପ୍ରତ୍ୟେକ ଦିନ ତିଳକ ବା ଟିକା ଲଗାଇବାର ତରିକା ମଧ ଭିନ୍ନ ଭିନ୍ନ ହୋଇଥାଏ। ତେବେ କେଉଁ ବାରରେ କିଭଳି ତିଳକ ଲଗାଇବା ଶୁଭ, ଜାଣିବା ସେ ସମ୍ପର୍କରେ।**



◆ ସୋମବାର ରକ୍ତ ଚନ୍ଦନ, ବିଭୂତି ଓ ଭସ୍ମ ତିଳକ ଲଗାଇଲେ ମହାଦେବଙ୍କ କୃପା ପ୍ରାପ୍ତ ହୁଏ।
◆ ମଙ୍ଗଳବାର ରକ୍ତ ଚନ୍ଦନରେ ସିନ୍ଦୂର ମିଶାଇ ଲଗାଇଲେ ସମସ୍ତ ସଙ୍କଟ ଦୂର ହୁଏ।
◆ ବୁଧବାର ଶୁଖୀଲା ସିନ୍ଦୂରରେ ତିଳକ କରିବା ଉଚିତ।
◆ ଗୁରୁବାର ଶ୍ୱେତ ଚନ୍ଦନରେ କେଶର ମିଶାଇ ମୁଣ୍ଡରେ ଲଗାଇଲେ ଶୁଭଫଳ ମିଳିଥାଏ।
◆ ଶୁକ୍ରବାର ରକ୍ତ ଚନ୍ଦନ ତିଳକ ଲଗାଇବା ଶୁଭଦାୟକ।
◆ ଶନିବାର ବିଭୂତି, ଭସ୍ମ ଓ ଲାଲ ଚନ୍ଦନ ଲଗାଇବା ଶୁଭ।
◆ ରବିବାର ସିନ୍ଦୂର ସହ ଚାଉଳ ମିଶାଇ ଲଗାଇବା ଉତ୍ତମ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୭ ଡିସେମ୍ବର ୨୦୨୩, ଗୁରୁବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆଗାମୀ କାର୍ଯ୍ୟଧାରା...

ଏକ ନିର୍ବାଚନରେ ବିଜୟ ଯେପରି ଆନନ୍ଦ ଉଲ୍ଲାସ ସହିତ ଦାୟିତ୍ୱ ଅର୍ପଣ କରିଥାଏ ଏକ ରାଜନୀତିକ ଦଳ ଉପରେ, ଠିକ୍ ସେହିପରି ପରାଜୟ ମଧ୍ୟ ପରାଜିତ ଦଳମାନଙ୍କୁ ଆତ୍ମସମୀକ୍ଷା କରି ଆଗାମୀ ସମୟରେ ତା'ର ପୁନରାବୃତ୍ତି ନ କରିବାକୁ ଶିକ୍ଷା ଦେଇଥାଏ । ନିକଟରେ ଶେଷ ହୋଇଥିବା ପାଞ୍ଚ ଗୋଟି ରାଜ୍ୟର ବିଧାନସଭା ମଧ୍ୟରୁ କଂଗ୍ରେସ ଗୋଟିଏ ବିଧାନସଭା ହାତେଇବାରେ ସମର୍ଥ ହୋଇଥିବା ବେଳେ ଆଉ ଦୁଇଟି ବିଧାନସଭା ଏହା ହାତରୁ ଖସି ଯାଇଛି । ଅପର ପକ୍ଷରେ ୪ ତାରିଖରେ ପ୍ରକାଶ ପାଇଥବା ମିଜୋରାମର ଫଳାଫଳ ଉପରେ ଆଖି ପହଁରାଇ ଆଣିଲେ ଜଣାପଡ଼େ ଯେ ଏଇ ରାଜ୍ୟରେ ଜୋରାମ ପିପଲ'ସ୍ ମୁଭ୍‌ମେଣ୍ଟ (ଜେପିଏମ୍) ସର୍ବାଧିକ ୩୭.୯ ପ୍ରତିଶତ ଭୋଟ୍ ପାଇଥିବା ବେଳେ କଂଗ୍ରେସ ପାଇଛି ୨୦.୮ ପ୍ରତିଶତ ଏବଂ ବିଜେପିର ଭୋଟ୍ ହାର ମାତ୍ର ୫.୧ ପ୍ରତିଶତ। ଏଭଳି ପରିପ୍ରେକ୍ଷୀରେ କଂଗ୍ରେସକୁ ତା'ର ହୃତ ଗୌରବ ଫେରାଇ ଆଣିବା ନିମନ୍ତେ ଅନେକ କିଛି କରିବାକୁ ପଡ଼ିବ। ଇତ୍ୟବସରରେ କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାଡ୍‌ଗେ ବୁଧବାର ଦିନ 'ଇଣ୍ଡିଆ' ମେଣ୍ଟର ଏକ ବୈଠକ ଅନୁଷ୍ଠିତ କରିବାକୁ ନିଷ୍ପତ୍ତି ନେବା ଏହି ମେଣ୍ଟକୁ ଅଧିକ ସକ୍ରିୟ କରିବା ସହିତ ଏହାକୁ କିଛି ଗତିଶୀଳତା ପ୍ରଦାନ କରିବା ଆଶା କରାଯାଏ, ଯାହାକି ବର୍ତ୍ତମାନ ଏହା ମଧ୍ୟରେ ବେଖାପ ସ୍ୱରକୁ ପରିଲକ୍ଷିତ କରୁଛି। ଏକ ସର୍ବଭାରତୀୟ ରାଜନୀତିକ ଦଳ ଭାବରେ ଆଗରୁ ମଧ୍ୟ ଅନେକ ଥର କଂଗ୍ରେସ ବଡ଼ ଧରଣର ପରାଜୟକୁ ସାମ୍ନା କରିଛି, କିନ୍ତୁ ସାମ୍ପ୍ରତିକ ସମୟରେ ଯାହା ବିଚଳିତ କରିଦେବା ଭଳି, ତାହା ହେଉଛି, ନିକଟ ହେଉ କି ଦୂର ଅତୀତରୁ ଏହାର ନେତୃବୃନ୍ଦ କିଛି ଶିକ୍ଷାଲାଭ କରିବାରେ ଅସାମର୍ଥ୍ୟତା। କର୍ଣ୍ଣାଟକରେ ଏହାର ବିଜୟକୁ ନିଆଯାଉ। ଏଠାରେ ବିଜେପି ନିର୍ବାଚନ ପୂର୍ବରୁ ହିନ୍ଦୁତ୍ୱ କାର୍ଡ ଯେପରି ଖେଳିଥିଲା, ସେପରି ପୂର୍ବରୁ କେବେ କରି ନଥିଲା, କିନ୍ତୁ ଏକ ଅର୍ଥନୀତିକ କାର୍ଯ୍ୟସୂଚୀକୁ ଆଗେଇ ନେଇ କଂଗ୍ରେସ ଏହା ଉପରେ ଭାରି ପଡ଼ିଲା ଏବଂ ନିର୍ବାଚନରେ ବିଜୟ ଲାଭ କରି ସରକାର ଗଠନ କଲା । ହିନ୍ଦୀ ହାର୍ଟଲ୍ୟାଣ୍ଡ୍‌ରେ କଂଗ୍ରେସ ନିଜର ଉପହାର ପ୍ରଦାନର କର୍ଣାଟକ ମଡେଲକୁ କେବଳ ଦୋହରାଇ ନଥୁଲା, ଯେଉଁଥରେ କି ଏହା ବିଜେପି ସହିତ କଦାଚିତ୍ ସମାନ ହୋଇ ପାରିବ, ବରଂ ଏଠାରେ ଦଳ ପୂର୍ବରୁ କେବେ କରି ନଥିବା ବିଜେପିଠାରୁ ଉଧାରକରା କୌଶଳ ହିନ୍ଦୁତ୍ୱ କାର୍ଡକୁ ଖେଳିଲା, ବିଶେଷକରି ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ରେ। ପରନ୍ତୁ, ଏହା ଯଦି ନିଜ ଦଳର ମୌଳିକ ଆଦର୍ଶକୁ ଆଶ୍ରୟ କରେ, ଯାହା ଆଜି ପର୍ଯ୍ୟନ୍ତ ଏହାକୁ ବଞ୍ଚାଇ ରଖି ଆସିଛି, ସେହି ସମାବେଶୀ କାର୍ଯ୍ୟସୂଚୀକୁ, ଯେଉଁଥରେ ସବୁ ବର୍ଗର ଲୋକ ଆଶ୍ୱସ୍ତ ଅନୁଭବ କରନ୍ତି, ତା'ହେଲେ ଏହା ପୁଣିଥରେ ବିଜୟର ଧାରାକୁ ଫେରିବା କିଛି ଅସମ୍ଭବ ନୁହେଁ । ଅତଏବ, ଏବେ ବି କଂଗ୍ରେସ ନେତୃବୃନ୍ଦଙ୍କର ଯେଉଁ ଗୋଟିଏ ବର୍ଗ ଏହାର ହାତମୁଠାରେ ସମ୍ପୂର୍ଣ୍ଣ ଭାବରେ ନାହାନ୍ତି, ସେମାନଙ୍କୁ ପ୍ରଥମେ ଦଳ ଭିତରକୁ ଆଣି ଦଳ ପ୍ରତି ଉତ୍ସର୍ଗୀକୃତ କରାଇବାକୁ ପଡ଼ିବ। ସଙ୍ଗେ ସଙ୍ଗେ ଏହା ମେଣ୍ଟ ଦଳମାନଙ୍କୁ ସାଥୀରେ ନେଇ ଚାଲିବାରେ ଯେଉଁ କୁଣ୍ଠାଭାବ ପ୍ରଦର୍ଶନ କରୁଛି, ଯାହା ନିକଟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ଦେଖା ଯାଇଛି, ସେଭଳି ମାନସିକତାର ପରିବର୍ତ୍ତନ କରି ସମସ୍ତ ମେଣ୍ଟ ସଦସ୍ୟଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିବାକୁ ପଡ଼ିବ। ନିର୍ବାଚନରେ ଦେଖା ଯାଇଛି, ଯେତେ କମ୍ ହେଲେ ବି ସୁଦ୍ଧା ସମାଜବାଦୀ ପାର୍ଟି ଏବଂ ବାମପନ୍ଥୀ ଦଳମାନଙ୍କର ଭୋଟ୍ ହାର ଯଦି କଂଗ୍ରେସ ପକ୍ଷକୁ ଆସିଥାନ୍ତା, ତା'ହେଲେ କଂଗ୍ରେସର ସାମ୍ପ୍ରତିକ ପରିସ୍ଥିତିରେ ଆହୁରି ଉନ୍ନତି ଘଟିଥାନ୍ତା । ତେଣୁ ବର୍ତ୍ତମାନ 'ଇଣ୍ଡିଆ' ମେଣ୍ଟର ସବୁ ଦଳଙ୍କୁ ନେଇ ଏମିତି ଏକ ଶକ୍ତିଶାଳୀ ମଞ୍ଚ ଗଠନ କରିବାର ଆବଶ୍ୟକତା ରହିଛି, ଯାହା ଫଳରେ ଲୋକମାନେ ଏହି ମେଣ୍ଟକୁ ଏନ୍‌ଡିଏ ମେଣ୍ଟର ଏକ ଯଥାର୍ଥ, ସୁସଂହତ ଏବଂ ଏକତ୍ରିତ ବିକଳ୍ପ ଭାବରେ ଦେଖି ପାରିବେ ଏବଂ ତଦ୍ୱାରା ସେମାନଙ୍କ ମାନସିକତାରେ ପରିବର୍ତ୍ତନ ଘଟାଇ ଏହା ଆଡ଼କୁ ଢଳିବାର ଢେର୍ ସମ୍ଭାବନା ରହିବ। ବିଜେପି ଏବଂ ଏହାର ନିର୍ବାଚନ ରଣକୌଶଳ ନିର୍ଦ୍ଧାରକମାନେ ଅତି କ୍ଷୁଦ୍ରାତିକ୍ଷୁଦ୍ର ସ୍ତରର ଯୋଜନା କରି ନିର୍ବାଚନ ଜିତିବାରେ ଓସ୍ତାଦ୍ । ଲୋକସଭା ନିର୍ବାଚନକୁ ଆହୁରି କେତେ ମାସ ବାକି ଥିଲେ ସୁଦ୍ଧା ମନେହୁଏ ବିଜେପି ସମସ୍ତ ୫୪୩ଟିଯାକ ଆସନ ନିମନ୍ତେ ରଣକୌଶଳ ପ୍ରସ୍ତୁତ କରି ସାରିବଣି। ଏଭଳି ଏକ ଦଳକୁ ସାମ୍ନା କରିବା ତେଣୁ କୌଣସିମତେ ସହଜସାଧ ହେବନାହିଁ, ଯଦି ଏହା ଅପେକ୍ଷା ଅଧିକ ଭଲ ଯୋଜନା ଏବେଠାରୁ କରା ନଯାଏ । ଏଣୁ ପ୍ରଥମେ କଂଗ୍ରେସକୁ ଇଣ୍ଡିଆ ମେଣ୍ଟ ସହିତ ମିଶି କାମ କରିବାକୁ ହେବ ଯେ ପ୍ରତି ନିର୍ବାଚନ ମଣ୍ଡଳୀରେ ଏନ୍‌ଡିଏ ପ୍ରାର୍ଥୀ ଯେପରି ଜଣେ ମାତ୍ର ଇଣ୍ଡିଆ ମେଣ୍ଟର ପ୍ରାର୍ଥୀଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରନ୍ତି, ଯଦ୍ୱାରା ଏହାଙ୍କ ମେଣ୍ଟର ପ୍ରାର୍ଥୀ ବିଜୟୀ ହେବ, ନଚେତ୍ ପ୍ରଥମ ରନର ଅପ୍ ହେବ। ସମୟ ଉପଗତ ହୋଇଛି, ଶ୍ରୀଯୁକ୍ତ ଖାଙ୍ଗେ ନିଜର ରାଜନୀତିକ ପରିପକ୍ୱତା ପ୍ରଦର୍ଶନ କରି ଏ ଦିଗରେ ଅଗ୍ରସର ହେବା ଉଚିତ।

## ଉତ୍କଳିୟ ନୌବାଣିଜ୍ୟ ଏବଂ ବାଲିଯାତ୍ରା



### ଅରୁଣ କୁମାର ତ୍ରିପାଠୀ

ଅତୀତ ଉତ୍କଳର ଗୌରବମୟ ସଂସ୍କୃତିର ବାର୍ତ୍ତା ବହନକରେ ବାଲିଯାତ୍ରା। ତଥପୋଇ କିମ୍ବଦନ୍ତି ଏହି ପରମ୍ପରାରେ ରୋମାଞ୍ଚ ଭରିଅଛି । ଆକାମାବୈରେ ଗୁଂଜରିତ ସେଦିନର ଉପକୂଳ ଅଞ୍ଚଳ ସମୂହର ସ୍ୱର୍ଣିମ ଅଧ୍ୟାର ସ୍ମୃତି ଆଜିବି ଗୁଂଜରିତ ଓଡ଼ିଆଙ୍କ ପ୍ରତି ରକ୍ତବିନ୍ଦୁରେ । ଆଉ ସେହି ପରମ୍ପରାକୁ ଉତ୍ସବ ଭାବେ ପାଳନ କରିବା ନିମିତ୍ତ ସରକାରଙ୍କ ପ୍ରୟାସରେ କଟକରେ ଅନୁଷ୍ଠିତ ହୁଏ ବାଲିଯାତ୍ର ।

ବାଲି ଅର୍ଥାତ୍ ଅଧୁନ ଇଣ୍ଡୋନେସିଆର ବାଲିଦ୍ୱୀପ ଯାହା ସହ କଳିଙ୍ଗର ନୌବାଣିଜ୍ୟ ସମ୍ପର୍କ ରହିଥିଲା। ଓଡ଼ିଆ ସାଧବ ପୁଅ ଅର୍ଥାତ୍ ବଣିକ ଗୋଷ୍ଠିର ପ୍ରତିନିଧି ଗଣ ବାଲି ଦ୍ୱୀପ ସହ ଯାଭା, ସୁମାତ୍ରା, ବୋର୍ଣିଅ ଦ୍ୱୀପମାନଙ୍କ କାର୍ତ୍ତିକ ପୂର୍ଣ୍ଣିମା ଦିନ ଗମନ କରୁଥିଲେ ଏବଂ ବ୍ୟବସାୟରୁ ପ୍ରାପ୍ତ ଧନସମ୍ପଦ ଉତ୍କଳର ଅର୍ଥନୀତିକୁ କରୁଥିଲେ ସମୃଦ୍ଧ । ଯଦିଓ ଅନ୍ୟାନ୍ୟ ଅଞ୍ଚଳ ସହ ବାଣିଜ୍ୟିକ ସମ୍ପର୍କ ରହିଥିଲା, କିନ୍ତୁ ବାଲି ଦ୍ୱୀପ ପେଣ୍ଠସ୍ଥଳୀ ଭାବେ ପରିଗଣିତ ଥିଲା । ଏଣୁ ଏଭଳି ନାମକରଣ କରାଜାଇଛି ବୋଲି ଅନୁମାନ କରାଯାଏ । ଅନ୍ୟମତାନୁସାରେ କାର୍ତ୍ତିକ ପୂର୍ଣ୍ଣିମାରେ ଉଚ୍ଚାରିତ ଆକାମାବୈ ଶବ୍ଦ ବର୍ଷର ମୁଖ୍ୟ ଚାରିମାସ ଯାହା ଯଥା :-ଆଷାଢ଼, କାର୍ତ୍ତିକ, ମାର୍ଗଶୀର ଏବଂ ବୈଶାଖ ; ସେଥିରେ ଧର୍ମ କର୍ମ ସମୂହ ତଥା ଇଶ୍ୱରୋପାସନା କରିବାକୁ ଦର୍ଶାଏ । ସଂପୃକ୍ତ ଲୋକବାଣୀଟି କିଛି ଏହିଭଳି :-

'ଅକାମାବୈ, ପାନ ଗୁଆ ଖାଇ,
ପାନ ଗୁଆ ତୋର, ମାସକ ଧର୍ମ ମୋର'

ବର୍ତ୍ତମାନ କଟକ ସହରରେ ଏବଂ ପାରିବାରିକ ଉତ୍ସବଭାବେ ବାଲିଯାତ୍ରା ଉତ୍ସବ ପାଳନ ହେଉଛି । ଅନେକ ବ୍ୟବସାୟୀ ବାଣିଜ୍ୟମେଳାରେ ଅଂଶଗ୍ରହଣ କରି ନିଜର ଦ୍ରବ୍ୟ ବିକ୍ରି କରି ଉପଯୁକ୍ତ ପାରିଶ୍ରମିକ ଲାଭ କରୁଛନ୍ତି । ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେଉଅଛି ଯେଉଁଥିରେ ସ୍ଥାନୀୟ କଳାକାର ନିଜର ଗାନ୍ଧର୍ବ କଳା ପ୍ରଦଶିତ କରି ଅନେକ ପ୍ରଶଂସା ସାଉଁଟିବା ସହ ଦେଶ ବିଦେଶରେ ପରିଚିତ ହେଉଛନ୍ତି ।ଆଠଦିନ ବ୍ୟାପି ଏହି ମହୋତ୍ସବରେ ଏକ ହଜାରରୁ ଉର୍ଦ୍ଧ୍ୱ ଷ୍ଟଲ ମାନ ବସାଯାଇ ହସ୍ତଶିଳ୍ପ,କାରୁକାର୍ଯ୍ୟ, ପାରମ୍ପାରିକ ଦ୍ରବ୍ୟ, ଘରୋଇ ଉପକରଣ, ଆସବାବପତ୍ର ଆଦି ବିକ୍ରିହୁଏ । ଆଉ ଏହି ଉତ୍ସବରେ କଟକର ପ୍ରସିଦ୍ଧ ଦହିବରା ଆଳୁଦମ୍ ବ୍ୟଞ୍ଜନଟି ଏତେ ମାତ୍ରାରେ ପ୍ରଚାର ପ୍ରସାର ହୁଏ ଅଂଶଗ୍ରହଣକାରୀଙ୍କ ମନରେ ପ୍ରତିୟମାନ ହୁଏ ଯେ, କେବଳ ଏଥିନିମନ୍ତେ ଉତ୍ସବଟି ଆୟୋଜିତ ହେଇଅଛି । ଅନେକ ପ୍ରତିଭାଙ୍କ ସମ୍ବର୍ଦ୍ଧନା ମଧ୍ୟ ଦିଆହୁଏ

ଯଦିଓ ଏହିଦିନ ଠାରୁ ସପ୍ତାହବ୍ୟାପୀ ଶିଳ୍ପଦ୍ୟୋଗୀ ସପ୍ତାହ ପାଳିତ ହୁଏ ଏବଂ ଓଡ଼ିଶାରେ ଶିଳ୍ପ ସମ୍ଭାବନା ତଥା ବର୍ତ୍ତମାନର ସ୍ଥିତି ସମ୍ପର୍କିତ ଆଲୋଚନା ମାଳା ଅନୁଷ୍ଠିତ ହୁଏ ; କିନ୍ତୁ ଯେଉଁ ମହନୀୟ ଉତ୍କଳିୟ ସଂସ୍କୃତିକୁ ନେଇ ଅତୀତରେ ଏହାର ଅର୍ଥନୀତି ସମୃଦ୍ଧ ରହିଥିଲା, ସେୟାର ପୁନରାଲୋକନ କରେଇ ସେଇଭଳି କାର୍ଯ୍ୟକ୍ରମା ମାନ ଆୟୋଜନ କରାଯାଇପାରିଲେ ଯୁବ ପିଢି ଅନୁପ୍ରାଣିତ ହେବା ସମ ମହାନ୍ ପରମ୍ପରା ଉଜ୍ଜୀବିତ ରଖାଯାଇପାରନ୍ତା । ଉଦାହରଣ ସ୍ୱରପ କିଛି ବ୍ୟବସାୟି ଗୋଷ୍ଠି ଜଳପଥରେ ସତସତିକା ନୌବାଣିଜ୍ୟ ନିମନ୍ତେ ସେହି ସବୁ ସ୍ଥାନମାନଙ୍କୁ ସରକାରୀ ଉଦ୍ୟମରେ ଗମନ କରନ୍ତେ ଏବଂ କିଛି କାଳ ପଶ୍ଚାତ୍ ସେମାନେ ବ୍ୟବସାୟ ସାରି ଓଡ଼ିଶା ଫେରନ୍ତେ ।

ଶେଷରେ ଏୟା କୁହାଯାଇପାରେ ଅତୀତ ଉତ୍କଳିୟ ସଂକୃତି ଯେ ମହାନ୍ ଏବଂ ବାଲିଯାତ୍ରା ଭଳି ଅନେକ ଗୌରବମୟ ସ୍ମୃତି ଆଜି ଲୋପପାଇବାକୁ ବସିଛି । ଏଣୁ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ସେହି ସମ୍ପର୍କିତ ଗବେଷଣା ତଥା ଆଲୋଚନା ମାଳା ଅନୁଷ୍ଠିତ କରେଇବା ସହ ତାହାର କ୍ରିୟାନ୍ୱୟନ ନିମିତ୍ତ ପଦକ୍ଷେପ ନେବା ଉଚିତ।


+ଜୟପୁର
ମୋ: ୯୦୭୮୮୩୮୬୨୭


## ନମସ୍ତେ ନମସ୍ତେ ମା'ଗୋ କମଳା ଦୁଲଣୀ



### ଅନୁପମା ଭୂୟାଁ

ମାର୍ଗଶୀର ମାସରେ ପଡୁଥିବା ଗୁରୁବାର ଯେପରି ନିଷ୍ଠାରେ ପାଳନ କରାଯାଏ ତହିଁରୁ ଓଡ଼ିଆଙ୍କର ସାମାଜିକ ଚାଲିଚଳଣ ଅନ୍ୟମାନଙ୍କ ଠାରୁ ବାରି ହୋଇପଡ଼େ । ଏମିତି କେଉଁଠି କରୁଣା ତ କେଉଁଠି କଠୋରତାର ସୁନ୍ଦର କାହାଣୀ, ମଣିଷର ଜୀବନ କାହାଣୀ କହେ ମାର୍ଗଶୀର ମାସ ଗୁରୁବାର ପର୍ବ । ଓଡ଼ିଆଙ୍କର ଏକାନ୍ତ ନିଜସ୍ୱ ଖାଣ୍ଟି ଓଡ଼ିଆ ପର୍ବ ମାର୍ଗଶୀର ଗୁରୁବାର ବା ମାଣବସା ଗୁରୁବାର ଓଷା । ମାଣବସା ଗୁରୁବାର ଓଡ଼ିଶାର ଓ ଓଡ଼ିଆଙ୍କର ଏକାନ୍ତ ନିଜସ୍ୱ ପର୍ବ । ଏଥିରେ ଝୋଟି, ଧାନଶିଖା, ଆଙ୍ଗୁଠି ଚିତା ଯେଭଳି ଓଡ଼ିଆଙ୍କର ନିଜସ୍ୱ, ଏଥିରେ ପିଠାପଣା, ପୂଜା ସବୁ ଓଡ଼ିଆଙ୍କର ଓଡ଼ିଆ ଜାତିର ପୂର୍ବ ସମୃଦ୍ଧି, ପୂର୍ବ ବଡ଼ିମାର ନିଦର୍ଶନ । ଏ ପୂଜାରେ ଜାତି ଅଜାତି ନାହିଁ । ବ୍ରାହ୍ମଣଠାରୁ ଚଣ୍ଡାଳ ଯାଏ ସବୁ ଓଡ଼ିଆ ଘରେ ଏ ପର୍ବ ପାଳନ କରାଯାଏ । ମହାଲକ୍ଷ୍ମୀଙ୍କର ପୂଜା ପ୍ରତ୍ୟେକ ହିନ୍ଦୁ ଘରରେ କରାଯାଏ । ମା' ମହାଲକ୍ଷ୍ମୀ ଭାରତର ଅନ୍ୟସ୍ଥାନ ମାନଙ୍କରେ କେବଳ ଧନଦାତ୍ରୀ ଦେବୀ ରୂପେ ଅଧିଷ୍ଠିତା ହେଉଥିଲେ ମଧ୍ୟ ଓଡ଼ିଶାରେ ଓଡ଼ିଆମାନଙ୍କର ମାଣବସା ଗୁରୁବାର ପୂଜା କେବଳ ଧନଧାନ୍ୟର କଥା କହେ ନାହିଁ ବରଂ ଏହାକୁ ପ୍ରାପ୍ତ କରିବା ପାଇଁ ଆବଶ୍ୟକ ହେଉଥିବା ନିଷ୍ଠାକୁ ବି ନିଖୁଣ ଭାବେ ବର୍ଣ୍ଣନା କରେ । ସାମାଜିକ ଜୀବନରେ ଜାତି ଜାତି ମଧ୍ୟରେ ଥିବା ଫରକ ଭଗବତ ଆରାଧନା ନିତକଟରେ ତୁଚ୍ଛ ବୋଲି ଏହା ପ୍ରମାଣିତ କରେ । ଖାଲି ସେତିକି ନୁହେଁ ଏହି ପର୍ବ ଅନୁଶାସନର ପରିଧି ମଧ୍ୟରୁ ମହାପ୍ରଭୁ ବି ବାଦ ନୁହଁନ୍ତି ବୋଲି ପ୍ରମାଣିତ କରେ । ଲକ୍ଷ୍ମୀ ପୂଜା ସାରା ଭାରତର ହିନ୍ଦୁ ସମାଜରେ ପ୍ରଚଳିତ । ମାଣବସା ମଧ୍ୟ ଅନ୍ୟ ଅନ୍ୟ ପ୍ରଦେଶରେ ପ୍ରଚଳିତ ଅଛି । କିନ୍ତୁ ଆମ ମାର୍ଗଶୀର ମାସ ଗୁରୁବାର ମାଣବସା, ଭଳି ଚାରି ବା ପାଞ୍ଚଅପାଳି ମାଣବସା ଓଡ଼ିଆଙ୍କ ବ୍ୟତୀତ ଅନ୍ୟ କେଉଁଠି ହୁଏ ନାହିଁ ।

ଏହି ମାଣବସା ଭୋଗ ଆମ ଓଡ଼ିଆଙ୍କର ନିଜସ୍ୱ ରାନ୍ଧଣାର ନିଦର୍ଶନ । ଓଡ଼ିଆଙ୍କ ଭଜା, ରାଇ, ଆମ୍ବିଳ, ଶାକର, କଖାରୁ, ମଧୁରୁଚି, ଦହିପଖାଳ, ମୂଳା ଶାଗ, ରାଇ ସୋରିଷ ଶାଗ ରାଇ, ଚିତଉ, ଚକୁଳି, ଝିରିସା ପାଣି, ବିରି ଗେଟେଇ, ଅଟକାଳି, ସରପୁଳି, ଦୁଧପୁଳି, ବଡ଼ି ପକା ମହୁର, ବେସର, ନଡ଼ିଆ ବଡ଼ିପକା ଶାଗ, କର୍ପୂର ମରିଚ ପକା ଛେନା, ନଡ଼ିଆ ଚକଟା କାକରା ପିଠା, ଆରିସା ପିଠା, ମୁଗ ପୁଳି, ମୁଗ କାନ୍ତି ଏଭଳି ରାନ୍ଧଣା ଓଡ଼ିଆଙ୍କ ଘର ଛଡ଼ା ଅନ୍ୟ ଆଡ଼େ ହୁଏ ନାହିଁ । ଘରୋଇ ପରିବେଶରେ ଜଣେ ଗୃହିଣୀ ଯେପରି ରାନ୍ଧିବାଢ଼ି ଘରଦ୍ୱାର ସଫା ସୁତୁରା ରଖି ଚଳିବା କଥା, ସେଇ ପରିବେଶ ସେଇ ରୂପରେ ଲକ୍ଷ୍ମୀଙ୍କୁ କଳନା କରାଯାଇଛି । ଘରମାନଙ୍କରେ ସାମାନ୍ୟ ତ୍ରୁଟି ବିଚ୍ୟୁତି ଘଟିଲେ ବୟସ୍କା ମହିଳାମାନେ ଲକ୍ଷ୍ମୀଛାଡ଼ି ଅଲକ୍ଷଣୀ ବୋଲି ଗାଳି କରନ୍ତି । ତେଣୁ ଧନଧାନ୍ୟ ସ୍ନେହ ବାତ୍ସଲ୍ୟ, ଦୟା କ୍ଷମାର ପ୍ରତିମୂର୍ତ୍ତି ରୂପେ ଲକ୍ଷ୍ମୀଙ୍କୁ କଳ୍ପନା କରାଯାଇଛି । ଘରର ଶ୍ରୀ ସମୃଦ୍ଧି ପରିଷ୍କାର ପରିଚ୍ଛନ୍ନତା ହେଉଛି ଲକ୍ଷ୍ମୀବ୍ରତର ପ୍ରଧାନ ବୈଶିଷ୍ଟ । ମାର୍ଗଶୀର ମାସ ଆସିବା ମାତ୍ରେ ସହର ମଫସଲ ସର୍ବତ୍ର ସ୍ତ୍ରୀମାନଙ୍କ ଭିତରେ ଗୋଟାଏ ଚହଳ ସୃଷ୍ଟି ହୁଏ । ସହରରେ ବେଶୀ ମାଟି ଘର ନାହିଁ । ସିମେଣ୍ଟ ଘରେ ବୁଧବାର ଦିନ ଧୋଇ ପୋଛି ଚିତା ଲେଖାଯାଏ । କିନ୍ତୁ ଗାଁ ଗହଳରେ ସ୍ତ୍ରୀଲୋକମାନେ ମାଟି ଗୋବରରେ ଘରଦ୍ୱା, କାନ୍ଥବାଡ଼ ଲିପା ପୋଛା କରନ୍ତି । ଅରୁଆ ଚାଉଳ ବଟା ପିଠଉ, ଢ଼ାଉ ହଳଦିଆ ମାଟି ସଂଗ୍ରହ କରି କେତେ ରଙ୍ଗରେ ହାତି, ମୟୂର, ଓଲଟ ଶୁଆ, ଧାନଶିଖା ଜାତି ଜାତିକା ଆଙ୍ଗୁଠି ଚିତାମାନ ଲେଖନ୍ତି । ଦେଖିଲେ ଆଖି ଲାଖିରହେ । ମାର୍ଗଶୀର ମାସରେ ପଡୁଥିବା ଚାରି କି ପାଞ୍ଚ ପାଳି ଗୁରୁବାର ଯେପରି ନିଷ୍ଠାରେ ପାଳନ କରାଯାଏ ତହିଁରୁ ଓଡ଼ିଆଙ୍କର ସାମାଜିକ ଚାଲିଚଳଣ ଅନ୍ୟମାନଙ୍କଠାରୁ ବାରି ହୋଇପଡ଼େ । ଏଥି ସହିତ ସମାଜରେ ଏବଂ ପୁରୁଷଙ୍କ ଜୀବନରେ ନାରୀଙ୍କ ଭୂମିକା ବି ବର୍ଣ୍ଣନା କରାଯାଇଛି ଅତ୍ୟନ୍ତ ନିଚ୍ଛକ ଭାବେ । ଘରଣୀ ହେଉଛି ଘର । ଘରଣୀ ବିନା ଘରର କଳ୍ପନା କରାଯାଇ ପାରେ ନାହିଁ । ଏପରି କି ଘରଣୀ ବିନା ମହାପ୍ରଭୁ ଜଗନ୍ନାଥ ମଧ୍ୟ ବାର ଦୁଆର ବୁଲି ଭିକ ମାଗିବାକୁ କିଭଳି ବାଧ ହେଇଛନ୍ତି ତାହା ଏହି ପୁରାଣରେ ବର୍ଣ୍ଣନା କରାଯାଇଛି । ଜାତି, ଅଜାତି, ଗୋରା, କଳା ବର୍ଣ୍ଣ ଭେଦରେ ଯେଉଁ ସମାଜ ଆଜି ନଷ୍ଟଭ୍ରଷ୍ଟ, ଜଗନ୍ନାଥ ସଂସ୍କୃତିର ଉଚ୍ଚ ଆଦର୍ଶ ଲକ୍ଷ୍ମୀ ପୁରାଣରେ ପ୍ରକଟିତ ହୋଇଛି । ଏ ବ୍ରତରେ ଜାତି ଭେଦ ନାହିଁ । ସ୍ୱୟଂ ମହାଲକ୍ଷ୍ମୀ ବ୍ରାହ୍ମଣଠାରୁ ଚଣ୍ଡାଳଯାଏଁ ଦ୍ୱାରେ ଦ୍ୱାରେ ବୁଲିଛନ୍ତି । ଯେଉଁଠି ନିଷ୍ଠା ପବିତ୍ରତା ଦେଖିଛନ୍ତି ସେଇଠି ସନ୍ତୁଷ୍ଟ ହୋଇ ଆପେ ଯାଚି ବରଦାନ କରିଛନ୍ତି। ଅନ୍ୟ ଦୃଷ୍ଟି କୋଣରୁ ଦେଖିଲେ କର୍ତ୍ତବ୍ୟନିଷ୍ଠା ପରିଶ୍ରମ ହିଁ ଜୀବନକୁ ଯଶ, ଗୌରବ, ଧନରତ୍ନ, ଶ୍ରୀ ସମୃଦ୍ଧିରେ ମଣ୍ଡିତ କରେ ଏହି ସୂଚନା ବାଣ୍ଟେ ଓଡ଼ିଆର ମାଣବସା ଗୁରୁବାର । ମାଣବସା ଗୁରୁବାର ପୁରାଣ ଯେତିକି ଚିତାକର୍ଷକ ସେତିକ ଶିକ୍ଷଣୀୟ ।


+'ସାଇବିଥି' ୭ଡି/୧୩୫୪,
ସେକ୍ଟର-୯, ସିଡିଏ, କଟକ


## ବଢୁଛି ଦୁର୍ନୀତି



### ସୌଭାଗ୍ୟ ରଂଜନ ମହାନ୍ତି

ନିକଟରେ ରାଜ୍ୟରେ ଦୁର୍ନିତି ନିବାରଣ ସପ୍ତାହ ପାଳିତ ହୋଇଛି। ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ରାଜ୍ୟର ବ୍ଲକସ୍ତରରୁ ଆରମ୍ଭ କରି ଲୋକସେବା ଭବନରେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଠାରୁ ସଚିବ, ମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତେ ଦୁର୍ନୀତି ନକରିବା ଲାଗି ଶପଥ ଦେଇଛନ୍ତି। ମାତ୍ର ଦୁର୍ନୀତି କମିବା ପରିବର୍ତ୍ତେ ବଢିବାରେ ଲାଗିଛି। ସବୁଠୁ ଉଦ୍‌ବେଗର ଘଟଣା ହେଉଛି ଯେ, ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ରାଜ୍ୟରେ ଲାଂଚ ନେବା ଏବଂ ଆୟବହିଃଭୂତ ସମ୍ପତି ଠୁଳ କରିବା ଅଭିଯୋଗରେ ମହାବିଦ୍ୟାଳୟ ଅଧକ୍ଷଙ୍କ ଠାରୁ ଆରମ୍ଭ କରି ଇଂଜିନିୟର, କିରାଣୀ ପର୍ଯ୍ୟନ୍ତ ୬ଜଣ କର୍ମଚାରୀଙ୍କୁ ଭିଜିଲାନ୍ସ ଧରିବା ସହ କୋଟି କାଟି ଟଙ୍କାର ବେଆଇନ ସମ୍ପତି ଜବତ କରିଛି। ଗତ ୨୦୧୮ରୁ ୨୦୨୩ ମଧ୍ୟରେ ଅର୍ଥାତ ପାଂଚ ବର୍ଷ ମଧ୍ୟରେ ଦୁର୍ନୀତିରେ ଲିପ୍ତ ଥିବା ଅଭିଯୋଗରେ ଅଢେଇ ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଥିବାବେଳେ ୯୦୦ରୁ ଉର୍ଦ୍ଧ୍ୱ ଗିରଫ ହୋଇଛନ୍ତି। ସେମାନଙ୍କ ଠାରୁ ପ୍ରାୟ ୫୯୭ କୋଟିରୁ ଅଧିକ ଟଙ୍କାର ବେଆଇନ ସମ୍ପତି ଜବତ ହୋଇଛି। ସେହିପରି ଚଳିତ ବର୍ଷ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ଗତ ୧୦ମାସ ମଧ୍ୟରେ ୩୦୫ ଜଣଙ୍କ ବିରୁଦ୍ଧରେ ମାମାଲା ରୁଜୁ ହୋଇଛ। ଯେଉଁମାନଙ୍କ ମଧ୍ୟରେ ୩୮ ପ୍ରଥମ ଶ୍ରେଣୀ, କର୍ମଚାରୀ, ୩୭ଜଣ ଦ୍ୱିତୀୟ ଶ୍ରେଣୀ କର୍ମଚାରୀ, ୧୬୧ ଜଣ ତୃତୀୟ ଶ୍ରେଣୀ କର୍ମଚାରୀ, ୭ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ଅନ୍ତର୍ଭୁକ୍ତ ଅଛନ୍ତି। ଆହୁରି ମଧ୍ୟ ୪୮ଜଣ ଅନ୍ୟାନ୍ୟ ସରକାରୀ କର୍ମଚାରୀ ଅର୍ଥାତ ଇଂଜିନିୟର ଏବଂ ୭୪ଜଣ ବାହାର ବ୍ୟକ୍ତି ଅଛନ୍ତି। ଏଥିରୁ ଦୁର୍ନୀତିର ଚେର ଯେ ତଳସ୍ତରରୁ ଉପରସ୍ତର ପର୍ଯ୍ୟନ୍ତ ବ୍ୟାପିଛି। ଏହା ନିସନ୍ଦେହରେ କୁହାଯାଇପାରେ। ଏହା ନିସନ୍ଦେହ ଯେ, ରାଜ୍ୟରେ ବିଭିନ୍ନ ସ୍ତରରେ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ଭିଜିଲାନ୍ସ ଠାରୁ ଆରମ୍ଭ କରି ବହୁ ସଂସ୍ଥା ରହିଛି। ଆଇନ ମଧ୍ୟ ରହିଛି। ଏହା ସତ୍ତ୍ୱେ ଦୁର୍ନୀତି ବଢିଚାଲିଛି। ଆଇନ ସତ୍ତ୍ୱେ ଯେପରି ସେମାନଙ୍କର ପରବାୟ ନାହିଁ। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତରା ପ୍ରଦର୍ଶନ କରିବା ସହ ଗତ ପାଂଚ ବର୍ଷ ମଧ୍ୟରେ ୧୧ଶହ ସରକାରୀ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି। ସେମାନଙ୍କ ମଧ୍ୟରୁ କେତେକେଙ୍କୁ ବାଧ୍ୟତାମୂଳକ ଅବସର ଦେଇଥିବା ବେଳେ କେତେକଙ୍କ ଅବସରକାଳୀନ ପେନସନ ଏବଂ ସରକାରୀ ସୁବିଧା ସୁଯୋଗ ବନ୍ଦ କରିଦେଇଛନ୍ତି। ଏହା ସତ୍ତ୍ୱେ ଦୁର୍ନୀତି ଗ୍ରସ୍ତଙ୍କ ଉପରେ ଆଇନ କିମ୍ବା ସରକାରଙ୍କର କଠୋର ଆଭିମୁଖ୍ୟର କୌଣସି ପ୍ରଭାବ ପଡୁଥିବା ମନେ ହୁଏ ନାହିଁ। ଦିନକୁ ଦିନ ଦୁର୍ନୀତିଗ୍ରସ୍ତଙ୍କ ସଂଖ୍ୟା ବଢିଚାଲିଛି। ଏହା ନିଶ୍ଚିତ ଯେ, ଦୁର୍ନୀତିଗ୍ରସ୍ତଙ୍କ ସଂଖ୍ୟା ଯେଉଁ ମାତ୍ରାରେ ବଢୁଛି, ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ (ଭିଜିଲାନ୍ସ)ର ଚଢାଉ ଅଭିଯାନ ମଧ୍ୟ ସେତିକି ତୀବ୍ର ହେଉଛି। ଭିଜିଲାନ୍ସର ଚଢାଉ ଏବେ ଦୈନିକ ଗଣମାଧ୍ୟମର ମୁଖ୍ୟ ଶିରୋନାମା ପାଲଟିଛି ବୋଲି କହିଲେ ହୁଏତ ଭୁଲ ହେବ ନାହିଁ। ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ଦୁର୍ନୀତିଗ୍ରସ୍ତଙ୍କ ବିରୁଦ୍ଧରେ ମାମଲା ରୁଜୁ କରୁଛି, ସେମାନଙ୍କୁ ଗିରଫ କରି ଜେଲ ହାଜତକୁ ପଠାଇ ଦେଉଛି। ସେମାନଙ୍କ ଦ୍ୱାରା ଅର୍ଜିତ କୋଟି କୋଟି ଟଙ୍କାର ବେଆଇନ ସମ୍ପତି ଜବତ କରୁଛି। ମାତ୍ର ଅଦାଲତରେ ଦୁର୍ନୀତିଗ୍ରସ୍ତଙ୍କ ବିରୁଦ୍ଧରେ ଦଣ୍ଡବିଧାନ ହାର ଅତିନଗଣ୍ୟ, ଅଦାଲତରେ ମଧ ଭିଜିଲାନ୍ସ ବଳିଷ୍ଠ ପ୍ରମାଣ ଅଭାବରୁ ବହୁ ଦୁର୍ନୀତିଗ୍ରସ୍ତ ନିର୍ଦ୍ଦୋଶରେ ଖଲାସ ହୋଇଯାଉଛନ୍ତି। ଏକ ପରିସଂଖ୍ୟାନରୁ ଜଣାଯାଇଛି ଯେ, ଦୁର୍ନୀତି ଗ୍ରସ୍ତଙ୍କ ପ୍ରତି ଦଣ୍ଡବିଧାନ ହାର ମାତ୍ର ୩ ପ୍ରତିଶତ ରହିଛି। ଅଥଚ ଦୁର୍ନୀତିଗ୍ରସ୍ତଙ୍କ ଠାରୁ ଚଢାଉ ସମୟରେ ଜବତ ବେଆଇନ ସମ୍ପତି ରିପୋର୍ଟରେ ଆଖି ଖେସି ହୋଇଯାଉଛି। କେତେକ କ୍ଷେତ୍ରରେ ମଧ ଭିଜିଲାନ୍ସ ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ଅଦାଲତରେ ଅଭିଯୋଗ ଫର୍ଦ୍ଦ (ଚାର୍ଯସିଟ୍) ଦାଖଲ କରି ନପାରିବା ଯୋଗୁଁ ମାମଲା ଖାରଜ ହୋଇଥିବା ବହୁ ନଜୀର ରହିଛି। ରାଜ୍ୟର ଜଣେ ବରିଷ୍ଠ ଉଚ୍ଚପଦସ୍ଥ ପୋଲିସ ଅଫିସରଙ୍କ ଠାରୁ କୋଟି କୋଟି ଟଙ୍କାର ବେଆଇନ ସମ୍ପତି ଜବତ ହେବା ଏବଂ ତାଙ୍କୁ ଗିରଫ କରାଯାଇ ନିଲମ୍ବନ କରାଯିବା ସତ୍ତ୍ୱେ ଭିଜିଲାନ୍ସର ଅବହେଳା ତଥା ଅପରାଗତା ଯୋଗୁଁ ସେ ପୁନର୍ବାର ଚାକିରୀରେ ଅବସ୍ଥାପିତ ହୋଇଥିଲେ। କେବଳ ଚାକିରି ଫେରିପାଇଲେ ନାହିଁ, ପଦୋନ୍ନତି ପାଇଁ ଅବସ୍ଥାପିତ ହୋଇଥିଲେ। ଭିଜିଲାନ୍ସର ଚଢାଉ ସ୍ୱାଗତଯୋଗ୍ୟ। ଲାଂଚୁଆ ସରକାରୀ କର୍ମଚାରୀଙ୍କୁ ଗିରଫ କରି ସେମାନଙ୍କୁ ଜେଲକୁ ପଠାଇବା ସ୍ୱାଗତଯୋଗ୍ୟ। ମାତ୍ର ଅଦଲେତରେ ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରିବ ପାଇଁ ବଳିଷ୍ଠ ପ୍ରମାଣ ସହ ତତପରତା ପ୍ରକାଶ ନକରିବା ରହସ୍ୟ କଣ ବୁଝାପଡୁନାହିଁ। ଭିଜିଲାନ୍ସ ଯଦି ଲୋକ ଦେଖାଣିଆ ଭାବେ କେବଳ ଚଢାଉ କରେ, ମାତ୍ର ଅଦଲେତରେ ସେମାନଙ୍କୁ ଦଣ୍ଡିତ କରିବାରେ ବିଫଳ ହୁଏ, ଦୁର୍ନୀତି ବଢିବ ସିନା କମିବ ନାହିଁ ଏବଂ ଦୁର୍ନୀତି ନିବାରଣ ସପ୍ତାହ ପାଳନ, ଶପଥ ଗ୍ରହଣ କେବଳ ପ୍ରହସନ ବୋଲି କହିଲେ ହୁଏତ ଅତିରଂଜିତ ହେବ ନାହିଁ।


+ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋ: ୯୪୩୭୯୯୪୩୭୯





### ମନର କଥା

**ପ୍ରିୟଦର୍ଶିନୀ ମହାପାତ୍ର**

ତୁମେ ଭିନ୍ନ ଆଉ ମୁଁ ଅଭିନ୍ନ
ବାସ୍ ଏତିକି ଅନ୍ତର
ତୁମେ ଉଦ୍ଭାସିତ କର ଅସରନ୍ତି ଭାଷା
ମୁଁ ନିରୁପାୟ ଆଉ ଏକାନ୍ତର ।

ତୁମେ ସଭିଙ୍କ ଭିତରେ ସମାନ
ଆଉ ଛୁଇଁ ଯାଅ ସ୍ୱପ୍ନ ସାଗର
ମୁଁ ଶୂନ୍ୟ ର ସେ ଅନ୍ଧକାର ରେ
ଖୋଜୁଥାଏ ନିଜ ଆକାର ।

ପ୍ରତି ପ୍ରଗତିରେ ତୁମେ ବାଃ ବାଃ ନିଅ
ମୁଁ ଯେ ଅଚଳନ୍ତି ନିର୍ଝର
ବାସ୍ ବୁଝିନିଅମୋତେ ଧରିନିଅ ହାତ
ସଫଳତା ନୁହେଁ ବେଶୀ ଦୂର ।

ମୁଁ ହେଲେନ୍ କେଲେର୍ ପରି
ପୁନର୍ବାର
ରଚିବି ଖ୍ୟାତି ଏ ଜଗତେ
ତୁମେ ମିସ୍ ସୁଲିଭାନ୍ ଗୁରୁ ହୋଇ
ଆସ
ସ୍ନେହ ଆଦର ତ ଲୋଡ଼ା ଖାଲି
ମୋତେ ।

କ୍ଷଣଟିଏ ପାଇଁ ବୁଝି ଯାଅ ମୋତେ
ମୁଁ ବି ସମ୍ମାନ ଖୋଜୁଛି
ବାରମ୍ବାର ପଡ଼େ ଚାଲୁ ଚାଲୁ ହେଲେ
ଜିତିବାର ଲକ୍ଷ୍ୟ ରଖିଛି ।

ହଟାଇ ଦିଅ ସେ କୁତ୍ସିତ ନଜର
ମୁଁ ପାଇଯିବି ନିଜ ଆକାର
ବାସ୍ ବୁଝିଯାଅ ମୋତେଧରିନିଅ ହାତ
ସଫଳତା ନୁହେଁ ବେଶୀ ଦୂର ।


ଶିକ୍ଷୟିତ୍ରୀ
ପ୍ରାଥମିକ ବିଦ୍ୟାଳୟ ଅନ୍ଧାରୁଆ
ଜଗନ୍ନାଥ ପ୍ରସାଦ


### ଖରା ଖୋଜାପଡେ

**ରମେଶ ଚନ୍ଦ୍ର ନାୟକ**



ଖରା ଖୋଜାପଡେ
ଯେବେ ଶୀତ ଆସେ
ଗରିବର ଧନୀ ଦାମିକା ବସ୍ତ୍ର
ଖରା ତ କମ୍ବଳ ଖରା ତ ରେଜେଇ
ଖରା ଗରିବର ଉଷୁମ ଅସ୍ତ୍ର ।

ଖରା ଖୋଜାପଡେ
ବର୍ଷା ହେବା ପାଇଁ
ଧରଣୀ ଜଳକୁ ନିଏ ଉଡ଼ାଇ
ବାଷ୍ପୀଭୂତ ଜଳ ହୁଅଇ ଶୀତଳ
ବରଷା ରୂପରେ ପୁଣି ଫେରଇ ।

ଖରା ଖୋଜାପଡେ ଶିଶୁ ଜନ୍ମ ପରେ
ଭିଟାମିନ - ଡି ଅଛି ତା'ଠାରେ
ଖରା ଶକ୍ତି ଲଭି ଉଦ୍ଭିଦ ଜଗତ
ପାଇଥାଏ ଖାଦ୍ୟ ଭାଶ୍ଲେଷଣରେ ।

ଖରା ଖୋଜାପଡେ ଫଳ ପାଚିବାକୁ
ଗଛ ଡାଳେ ଝୁଲୁ ଥିବା କାଳରେ
ଖରା ତାପ ଶୋଷି ଚାରା ଖୋଲେ ପତ୍ର
ଉଷୁନା ଧାନ ଯେ ଶୁଖେ ଦାଣ୍ଡରେ ।

ଖରା ଖୋଜାପଡେ ଜଳଚକ୍ର ପାଇଁ
ଶୀତ ବର୍ଷା ଋତୁ ଗରମ ମିତ
ଖରା ନ ପଡ଼ିଲେ ଜଗତ ଅନ୍ଧାର
ରୋଗ ବ୍ୟାପିଥାଏ କାନ୍ଦେ ଜଗତ ।

ଖରା ଖୋଜାପଡେ କାଦୁଆ ରାସ୍ତାକୁ
ସଅଳ ଶୁଖିଲେ ଚାଲିବେ ଲୋକ
ଖରା ବିନା ଦିନ ପାଲଟଇ ରାତି
ଦେଇଥାଏ କେତେ ଯନ୍ତ୍ରଣା ଦୁଃଖ ।


କେଶରପୁର, ବକ୍ସି ବଜାର, କଟକ
ମୋ : ୭୯୭୮୧୫୧୭୧୦


### ସମୟ

**ଅଳକା ରାୟ**

ସମୟକୁ ସାଉଁଟୁ ସାଉଁଟୁ
ବେଳାଭୂମିରେ, ଭେଟିଲି
କିଛି ମୁହୂର୍ତ୍ତ ମାନଙ୍କୁ
ପୁଣି ଥରେ ଜିଇଁ ବାକୁ......
ହେଲେ କେତେବେଳେ
ଗେଣ୍ଡା ତ କେତେବେଳେ
କଙ୍କଡାଙ୍କ ଦାଢୁଆ ଗୋଡ଼ରେ
କ୍ଷତ ବିକ୍ଷତ ଦୁଇ ଗୋଡ଼
ମୁକ୍ତା ପାଇଁ ଶାମୁକା ଗର୍ଭରେ ହସ୍ତ
କିନ୍ତୁ, ସମୟର ବିଡମ୍ବନା
ହସ୍ତ ଦ୍ୱୟ ବି କ୍ଷତ ବିକ୍ଷତ
ପୂର୍ବ ଓ ପଶ୍ଚିମ ଆକାଶରେ
ସୂର୍ଯ୍ୟ ଉଦିତ-ଅସ୍ତ
ହେଉଛନ୍ତି ହେଉଥିବେ...
ଜୁଆର-ଭଟ୍ଟାରେ ସାଗର
ଖେଳୁଛି ଖେଳୁଥିବ...
ସମୟର ବାଲିଘର ଗଢା-ଭଙ୍ଗା
ଚାଲିଛି ଚାଲିଥିବା...
ପ୍ରାରମ୍ଭ ଯାହା ଭୁଲି ହୋଇନାହିଁ
ତାର ଶେଷ ସମୟ ଉପନିତ
ଜୁଇ ଜଳି ସାରିବା ପରେ
ଉଡି ଯାଉଛି ପାଉଁଶ
ତଥାପି, ପ୍ରକୃତିର ନିୟମ
ଅଜ୍ଞାତ !


ଭୁବନେଶ୍ୱର
ମୋ: ୭୯୭୮୩୩୨୦୬୧


### ଆସିଛି ଶୀତ

**ଲୀଳାବତୀ ପରିଡ଼ା**

ବାର ମାସେ ଛଅ ଋତୁ ହାତ ଧରି ଆସେ ଏକ ପରେ ଆନ,
ପୌଷ ମାଘ ଦୁଇ ଶୀତ ଋତୁ ଅଟେ ପୂଳକିତ ହୁଏ ମନ।
ସୁନେଲି ସୁରୁଜ ବୁଣଇ ମୁରୁଜ ସୁନ୍ଦର ଦିଶଇ ଧରା,
ବିଛେଇ ହୋଇଣ ପଡ଼ିଥାଏ ପରା ଝିଲି ମିଲି ସୁନା ଖରା।
ଗୋଲାପ କଢିର ସଜ ପାଖୁଡ଼ାରେ ଶୀତୁଆ କାକର ବିନ୍ଦୁ,
ଭ୍ରମ ସୃଷ୍ଟି କରେ ପଡିଗଲେ ଖରା ସତେ ସରସୀରେ ଇନ୍ଦୁ।
ଅଗଣାରେ ଶୋହେ ଜାତିଜାତି ଫୁଲ ଭଅଁର ପାଗଳ ହୁଏ,
ଫୁଲେଇ ଫୁଲର କାନେ କାନେ କଣ ଚୁପି ଚୁପି କହି ଯାଏ।
ବାଡି ବଗିଚାରେ ପନିପରିବାରେ ବିଭିନ୍ନ ପରିବା ମାନ,
ସୁନେଲି କ୍ଷେତରେ ଜାତି ଜାତି କେଣ୍ଡା ମଥା ନୂଆଁଣିଆଁ ଧାନ।
ସକାଳ ସ୍ନାହାନ କାଲୁଆ ପବନ ହାଉଲେ ହାଉଲେ ଶୀତ,
ପଉଷ ମାସର ଶୀତସକାଳକୁ କରିଥାଏ ସତେ ମିତ।
ଶୀତ ସକାଳରେ ଛୋଟ ପିଲା ଖୋଜେ ମାଆର ଉଷୁମ କୋଳ,
ମାଆ ତେଣେ ବ୍ୟସ୍ତ ସାରିବ ପାଇଟି ଦିନ ଛୋଟ ଯିବ ବେଳ।
ଖରା ପଉଁଥାନ୍ତି ପାରା ଯୋଡ଼ି ଯୋଡ଼ି ଦାଣ୍ଡ ପିଣ୍ଡା, ଛାତ ପରେ,
ଖୁଣ୍ଟି ଖାଉଥାନ୍ତି ଖୁଦ ଖଦରାକୁ ବସି ମନ ହରଷରେ।
ଚାଷୀ ଭାଇ ଖାଇ ପଖାଳ କଂସାଏ ବିଲକୁ ସଅଳ ଯାଏ,
ହେଉ ପଛେ ଶୀତକାକରକୁ ତାର ଖାତିର୍ ଟିକେ ନ ଥାଏ।


କୁଟୁଣିଆଁ,ହିନ୍ଦୋଳ,ଢେଙ୍କାନାଳ
ମୋ ନ - ୯୮୬୧୯୪୫୬୨୬





# ଓଡ଼ିଶା ଇତିହାସର ନିର୍ଭୀକ ସାମ୍ବାଦିକ



**ମୀରା ବେଉରା**



ଉତ୍କଳମଣି ଗୋପବନ୍ଧୁ 'ଉତ୍କଳ ସମ୍ମିଳନୀ' ମଞ୍ଚରେ ଥରେ କହିଥିଲେ 'ବିଶ୍ୱ ଇତିହାସରେ ଓଡ଼ିଶାର ଦାନ ସାମାନ୍ୟ ନୁହେଁ।' ଅଶୋକଙ୍କର କଳିଙ୍ଗ ସମରଠାରୁ ବୀର ସୁରେନ୍ଦ୍ର ସାଏଙ୍କ ପର୍ଯ୍ୟନ୍ତ ଭାରତ ନୁହେଁ ବିଶ୍ୱରେ ଓଡ଼ିଶାର ସ୍ୱାକ୍ଷର ଲିପିବଦ୍ଧ। ସେଥିରେ ବିଶ୍ୱାସଘାତୀ ଗୁପ୍ତଛୁରିକାର କାପୁରୁଷତା ନାହିଁ। ସେହି ଐତିହ୍ୟ କାଲି ଥିଲା ଆଜି ଅଛି ଯାହା ଶାଣିତ ତରବାରୀର ଝଲସ ପରି ଝଲମଲ। ଏକଶତ ଏକ ବର୍ଷରେ ଗୋପବନ୍ଧୁଙ୍କ 'ସମାଜ' ସେହି ଐତିହ୍ୟର ବାହକ, ଧାରକ ଆଉ ସବୁଠୁ ବଳିଷ୍ଠ ଏବଂ ସତ୍ୟ କଥା ହେଲା ସେହି 'ସମାଜ'ର ଆତ୍ମା, ସଂହିତାକାର ହେଉଛନ୍ତି 'ବାବୁଜୀ' ରାଧାନାଥ ରଥ। ଏହି ସମାଜ ଆଜି ଓଡ଼ିଶାର ପାଣି, ପବନ, ମୃତ୍ତିକାରେ ଭୂମିଷ୍ଠ, ବଳିଷ୍ଠ, ସକ୍ଷମ ଓ ତେଜୋମୟ ହୋଇ ଓଡ଼ିଶାକୁ ତାହାର ସମସ୍ତ ସମ୍ଭାର ଦାନ କରିଛି। ପ୍ରକୃତରେ କହିବାକୁ ଗଲେ ରାଧାନାଥ ରଥ ଥିଲେ ଏକ ନିରବଚ୍ଛିନ୍ନ ବିରାମହୀନ, ସ୍ଥିତପ୍ରଜ୍ଞ, ସାଧନାରତ ଚେତନା ଓ ମାନବତାର ଉଜ୍ଜ୍ୱଳ ପ୍ରତୀକ। 'ସମାଜ' ଆଜି ମଧ୍ୟ ଦୁର୍ବିପାକ ସାମନାରେ ଭରସା, ଦୁର୍ଦ୍ଧର୍ଷ ଦୁର୍ନୀତି ବିରୁଦ୍ଧରେ ଅଟଳ ସଂକଳ୍ପବଦ୍ଧ ବୀରତ୍ୱର ପ୍ରତୀକ। ବହୁ ଆଘାତ ଝଡ଼ଝଞ୍ଜା ଆସିଛି ହେଲେ ଯେଉଁ ଦୀପଶିଖା ଗୋପବନ୍ଧୁ ଜାଳିଦେଇ ଯାଇଥିଲେ ସେହି ଦୀପଶିଖାକୁ ମଧ୍ୟ ଜଳାଇ ରଖିଥିଲେ ରାଧାନାଥ ରଥ।

ବାବୁଜୀ ଏକ ବ୍ୟକ୍ତି ନଥିଲେ, ସେ ଥିଲେ ଇତିହାସ। ଯେତେବେଳେ ଓଡ଼ିଶାରେ ୧୯୮୦ରୁ ୧୯୮୫ ମସିହା ମଧ୍ୟରେ ଶିଶୁହତ୍ୟା ଓ ନରବଳି ଭଳି ଅନ୍ଧବିଶ୍ୱାସ ଦ୍ୱାରା ପ୍ରାୟତଃ ୧୩୦ ଜଣ ପ୍ରାଣତ୍ୟାଗ କରିଥିଲେ କିନ୍ତୁ ରାଜ୍ୟ ସରକାର କୋର୍ଟ ଜରିଆରେ କୌଣସି ପଦକ୍ଷେପ ନେଇ ନଥିଲେ। ଏହି ଦୁଃଖଦ ଘଟଣାକୁ ବାବୁଜୀ ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କୁ ଭେଟି ଜଣାଇଥିଲେ। ପରବର୍ତ୍ତୀ ସମୟରେ ପ୍ରଧାନମନ୍ତ୍ରଙ୍କର ଉଦାସୀନ ମନୋଭାବ ତାଙ୍କୁ ବହୁତ ବ୍ୟଥିତ କରିଥିଲା। ସେ ଦୁଃଖରେ ମ୍ରିୟମାଣ ହୋଇ ପଡ଼ିଥିଲ। ଏହି ଘଟଣା ହିଁ ତାଙ୍କର ଉଦାର ମାନବିକତାର ପ୍ରମାଣ ଦିଏ। ଏକ ବିଦ୍ରୋହୀ ଆତ୍ମା ଭଳି ସେ ଦୁର୍ନୀତି, ଭ୍ରଷ୍ଟାଚାର ବିରୁଦ୍ଧରେ ଆଜୀବନ ଲଢ଼ିଥିଲେ। ଓଡ଼ିଶାର ରାଜନୀତି କ୍ଷେତ୍ରରେ ମଧ୍ୟ ସେ ଥିଲେ ଜଣେ ପ୍ରବୀଣ ଯୋଦ୍ଧା ଏବଂ ସାଲିସ୍ ବିହୀନ ସଂଗ୍ରାମୀ। ବିଚ୍ଛିନ୍ନାଞ୍ଚଳ ସମସ୍ୟା ଓ ଉପାନ୍ତ ଅଞ୍ଚଳର ଓଡ଼ିଆଙ୍କ ଦୁର୍ଦ୍ଦଶା ପ୍ରତି ସେ ସଦାସର୍ବଦା ସଚେତନ। ନିଷ୍ପେସିତ, ଲାଞ୍ଛିତ ମଣିଷର ମର୍ମବେଦନାର ସ୍ୱର 'ସମାଜ'ରେ ସର୍ବଦା ପ୍ରତିଧ୍ୱନିତ ହୋଇ ଉଠୁଥିଲା। ଓଡ଼ିଶା ପ୍ରତି କେନ୍ଦ୍ରର ଅବହେଳା ଦେଖିଲେ ସେ ଉତ୍ତ୍ୟକ୍ତ ହୋଇ ଉଠନ୍ତି।

ତାଙ୍କର ଚଳଚଞ୍ଚଳ ଲେଖନୀ ସର୍ବଦା ବ୍ୟଭିଚାରୀ, ମିଥ୍ୟାବାଦୀ, ଉତ୍କୋଚଗ୍ରାହୀ, ମଦ୍ୟପଙ୍କ ଚରିତ୍ର ବିରୁଦ୍ଧରେ କୁଠାରଘାତ କରୁଥିଲା। ତାଙ୍କ ପାଇଁ ସାମ୍ବାଦିକତା କେବଳ ଏକ ବୃତ୍ତି ନ ଥିଲା, ଥିଲା ଦେଶସେବା ଯାହା ଆଜି ଆଧୁନିକ ସାମ୍ପ୍ରତିକ ସମାଜର ବିରଳ। ଯଦିଓ ଅତୀତରେ ତାଙ୍କର ନିର୍ଭୀକ ସାମ୍ବାଦିକତାକୁ ନେଇ ବହୁ କ୍ଷମତାଅନ୍ଧ ଶାସକ 'ସମାଜ'ର କଣ୍ଠରୋଧ କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ବାବୁଜୀଙ୍କ ଦୃଢ଼ ପଦକ୍ଷେପ କେବେ ହାର ମାନି ନ ଥିଲା। ଅସତ୍ୟ, ଅନ୍ୟାୟ ଦେଖିଲେ ବାବୁଜୀ ଯେତିକି ବଜ୍ରପରି କଠିନ ହେଉଥିଲେ ଠିକ୍ ସେତିକି ପରିମାଣ ମାନବିକତା ତାଙ୍କ ବ୍ୟକ୍ତିତ୍ୱରେ ବାରି ହୋଇ ପଡୁଥିଲା; ଯେତେବେଳେ ସେ ଦୁଃଖୀ ଦରିଦ୍ରଙ୍କ ଦୁଃଖରେ ମ୍ରିୟମାଣ ହୋଇଥିଲେ। ପ୍ରକୃତରେ ସେ ହିଁ ଥିଲେ ଏକାଧାରରେ ବୁଦ୍ଧିଜୀବୀ, ସାହିତ୍ୟିକ, ଅପ୍ରତିଦ୍ୱନ୍ଦୀ ସମ୍ପାଦକ, ସତ୍ୟନିଷ୍ଠ ନିର୍ଭିକ କବି, ସାମ୍ବାଦିକ, ଐତିହ୍ୟ ସଂରକ୍ଷକ, ପ୍ରବୀଣ ପ୍ରାବନ୍ଧିକ, ସମାଲୋଚକ, ଗାନ୍ଧିବାଦୀ ବ୍ୟକ୍ତିତ୍ୱ, ସାମାଜିକ, ରାଜନୈତିକ ସମୃଦ୍ଧିର ପଥ ପ୍ରଦର୍ଶକ। ଗୋପବନ୍ଧୁଙ୍କ ମାନସ ସନ୍ତାନ 'ସମାଜ ସାପ୍ତାହିକ' ପତ୍ରିକା ଭାବେ ୧୯୧୯ ମସିହା ଅକ୍ଟୋବର ୪ ତାରିଖ ଦଶହରା ଦିନ ପ୍ରଥମେ ପ୍ରକାଶିତ ହୋଇଥିଲା। ସେହି ଚାରାଗଛଟି ଆଜି ପତ୍ର, ଶାଖା ମେଲି ମହାଦ୍ରୁମରେ ପରିଣତ ହୋଇ ନିଜ କାୟା ବିସ୍ତାର କରିଛି। ଏହି ସଫଳତାର ଶ୍ରେୟ କେବଳ ସମ୍ଭବ ହୋଇଥିଲା ବାବୁଜୀଙ୍କ ପାଇଁ।

ଏବେ ୧୦୩ ବର୍ଷ ଅତିକ୍ରାନ୍ତ ପରେ ମଧ୍ୟ 'ସମାଜ' ଜାଗ୍ରତ ପ୍ରହରୀ ସାଜି କେବଳ ଓଡ଼ିଶାର ଜନମାନସରେ ନୁହେଁ ସମଗ୍ର ଭାରତବର୍ଷରେ କାର୍ଯ୍ୟ କରୁଛି। ପ୍ରକୃତରେ ବାବୁଜୀ ଥିଲେ ଏକମାତ୍ର ଶତାୟୁ ପୁରୁଷ ଯିଏ ନିଜର ବିଚକ୍ଷଣ ବୁଦ୍ଧି, ପ୍ରତିଭା, ନୀତି, ନିଷ୍ଠା, କର୍ମ, ସେବା ଦ୍ୱାରା ସମସ୍ତଙ୍କର ପ୍ରିୟ ହୋଇପାରିଛନ୍ତି। ଓଡ଼ିଶାରେ ଜନ ଆନ୍ଦୋଳନ ପ୍ରତିଷ୍ଠା କରିବାରେ 'ସମାଜ' ପତ୍ରିକାର ଅବଦାନ ଆଜିବି ପ୍ରଶଂସନୀୟ। ଏକ ଦୈନିକ 'ସମାଜ' କେବଳ ଏକ ସମ୍ବାଦପତ୍ର ନୁହେଁ, ଏହା ଅନେକ ଦଳିତ, ଅବହେଳିତ, ନିଷ୍ପେଷିତ, ପ୍ରପୀଡ଼ିତ ଜନତାଙ୍କ ସ୍ୱର ଓ ଆଦର୍ଶ ପତ୍ରିକାରେ ପ୍ରଣୀତ। ଓଡ଼ିଶାର ପ୍ରାକୃତିକ ବିପର୍ଯ୍ୟୟ ବେଳେ ଯଦି କିଏ ଲୋକଙ୍କ ପାଖରେ ପହଁଞ୍ଚୁଥିଲା ସେ ଥିଲା ସମାଜ। ପ୍ରକୃତରେ ଗୋପବନ୍ଧୁଙ୍କର ସେହିଁ ଥିଲେ ପ୍ରକୃତ ଶିଷ୍ୟ ଯିଏ ବନ୍ୟା, ବାତ୍ୟା, ମରୁଡ଼ି ହେବା ପୂର୍ବରୁ 'ସମାଜ' କର୍ମଚାରୀଙ୍କ ସହ ରିଲିଫ କାର୍ଯ୍ୟକୁ ନିଜେ ସୁଚାରୁରୂପେ କାର୍ଯ୍ୟ ସମ୍ପାଦନ କରୁଥିଲେ, କଳାହାଣ୍ଡି ଜିଲ୍ଲାରେ ଯେତେବେଳେ ୧୯୬୬ ମସିହାରେ ଭୟଙ୍କର ମରୁଡ଼ି ଯୋଗୁଁ ସେଠାକାର ଅଧିବାସୀମାନେ ପୀଡ଼ିତ ହୋଇଥିଲେ। ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀ ଏହି ମରୁଡ଼ି ଅବସ୍ଥା ଅନୁଧ୍ୟାନ କରିବା ପାଇଁ ଯେତେବେଳେ ଓଡ଼ିଶାକୁ ଗ୍ରସ୍ତ କରିଥିଲେ। ବାବୁଜୀ ନିଜେ ଯାଇ ତାଙ୍କୁ ଭେଟି କଳାହାଣ୍ଡିର ଜନଜୀବନ ସମ୍ପର୍କରେ ଏକ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ ଏବଂ ଏହା ନିରାକରଣ ପାଇଁ ମଧ୍ୟ ପରାମର୍ଶ ରଖିଥିଲେ। ଏହି କାର୍ଯ୍ୟ ତାଙ୍କୁ ଅପାର ଆନନ୍ଦ ଦେଉଥିଲା। ତାଙ୍କ ଜୀବନ ଦର୍ଶନରୁ ଆମେ ଏତିକି ଅନୁମାନ କରିପାରିବା ଯେ ଓଡ଼ିଶାର ଦୁଃଖୀ, ଦରିଦ୍ର, ପ୍ରପୀଡ଼ିତ, ଅସହାୟ ଲୋକମାନଙ୍କ ପାଇଁ ତାଙ୍କ ଜୀବନ ଥିଲା ସଦା ସମର୍ପିତ ଜୀବନ। ମୃତ୍ୟୁ ତାଙ୍କୁ କେବେ ସ୍ପର୍ଶ କରିପାରିବନି ସେ ଯେ ମୃତ୍ୟୁହୀନ ଶୃତିପଥ।

ଯଦିଓ ବାବୁଜୀ ଆଜି ସ୍ୱଦେହରେ ନାହାଁନ୍ତି ତଥାପି ଆଜିର ଯୁବପିଢ଼ି ଯଦି ତାଙ୍କରି ଆଦର୍ଶକୁ ପାଥେୟ କରି କର୍ମବୀର ପରି ସଂକଳ୍ପବଦ୍ଧ ହୋଇ ଆଜୀବନ କର୍ମ କରି ଚାଲିବେ ତେବେ ତାହାହିଁ ହେବ ଶତାୟୁ ପୁରୁଷ ପ୍ରିୟ ବାବୁଜୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।


+ରଘୁନାଥଜୀଉ ମହାବିଦ୍ୟାଳୟ,
ଦେଉଳ ସାହି, ତୁଳସୀପୁର, କଟକ
ଫୋନ୍- ୯୮୫୩୩୫୦୩୮୪





**ଜ୍ୟୋସ୍ନାମୟୀ ପଣ୍ଡା**



॥ ଭାଗ-୨୫ ॥

(ପୂର୍ବ ପ୍ରକାଶିତ ଉତ୍ତାରୁ)

ବର୍ତ୍ତମାନଠାରୁ ପ୍ରାୟ ସାତ ହଜାର ପାଞ୍ଚ ଶହରୁ ଏଗାର ହଜାରରୁ ତେର ହଜାର ବର୍ଷ ପୂର୍ବେ....... । ପୁଣି ଏକ ପ୍ରଳୟ ସୃଷ୍ଟି ହେଲା। କଚ୍ଛପ ସୃଷ୍ଟି ହୋଇଥିଲେ, ପ୍ରାୟ ଅଠେଇଶ ହଜାର ବର୍ଷ ପୂର୍ବେ। ଏହାପରେ ପ୍ରାୟ ଉଣେଇଶ ହଜାର ବର୍ଷ ପୂର୍ବେ ଆରମ୍ଭ ହୋଇ ଥିଲା ସନାତନ ଧର୍ମ।

ମୀନ ଓ କଚ୍ଛପଙ୍କର ସୃଷ୍ଟି ପରେ ପୃଥିବୀ ରେ ଅନେକ ପ୍ରାଣୀ ସୃଷ୍ଟିହୋଇ ସାରିଥିଲେ। ବିଭିନ୍ନ ପଶୁ, ପକ୍ଷୀ, କୀଟ, ପତଙ୍ଗ, ଡାଇନୋସର ଜାତୀୟ ସରୀ ସୃପ ଓ କ୍ଷୁଦ୍ର ପଶୁମାନେ ଜନ୍ମ ନେଇଥିଲେ। ସେମାନଙ୍କ ମଧ୍ୟରୁ କେତେକ ବିଭିନ୍ନ ସମୟରେ ପ୍ରାକୃତିକ ବିପର୍ଯୟ ହେତୁ ଲୋପ ମଧ୍ୟ ପାଇ ଯାଇଥିଲେ। ନୃ ବାନର ମାନେ ବିବର୍ତ୍ତିତ ହୋଇ ଆଦି ମାନବରେ ଏବଂ ଉନ୍ନତ ମାନବରେ ପରିଣତ ହୋଇଥିଲେ। ଏହି ଆଦିମ ମାନବ ମାନେ ପ୍ରକୃତିର ଚନ୍ଦ୍ର, ସୂର୍ଯ୍ୟ, ମେଘ, ପବନ, ବୃକ୍ଷ ବିଜୁଳି, ବଜ୍ର ଆଦିକୁ ଉପକାର ବା ଭୟ ଦୃଷ୍ଟିରୁ ଦେବତା ବା ଅସାଧାରଣ ବୋଲି ମନେ କରୁଥଲେ। ଯାହା କି ବହୁ ବର୍ଷ ପର୍ଯ୍ୟନ୍ତ ପୃଥିବୀ ବାସୀ ମାନବମାନେ ଗ୍ରହଣ କରି ଥିଲେ। ଏହି ଅନ୍ତର୍ବିଜ୍ଞାନ ଅନୁସାରେ ବିଶ୍ୱରେ ଜୀବ, ଜଡ ସମସ୍ତ ପଦାର୍ଥର ହିଁ ଜୀବନ ଥିଲା। ସବୁ ପଦାର୍ଥରେ ପରମାତ୍ମାଙ୍କ ସତ୍ତା ବା ଶକ୍ତି ରହିଥିଲା।

ପ୍ରାୟ ବର୍ତ୍ତମାନଠାରୁ ତିନି ହଜାର ପାଞ୍ଚ ଶହ ବର୍ଷ ତଳେ ବେଦ ରଚନା ସମୟରେ ଆର୍ଯ୍ୟମାନେ ଏହି ସୂର୍ଯ୍ୟ, ବରୁଣ, ବାୟୁ, ଅଗ୍ନି, ବୃକ୍ଷ ଆଦି ଦେବତାମାନଙ୍କ ସନ୍ତୋଷ ପାଇଁସ୍ତୋତ୍ର ରଚନା କରିଥିଲେ। ପୃଥିବୀର ବିଭିନ୍ନ ସ୍ଥାନରେ ବର୍ଷାର ଦେବତା ଇନ୍ଦ୍ର, ଜଳ ଦେବତା ବରୁଣ, ଆଲୋକର ଦେବତା ସୂର୍ଯ୍ୟ ମୃତ୍ୟୁର ଦେବତା ଯମ ଆଦି ଶକ୍ତିଙ୍କୁ ନାମିତ କରା ଯାଇଥିଲା ଓ ଏମାନଙ୍କ ନାମରେ ମଧ୍ୟ ଅନେକ ଗଳ୍ପ ଲେଖା ଯାଇଥିଲା। ଆର୍ଯ୍ୟମାନେ ଭାରତରେ ବସତି ସ୍ଥାପନ କରି ସାରିଥିଲେ।

କିନ୍ତୁ ଆଠ ହଜାର ବର୍ଷରୁ ଚଉଦ ହଜାର ବର୍ଷ ପୂର୍ବେ ଆର୍ଯ୍ୟ ମାନେ ସୃଷ୍ଟି ହୋଇ ନଥିଲେ। କିନ୍ତୁ, ସେମାନଙ୍କର ପୂର୍ବଜ ମାନେ ସେହି ସମୟରେ ଭାରତର ହିମାଳୟର ପାଦ ଦେଶଠାରୁ ଆରବ ସାଗର କୂଳରେ ଏକ ସଭ୍ୟ ଜାତି ରୂପେ ମଧ୍ୟ ପାଷାଣ ବା ପୁରାତନ ପାଷାଣ ଯୁଗରୁ ବସ ବାସ କରୁଥିଲେ। ସେମାନେ ବେଦ ସୃଷ୍ଟି କରିଥିଲେ। ଏହାକୁ ପ୍ରାରମ୍ଭିକ ଭାବେ ଲେଖି ମଧ୍ୟ ଥିଲେ। କିନ୍ତୁ, ସେହି ସମୟରେ ପ୍ରବଳ ବୃଷ୍ଟି ପାତ ହୋଇ ଥିଲା ଏବଂ ସମୁଦ୍ରରେ ପ୍ରବଳ ଜୁଆର ସୃଷ୍ଟି ହୋଇଥିଲା। ସରସ୍ୱତୀ, ଶତ ଲେଜ, ଯମୁନା, ବ୍ରହ୍ମପୁତ୍ର ନଦୀ ଆଦିରେ ପ୍ରବଳ ବୃଷ୍ଟିପାତ ଏବଂ ସମୁଦ୍ର ଜୁଆର ମାଡି ଆସିବାରୁ ଏକ ଭୟଙ୍କର ବନ୍ୟା ସୃଷ୍ଟି ହୋଇଥିଲା ଓ ଏହି ପ୍ରାଣୀମାନେ ଜଳମଗ୍ନ ହୋଇଗଲେ। ଯଦି ବାପୃଥିବୀର ବିଭିନ୍ନ ସ୍ଥାନରେ ଦଳେ ଦଳେ ପ୍ରାଣୀ ଉଦ୍ଭିଦ ଓମାନବମାନେ ଜୀବିତ ବି ଥିଲେ ସେମାନଙ୍କର ପରସ୍ପର ସହିତ କୌଣସି ସଂଯୋଗ ନଥିଲା।

ବ୍ୟାସ ଦେବଙ୍କ ମତରେ, ଯେତେବେଳେ ପ୍ରଳୟ ସଂଘଠିତ ହେଲା,ସେତେବେଳେ ପ୍ରଳୟ ଜଳ ସପ୍ତର୍ଷି ମଣ୍ଡଳକୁ ସ୍ପର୍ଶ କରୁଥିଲା। ପ୍ରଚଣ୍ଡ ବର୍ଷା, ବିଜୁଳିର ଚମକ ସହ ଅଣଚାଶ ପବନ ମଧ୍ୟ ବହୁଥିଲା। ଏହି ପ୍ରଳୟରେ ତିନିପୁର ଧ୍ୱଂସ ହୋଇ ଯାଇଥିଲା। କେବଳ ଏକ ବିଶାଳ ରାଘବ ମତ୍ସ୍ୟର

ଶୃଙ୍ଗରେ ନୌକା ବାନ୍ଧି ସପ୍ତଋଷି, ସତ୍ୟବ୍ରତ, ବେଦ, ଔଷଧ ବା ଆୟୁର୍ବେଦ, କାମିନୀଏବଂ ସଂସାରର ସମସ୍ତ ବୀଜମାନଙ୍କୁ ସୁରକ୍ଷିତ ରଖାଯାଇଥିଲା।

ସେତେବେଳେ ହୟଗ୍ରୀବ ନାମକ ଏକ ରାକ୍ଷସ ବେଦକୁ ଅପହରଣ କରିଥିଲା ଏବଂ ଏହି ମତ୍ସ୍ୟ ତାକୁ ଉଦ୍ଧାର କରିଥିଲେ । ସେ ହୟଗ୍ରୀବକୁ ବିନାଶ କରିଥିଲେ। ଏହି ପ୍ରଳୟ ସମୟରେ ସେହି ପରଂବ୍ରହ୍ମଙ୍କୁ କେବଳ ସ୍ମରଣ କରାଯାଇଥିଲା।

ସମ୍ଭବତଃ ସେହି ପ୍ରଳୟ ଜଳରେ ମୀନ ବ୍ୟତୀତ ଅନ୍ୟ କୌଣସି ଖାଦ୍ୟ ମଧ୍ୟ ସେମାନଙ୍କ ପାଇଁ ନଥିଲା।

ଇତି ମଧ୍ୟରେ ଶହ ଶହ ବର୍ଷ ଅତିକ୍ରାନ୍ତ ହୋଇଗଲା । ପ୍ରଳୟ ପରେ ସ୍ୱୟଂ ଭୁବ ମନ୍ୟୁଙ୍କଠାରୁ ସୃଷ୍ଟି ହୋଇଥିବା ବଂଶଜମାନେ ଭାରତ ତଥା ଭାରତ ବାହାରେ ଅନେକ ଦୀର୍ଘ ଦୂରତା ମଧ୍ୟରେ ବସ ବାସ କରିବାରେ ଲାଗିଲେ।

କଶ୍ୟପ ତଥା ଅଦିତିଙ୍କଠାରୁ ଦେବତା ମାନେ ଜନ୍ମ ନେଲେ। ସେମାନଙ୍କ ମଧ୍ୟରେ ବିବସ୍ୱାନ ଥିଲେ ଅନ୍ୟତମ। ତାଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ ଶ୍ରାଦ୍ଧଦେବ ବୈବସ୍ୱତ ମନ୍ୟୁ।

ସେ ଥିଲେ ସେହି ପୂର୍ବ ଜନ୍ମରେ କଠୋର ତପ ସାଧନା କରି ପ୍ରଳୟ ଜଳରେ ଆୟୁର୍ବେଦ, ବୀଜ ଓ ନାରୀ ମାନଙ୍କୁ ସୁରକ୍ଷିତ ରଖିଥିବା ଦ୍ରାବିଡ ରାଜା ସତ୍ୟବ୍ରତ। ଯାହାଙ୍କର ଜନ୍ମ ଆଠ ହଜାର ଛ ଶହ ତେସ୍ତରୀରୁ ବାର ହଜାର ବର୍ଷ ପୂର୍ବେ ହୋଇଥିଲା।

ଜ୍ୟୋତିଷ୍ପ ମାନଙ୍କ ବିଷୟରେ ଅସାଧାରଣ ଜ୍ଞାନ ସମ୍ପନ୍ନ ଏହି ପ୍ରାଚୀନ ଜ୍ୟୋତିର୍ବିଦ ପୃଥିବୀ ବାସୀଙ୍କର ପୂଜ୍ୟ ହୋଇ ପାରିଥିଲେ। ତେଣୁ ତାଙ୍କର ନାମ ଥିଲା ଜ୍ୟୋତିଷ୍ପ । ତାଙ୍କ ପିତାଙ୍କ ନାମରେ ଭାଦ୍ରବ ମାସ ରେ ଅବସ୍ଥାନ କରୁଥିବା ସୂର୍ଯ୍ୟ ଙ୍କୁ ନାମିତ କରା ଯାଇଥିଲା। ତାଙ୍କ ଠାରୁ ଉତ୍ତମ ମନୁଷ୍ୟ ମାନେ ଜନ୍ମ ହୋଇଥିଲେ। ସେମାନେ ଦେବତା ମାନଙ୍କ ରାଜ ସଭାରେ ମାନବ ଜାତିର ପ୍ରତିନିଧି ରୂପେ ମନୋନୀତ ହୋଇଥିଲେ।

ସେତେ ବେଳକୁ ଦିତିଙ୍କ ଗର୍ଭରୁ ହିରଣ୍ୟକଶିପୁ ଓ ହିରାନାକ୍ଷ, ଦୁଇ ଆଦି ଦାନବଙ୍କର ଜନ୍ମ ହୋଇ ସାରିଥିଲା। ସେମାନେ ନିଜର ଶକ୍ତି ବଳରେ ପୃଥିବୀ ମଧ୍ୟରେ ନିଜର ଆଧିପତ୍ୟ ବିସ୍ତାର କରିଥିଲେ। ସେହି ସମୟରେ ପୁନଶ୍ଚ ଏକ ଭୟଙ୍କର ବନ୍ୟା ସୃଷ୍ଟି ହୋଇ ସିନ୍ଧୁ, ମଦ୍ର, ଗୁଜୁରାଟ ଓ କାଶ୍ମୀର ଆଦି ସ୍ଥାନକୁ ଜଳ ମଗ୍ନ କରି ଦେଇଥିଲା ତଥା ମାଡିଆସିଥିଲା ସମୁଦ୍ର ଜୁଆର।...

ତାହା ଥିଲା ବରାହ କଳ୍ପର ସମୟ।

(କ୍ରମଶଃ)


+ବାଲିଝରି, କାନପୁର, ବଡ଼ମ୍ବା, କଟକ


# ସମ୍ପର୍କର ସଜାଡ଼ିବାର ମନ୍ତ୍ର

ସମ୍ପର୍କର ଗନ୍ଧ

**ଶ୍ୱେତା ରାଉତ୍**

ଆମକୁ ଦୁଃଖ ଦେଉଥିବା ସମ୍ପର୍କୀୟମାନଙ୍କ ପ୍ରତି ସବୁବେଳେ ଆମ ମନରେ ଅଭିମାନ ଥାଏ, ଅଭିଯୋଗ ଥାଏ, ଦୁଃଖ ଥାଏ ଯାହା ଆମେ ପ୍ରକାଶ କରିପାରନ୍ତି ନାହିଁ କିମ୍ବା ସହିବା ମଧ୍ୟ ସମ୍ଭବ ହୋଇନଥାଏ। ଏସବୁ ଚିନ୍ତା କରି କରି ଆମେ ଅସନ୍ତୋଷରେ ରହନ୍ତି, ଦୁଃଖରେ, ଅନୁଶୋଚନାରେ ରହନ୍ତି। ସମ୍ପର୍କ ଭାଙ୍ଗିଯିବାର ଭୟରେ ଆମେ କିଛି କୁହନ୍ତି ନାହିଁ ସତ, ହେଲେ ଆମ ମନକୁ, ଆତ୍ମାକୁ ସାରାଦିନ ଏସବୁ କଥା କହି କହି ରୋଗଗ୍ରସ୍ତ କରିଦିଅନ୍ତି, ରକ୍ତଚାପ ବଢାନ୍ତି, ଖାଇବା ବି ବିଷ ପରି ମନେହୁଏ। କିଛି କହିହୁଏନି କି ସହି ହୁଏନି। ଆପଣ ଯଦି ନିଜ ପରିବାରରେ ଏମିତି ସମସ୍ୟାର ସମ୍ମୁଖୀନ ହେଉଥାନ୍ତି ତେବେ ନିଜକୁ ଠିକ୍ ରଖିବା, ଖୁସି ରଖିବା ଏବଂ ମାନସିକ ଚାପରୁ ଦୂରେଇ ରହିବାର ଏକମାତ୍ର ସମାଧାନ ଉପଯୋଗ କରନ୍ତୁ। ତାହା ହେଲା ଅନ୍ୟମାନଙ୍କୁ ବଦଳାଇବାର ଚେଷ୍ଟା ଛାଡି ନିଜର ବିଚାର ବଦଳାନ୍ତୁ।

ପ୍ରତି ସମସ୍ୟାକୁ ଭାବିନିଅନ୍ତୁ ଇଶ୍ୱରଙ୍କ ଇଚ୍ଛା ଓ ଏହାର କିଛି କାରଣ ଥାଇପାରେ। ଧ୍ୟାନ ଦିଅନ୍ତୁ ସମୟ ଉପରେ। ଆମେ ଯଦି ରାତିରେ ସୂର୍ଯ୍ୟ ଦେଖିବାର ଇଚ୍ଛା ରଖିବା ଏହା ଆମର ମୂର୍ଖାମୀ। ଏ ସମୟ କଳିର ସମୟ। କଳିଯୁଗର ବିଶେଷତଃ ହେଲା ନକରାତ୍ମକ ବିଚାର ଯଥା-ଚୋରି, ନାରୀ, ଧୋକା, ବେହିମାନୀ, ଅନ୍ୟାୟ, ଅତ୍ୟାଚାର, ଅଧର୍ମ, ନିନ୍ଦା, କଳି ତକରାଳ ଇତ୍ୟାଦି। କଳିଯୁଗର ମଣିଷମାନେ ବି ଅଯବ ଅଯବ ବ୍ୟବହାର କରିବେ। ଯାହାଠୁ ଉପକାର ପାଇବେ ତାହାର ଅପକାର ଚିନ୍ତା କରିବେ, ଯାହାଠୁ ସହଯୋଗ ପାଇବେ ତାକୁ ହଇରାଣ କରିବେ, ଯାହାଠୁ କ୍ଷମା ପାଇବେ ତାକୁ ଦୋଷୀ ସାବ୍ୟସ୍ତ କରି ଦେବେ, ଯାହାଠୁ ନ୍ୟାୟ ପାଇବେ ତା ସହିତ ଅନ୍ୟାୟ କରିବେ, ଯାହାଠୁ ସମ୍ପତ୍ତି ପାଇବେ ତାକୁ ଭିକାରୀ କରି ଦେବେ, ଯାହାଠୁ ପ୍ରେମ ପାଇବେ ତାକୁ ପ୍ରତାରଣା ଦେବେ, ଯାହାଠୁ ସମ୍ମାନ ପାଇବେ ତାକୁ ନିନ୍ଦା ଦେବେ, ଯାହାଠୁ ଆଶୀର୍ବାଦ ପାଇବେ ତାକୁ ଅଭିଶାପ ଦେଇଦେବେ, ଯାହାଠୁ ମଙ୍ଗଳକାମନା ପାଇବେ ତାର ଅମଙ୍ଗଳ ଚିନ୍ତା କରିବେ।

ତେଣୁ କଳିଯୁଗରେ ଯେତେବେଳେ ପ୍ରତିଟି ଆତ୍ମା ସମୟ ପ୍ରଭାବରେ, କଳି ପ୍ରଭାବରେ ପ୍ରଭାବିତ, ଆମକୁ ଭାବିନେବାକୁ ହେବ ଏମାନେ ଅସଂସ୍କାରର ରୋଗଗ୍ରସ୍ତ। ଯେଉଁ ଆତ୍ମା ଯେତେ ଖରାପ, ତାର ସଂସ୍କାର ଯେତେ ଖରାପ ତାକୁ ସେତେ ବେଶୀ ଶ୍ରଦ୍ଧାର ଆବଶ୍ୟକତା ଅଛି। ପ୍ରଥମରୁ ଖରାପ ଥିବା ଆତ୍ମା ବା ମଣିଷକୁ ଯଦି ଖରାପ ଖରାପ କହି ତା ସହିତ ଖରାପ ବ୍ୟବହାର କରାଯାଏ ତେବେ ସେ ଆହୁରି ଖରାପ ହେବ, ତା'ର ସଂସ୍କାର ଆହୁରି ଖରାପ ହେବ।

ଯଦି ଜଣେ କୌଣସି ରୋଗରେ ପିଡିତ ଥାଆନ୍ତି ଆମେ ତାଙ୍କର ଚିକିତ୍ସା କରିଥାନ୍ତି ଭଲ ହେବାପାଇଁ।ଯଦି ଆମେ ରୋଗର ଉପଚାର ନକରି ସେମିତି ଛାଡିଦେବା ତ ରୋଗ ଆହୁରି ବଢିବ, ଚାରିଆଡକୁ ସଂକ୍ରମିତ କରିବ। ତେଣୁ ଅସଂସ୍କାର ରୋଗରେ ଆକ୍ରାନ୍ତ ରୋଗୀକୁ ସୁସ୍ଥ କରିବା ଆମର କର୍ତ୍ତବ୍ୟ। ରୋଗକୁ ଆମେ ଘୃଣା କରି ରୋଗୀର ଯତ୍ନ ନ ନେଲେ ଧୀରେ ଧୀରେ ଏହା ମହାମାରୀର ରୂପ ନେବ। ତେଣୁ ଏ



ଅସଂସ୍କାରର ରୋଗ ପାଇଁ ଆମ ସଂସ୍କାରର ଔଷଧ ନିହାତି ଆବଶ୍ୟକ।

ଜଣେ ମଣିଷ ଯେତେ ବେଶୀ ଖରାପ ହୋଇଥାଏ ଆମକୁ ଭାବିନେବାକୁ ପଡିବ ସେ ସମୟର, କଳିର, ଅସଂସ୍କାରର ରୋଗରେ ଆକ୍ରାନ୍ତ। ତେଣୁ ତାକୁ ଅଧିକ ଶ୍ରଦ୍ଧା, ସେବା, ସହଯୋଗ ଦରକାର ନିରୋଗ ହେବାକୁ। 'ଯେତେ ଖରାପ ମଣିଷ ସେତେ ଅଧିକ ଶ୍ରଦ୍ଧା' ଏହା ଏକ ମନ୍ତ୍ର ସମ୍ପର୍କକୁ ସୁନ୍ଦର ରଖିବାକୁ।


+ରାଉତ କମ୍ପ୍ଲେକ୍ସ, କଟକ ରୋଡ, ଲକ୍ଷ୍ମୀସାଗର, ଭୁବନେଶ୍ୱର
(ମୋ)୯୪୩୯୭୨୬୦୬୦


## ଆଜିର କବିତା



### ଭୋକ

**ଶୁଭଦର୍ଶିନୀ ଦାଶ**

ଭୋକ...
ଜୀବନ ନାଟକର ସଂଳାପ ଲେଖକ
ପେଟର ଭୋକ ହେଉ କି ଦେହର
ବେଳେ ବେଳେ ରଚିଯାଏ
କାହାଣୀ,ଅତି ହୃଦୟ ବିଦାରକ ।

ସେ କାହାଣୀରେ
ବଳିପଡେ ମନ ଆଉ ପ୍ରାଣ,
ମମତାର ମୂଲଚାଲ ହୁଏ
ଅନ୍ଧାରି ଗଳିରେ
କେଇଖଣ୍ଡ ଗାନ୍ଧିମୁଣ୍ଡ ଥିବା କାଗଜ ପାଇଁ।

ରାସ୍ତା କଡ଼ରୁ ଛୁଟିଆସେ
ନିରୀହ କୁଆଁକୁଆଁ ରାବ
ଦରଦୀ କୋଳର ଉଷୁମ
ପରଶ ପାଇବା ପାଇଁ
କେବେ ଫୁଲ ହୋଇ ଫୁଟିବା ଆଗରୁ
ଏକ ଭୟାତୁର ମନ ଓ
ଦୁର୍ବଳ ଆତ୍ମାର ଜରାୟୁରୁ
ଖସି ପଡେ କଢ଼ିଟିଏ ହୋଇ ।

ନିର୍ଜନତାରେ ନାରୀ ହୁଏ ନିର୍ଯାତିତ
ନିକଞ୍ଚାନେ ଚାଲେ ରାସମୟ ନାଟ
ପ୍ରତିଟି କାହାଣୀରେ
ତା'ର ସମ୍ପର୍କ ଅତି ନିବିଡ଼
ତା ପାଇଁ କେତେ ନିରୀହ ନିଷ୍ପାପ
ନିତି ହୁଅନ୍ତି ନିଷ୍ପେସିତ
ମମତା ହୁଏ କଳୁଷିତ
ବିଶ୍ୱାସ ହୁଏ ନିନ୍ଦିତ
ମଧୁ ଚନ୍ଦ୍ରିକାରେ ନପଡିଲେ ରାଜ ଯୋଟ
ରକ୍ତ ଛିଟାରେ ରଙ୍ଗେଇଯାଏ
ତା ପ୍ରିତୀମୟ ନାଟ ।
ଏ ଭୋକ ସତେ ରଚିଯାଏ
କେତେ ହୃଦୟ ବିଦାରକ ନାଟ ।


+ ଭୁବନେଶ୍ୱର
ମୋ: ୮୨୮୦୩୧୧୦୦୦

# ନଷ୍ଟ ହେଉଛି କରିଡର: ବଢୁଛି ହାତୀ-ମଣିଷ ଲଢେଇ, ଖୋର୍ଦ୍ଧା ବନଖଣ୍ଡରେ ବର୍ଷକରେ ହାତୀ ଆକ୍ରମଣରେ ୭ ମୃତ



ଖୋର୍ଦ୍ଧା, ୦୬/୧୨ (ନି.ପ୍ର): ୧୦-୧୫ ବର୍ଷ ପୂର୍ବେ ଖୋର୍ଦ୍ଧା ବନଖଣ୍ଡରେ ଏକଦା ୪୨ଟି ହାତୀ ସ୍ୱଚ୍ଛନ୍ଦରେ ବୁଲୁଥିଲେ। ହାତୀ ସହ ମଣିଷର କାଁଭାଁ ମୁହାଁମୁହିଁ ହେଉଥିଲା। ୬ ଥାକିଆ ୧୬ ନମ୍ବର ଜାତୀୟ ରାଜପଥ, ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ରେଳପଥର ନିର୍ମାଣ, ଜଙ୍ଗଲ ଜମିରେ ବେଆଇନ ମାଙ୍କଡ଼ା ପଥର ଓ ମୋରମ ଖନନ ଯୋଗୁଁ ହାତୀର ନିୟମିତ ଚଳାପଥରେ ବାଧକ ସୃଷ୍ଟି ହେଲା। ବର୍ତ୍ତମାନ ହାତୀ ଜନବସତି ମୁହାଁ ହୋଇଛି। ଫଳରେ ମଣିଷ-ହାତୀର ଲଢ଼େଇ ବୃଦ୍ଧି ପାଉଛି। ତଥ୍ୟାନୁସାରେ ଗତ ୩ ବର୍ଷରେ ଖୋର୍ଦ୍ଧା ବନଖଣ୍ଡରେ ୯ଟି ହାତୀଙ୍କ ମୃତ୍ୟୁ ଘଟିଥିବା ବେଳେ ଚଳିତ ବର୍ଷ ହାତୀ ଆକ୍ରମଣରେ ମୃତ୍ୟୁ ସଂଖ୍ୟା କମି ଥିଲେ ମଧ ଚଳିତ ବର୍ଷ ହାତୀ ଆକ୍ରମଣରେ ୭ ଜଣଙ୍କ ମୃତ୍ୟୁ ଘଟିଛି। ପରିବେଶବିତ୍ ଧନେଶ୍ୱର ବିଧାର କହିଛନ୍ତି ଯେ ଏସୀୟ ହାତୀ ନିମନ୍ତେ ୨୦୦ ରୁ ୧ହଜାର ବର୍ଗ କିମି ଅଞ୍ଚଳ ଆବଶ୍ୟକ। ସ୍ୱଚ୍ଛନ୍ଦରେ ଖାଦ୍ୟ ସଂଗ୍ରହ ପାଇଁ ସର୍ବନିମ୍ନ ୨ଶହ ବର୍ଗ କିମି ଜଙ୍ଗଲ ଓ ଅର୍ଦ୍ଧ ଜଙ୍ଗଲ ଆବଶ୍ୟକ। ବର୍ତ୍ତମାନ ଖୋର୍ଦ୍ଧା ଜିଲ୍ଲା ହେଉଛି ରାଜ୍ୟରେ ଅନ୍ୟତମ ଦ୍ରୁତଗତିରେ ଜନସଂଖ୍ୟା ବୃଦ୍ଧି ପାଉଥିବା ଜିଲ୍ଲା। ଏଠାରେ ଜନସଂଖ୍ୟା ତୁଳନାରେ ଜମି ସଂଖ୍ୟା କମ୍। ଏଭଳି ସ୍ଥିତିରେ ଜଙ୍ଗଲ ଓ ବିସ୍ତୀର୍ଣ୍ଣ ଚାରଣ ଭୂମି ଉପରେ ଚାପ ପଡୁଛି। କାଠ ମାଫିଆ ଆଦିଙ୍କ ପାଇଁ ଜଙ୍ଗଲ ମଧ କମୁଛି। ଏଭଳି ସ୍ଥିତିରେ ଖୋର୍ଦ୍ଧାରେ ହାତୀଙ୍କ ପାଇଁ ଆବଶ୍ୟକ ଅଞ୍ଚଳ ନାହିଁ। ୨୦୧୭-୧୮ରେ ଖୋର୍ଦ୍ଧାର ହାତୀଙ୍କ ମଧ୍ୟରୁ ଗୋଟିଏ ଦଳ ଗଞ୍ଜାମ ବନଖଣ୍ଡକୁ ଚାଲିଯାଇଛନ୍ତି। ପ୍ରାୟ ୧୫ ବର୍ଷ ପୂର୍ବେ ଖୋର୍ଦ୍ଧା ବନଖଣ୍ଡରେ ୪୨ଟି ହାତୀ ରହିଥିଲେ। ସେମାନଙ୍କ ସ୍ୱାଭାବିକ ଚଳାପଥ ଚନ୍ଦକାରୁ ଗଙ୍ଗପଡ଼ା, ଗଙ୍ଗପଡ଼ାରୁ ବରୁଣେଇ ଦେଇ ବାଜପୁର ଗୋଡ଼ିପଡ଼ା, ରାମେଶ୍ୱର ଆଖପାଖ ଅଞ୍ଚଳ ଦେଇ ବରବରା ଜଙ୍ଗଲ। ପୁଣି ବରବରା ଜଙ୍ଗଲରୁ ଜରିପୁଟ-ଶରଧାପୁର ଦେଇ ଚନ୍ଦକା ଯାଏଁରହିଥିଲା। କିନ୍ତୁ ୨୦୧୮-୧୯ରେ ୧୬ ନମ୍ବର ଜାତୀୟ ପଥର ପ୍ରଶସ୍ତୀକରଣ ଓ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ନିର୍ମାଣ ହେବା ପରେ ଏହି ଚଳାପଥରେ ବାଧକ ସୃଷ୍ଟି ହେଲା। ଫଳରେ ଏହା ୩୫ ଓ ୨୦୨୦-୨୧ ବେଳକୁ ୨୭କୁ ହ୍ରାସ ପାଇଥିଲା। ୨୦୨୦ ମାର୍ଚ୍ଚ ମଧ୍ୟରେ ଏହା ମଧ୍ୟରୁ ୫ଟି ହାତୀଙ୍କ ମୃତ୍ୟୁ ଘଟିଥିଲା। ୨୦୨୧ରେ ଟାଙ୍ଗୀ ବନାଞ୍ଚଳର ଭୂଷଣ୍ଡପୁର ଠାରେ ଟ୍ରେନ୍ ଧକ୍କାରେ ଦୁଇଟି ହାତୀର ମୃତ୍ୟୁ ଘଟିଥିଲା। ପରେ ଜୁଲାଇ ୨୦୨୧ରେ ଗୋଳବାଇ ଠାରେ ଜାତୀୟ ରାଜପଥ ଅତିକ୍ରମ କରିବା ବେଳେ ବିଦ୍ୟୁତ୍ ଆଘାତରେ ଆଉ ଏକ ହାତୀର ମୃତ୍ୟୁ ଘଟିଥିଲା। ୨୦୨୩ ମାର୍ଚ୍ଚରେ ବାଲୁଗାଁ ବନାଞ୍ଚଳର ଧଉନାଲି-ତମନା ଜଙ୍ଗଲ ଠାରେ ଏକ ଶିଶୁ ହାତୀର ମୃତ ଦେହକୁ ଠାବ କରାଯାଇଥିଲା। ଅପରପକ୍ଷରେ ୨୦୨୦-୨୧ରେ ହାତୀ ଆକ୍ରମଣରେ ୧୨ଜଣଙ୍କ ମୃତ୍ୟୁ ଘଟିଥିଲା। ବର୍ତ୍ତମାନ ଏହି ସଂଖ୍ୟା ହ୍ରାସ ପାଇ ୨୦୨୨-୨୩ ଡିସେମ୍ବର ୫ ତାରିଖ ସୁଦ୍ଧା ୭କୁ ପହଞ୍ଚିଛି। ଚଳିତ ମାସ ୪ ତାରିଖରେ ଟାଙ୍ଗୀ ବନାଞ୍ଚଳରେ ହାତୀ ଆକ୍ରମଣରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିଲା। ଏହା ପୂର୍ବରୁ ଖୋର୍ଦ୍ଧା ବନାଞ୍ଚଳରେ ଦୁଇଜଣ, ରଣପୁରରେ ଜଣେ, ଟାଙ୍ଗୀ ବନାଞ୍ଚଳରେ ଜଣେ ଓ ବାଲୁଗାଁ ନଳାଦ୍ରିପ୍ରସାଦରେ ଜ?ଣଙ୍କ ମୃତ୍ୟୁ ଘଟିଥିବା ବେଳେ ସେମାନଙ୍କ ପରିବାରକୁ ନିୟମାନୁସାରେ, ୨୬ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

# ୧୬ ଡିସେମ୍ବର ଏଆଇଟିୟୁସି ଆହ୍ୱାନରେ ଶ୍ରମିକ ସମାବେଶ ସଫଳତା ପାଇଁ ଜୟପୁର କନଭେନସନ୍‌ର ଆହ୍ୱାନ

ଜୟପୁର, ୦୬/୧୨ (ନି.ପ୍ର): ଆଜି ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନ ଠାରେ ଅବିଭକ୍ତ କୋରାପୁଟ ଜିଲ୍ଲାର ଏଆଇଟିୟୁସି ସହବନ୍ଧିତ ଶ୍ରମିକ ସଂଗଠନ ମାନଙ୍କୁ ନେଇ ଆସନ୍ତା ଡିସେମ୍ବର - ୧୬ ଭୁବନେଶ୍ୱର ଶ୍ରମିକ ସମାବେଶ ସଫଳ କରିବା ପାଇଁ ଏକ କନଭେନସନ୍ ଶ୍ରମିକ ଉତମ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କୋରାପୁଟ, ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର ଜିଲ୍ଲାର ମିଳିତ କମିଟିର ଆବାହକ ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି ରାଜ୍ୟ ସ୍ତରୀୟ ଶ୍ରମିକ ସମାବେଶ ଓ କନଭେନସନ୍ ର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ । ଏଆଇଟିୟୁସି ରାଜ୍ୟ ସମ୍ପାଦକ ଜୟନ୍ତ ଦାସ କନଭେନସନ୍ କୁ ଉଦବୋଧନ ଦେଇ କହିଥିଲେ ଯେ, ରାଜ୍ୟରେ ଶିଳ୍ପାୟନର ଦ୍ୱାହି ଦିଆଯାଉଥିଲା ବେଳେ ହଜାର ହଜାର ଲଘୁ, କ୍ଷୁଦ୍ର, ମଧ୍ୟମ ଓ ବୃହତ୍ ଶିଳ୍ପ ବନ୍ଦ ହେବା ଫଳରେ ଲକ୍ଷ ଲକ୍ଷ ଶ୍ରମିକ ନିଯୁକ୍ତି ହରାଇ ଦୁଃସ୍ଥିତିରେ ଅଛନ୍ତି। ଏଠି ଜୟପୁରର ସେବା କାଗଜ କଳ ୨୦୧୬ ମସିହାରୁ ବନ୍ଦ ଚାଲୁ, ବିକା କିଣା ଭିତରେ ଶ୍ରମିକ ମାନଙ୍କ ସ୍ୱାର୍ଥ ବଳି ପଡୁଛି । କାରଖାନା ନାଁ ରେ ବ୍ୟାଙ୍କ ଋଣ ନେଇ ମାଲିକ ମାନେ ଆତ୍ମସାତ କରିଥିବାର ଅଭିଯୋଗ ହେଉଥିବା ବେଳେ ଶ୍ରମିକ ମାନଙ୍କ ପି ଏଫ୍ ପେନସନ ଗ୍ରାଚ୍ୟୁଇଟି ବକେୟା ପାଉଣା କିଛି ମିଳୁ ନାହିଁ। କଂଚାମାଲ ଅଭାବରୁ କାରଖାନା ବାରମ୍ବାର ବନ୍ଦ ହେଉଛି, କାର୍ଯ୍ୟରତ ଶ୍ରମିକ ମାନେ ପାଂଚ ମାସ ହେଲା ଦରମା ପାଇନାହାନ୍ତି। ରାଜ୍ୟ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ଯେହେତୁ ଓଡ଼ିଶାର ଶ୍ରମିକ ମାନଙ୍କ ସର୍ବନିମ୍ନ ମଜୁରୀ ଅତ୍ୟନ୍ତ ନିରୁତ୍ସାହଜନକ ଥିବାରୁ ପ୍ରତିବର୍ଷ ଲକ୍ଷ ଲକ୍ଷ ଯୁବକ ଯୁବତୀ ତାଙ୍କ ଯୌବନ ଓଡ଼ିଶା ନିର୍ମାଣରେ ବିନିଯୋଗ କରି ନପାରି ବାହାର ରାଜ୍ୟର ବିକାଶରେ ଯୋଗଦାନ କରୁଛନ୍ତି ଏବଂ ଏହି ଦାଦନ ଶ୍ରମିକ ମଧ୍ୟବୟସରୁ ଅକାମୀ ହୋଇ ଫେରୁଛନ୍ତି। ଏଠାରେ ୨୦୧୩ ମସିହାରୁ ସର୍ବନିମ୍ନ ମଜୁରୀ ସଂଶୋଧନ ହୋଇନାହିଁ। ରାଜ୍ୟ ର ୨ ଲକ୍ଷ ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା, ଦେଢ଼ ଲକ୍ଷ ଅଙ୍ଗନବାଡ଼ି କର୍ମୀ, ପଚାଶ ହଜାରରୁ ଉର୍ଦ୍ଧ୍ୱ ଆଶା କର୍ମୀଙ୍କ ସମେତ ଲକ୍ଷ ଲକ୍ଷ ଅନ୍ୟାନ୍ୟ ସ୍କିମ୍ ଶ୍ରମିକ, ଆଉଟସୋର୍ସ୍ କର୍ମଚାରୀ ଦିନ ରାତି କାମକରି ମଧ ସର୍ବନିମ୍ନ ମଜୁରୀ ପାଉ ନାହାଁନ୍ତି। ସ୍କିମ୍ ଶ୍ରମିକ ଆଶା ଅଙ୍ଗନବାଡ଼ି ପାଚିକା ସହାୟିକାଙ୍କୁ ଗତ ଜୁଲାଇ ଅଗଷ୍ଟ ଆନ୍ଦୋଳନ ବେଳେ ସରକାର ଭତା ବୃଦ୍ଧି ପ୍ରତିଶ୍ରୁତି ଦେଇ ମଧ କରୁନାହାନ୍ତି। ଏମାନଙ୍କୁ ଭାରତୀୟ ଶ୍ରମ ସମ୍ମିଳନୀର ସୁପାରିସ କ୍ରମେ ଶ୍ରମିକ ମାନ୍ୟତା ଦେଇ ନାହାଁନ୍ତି। ନିର୍ମାଣ ଶ୍ରମିକ ମାନଙ୍କୁ ସେମାନଙ୍କ ପ୍ରାପ୍ୟ ଦିଆଯାଉ ନାହିଁ। ଶ୍ରମିକ ମାନଙ୍କ ଅଧିକାର ସୁରକ୍ଷା ପାଇଁ ଉଦ୍ଦିଷ୍ଟ ୪୪ ଟି ଶ୍ରମ ଆଇନକୁ ବାତିଲ କରି ଚାରୋଟି ଶ୍ରମ କୋଡ଼୍ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଶ୍ରମିକ ମାନଙ୍କୁ ଶୋଷଣ କରି ବେଠି ଖଟେଇବାର ରାସ୍ତା ପରିଷ୍କାର କରିଦେଇଛି । ଦରଦାମ୍ ବୃଦ୍ଧି ହୁ ହୁ ହୋଇ ବଢ଼ିଚାଲିଛି। ଶ୍ରମିକ ମାନଙ୍କୁ ନିରାପତା ଯୋଗାଇ ଦିଆଯାଉ ନାହିଁ। ବିଦ୍ୟୁତ୍ କର୍ମଚାରୀଙ୍କ ବେତନ ସଂଶୋଧନ ହେଉନାହିଁ।

# ବଲାଙ୍ଗିର ବରିଷ୍ଠ ନାଗରିକମାନେ ତୀର୍ଥ ଯାତ୍ରାରେ ବାହାରିଲେ

ବଲାଙ୍ଗିର, ୦୬/୧୨ (ନି.ପ୍ର): ଆଜି ଜିଲ୍ଲାରେ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ବରିଷ୍ଠ ନାଗରିକ ମାନେ ତୀର୍ଥ ଯାତ୍ରାରେ ବାହାରିଛନ୍ତି। ସ୍ଥାନୀୟ ପର୍ଯ୍ୟଟନ ଅଫିସରେ ମଧ୍ୟାହ୍ନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ଦେବାସହ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଏହାପରେ ସେମାନେ ବସ ଯୋଗେ ସମ୍ବଲପୁର ଅଭିମୁଖେ ବାହାରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେଶ ନାଏକ ସବୁଜ ପତାକା ଦେଖାଇ ଏହି ଯାତ୍ରା ଆରମ୍ଭ କରେଇଥିଲେ। ଆସନ୍ତା କାଲି ସେମାନେ ସ୍ୱତନ୍ତ୍ର ଟ୍ରେନରେ ସମ୍ବଲପୁରରୁ ଯାତ୍ରା ଆରମ୍ଭ କରିବେ । ପ୍ରଥମ ପର୍ଯ୍ୟାୟରେ ଡିସେମ୍ବର ୬ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ଏହି ଯାତ୍ରୀ ମାନେ ତୀର୍ଥ ଭ୍ରମଣ କରିବେ । ୫ ଦିନର ଏହି ଯାତ୍ରାରେ ଏହି ଯାତ୍ରୀ ମାନେ କୋଲକାତା ଏବଂ କାମାକ୍ଷା ଦେବୀ ମନ୍ଦିର ବୁଲିବେ । ଉଭୟ ଅନଲାଇନ ଓ ଅଫଲାଇନରେ ବରିଷ୍ଠ ନାଗରିକ ମାନେ ନିଜକୁ ପଞ୍ଜୀକୃତ କରାଇଥିଲେ । ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ତଥା ସହକାରୀ ନିର୍ଦ୍ଦେଶକ ରବିନ୍ଦ୍ର ଦଳେଇଙ୍କ ନେତୃତ୍ୱରେ ସଂପୂର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନା ହୋଇଛି । ଏଥିରେ ୭୭ଜଣ ବ୍ୟକ୍ତିଗତ ରୂପେ ଏବଂ ୩୮ ଜଣ ଦମ୍ପତି ସମୁଦାୟ ୧୫୩ ଜଣ ଗ୍ରସ୍ତ କରିଛନ୍ତି । ଏହି ଯୋଜନା ମାଧ୍ୟମରେ ଜିଲ୍ଲାର ୬୦ ରୁ ୭୫ ବର୍ଷ ପର୍ଯ୍ୟନ୍ତ ନାଗରିକ ମାନଙ୍କୁ ଦୁଇଟି ପର୍ଯ୍ୟାୟରେ ତୀର୍ଥ କରିବାର ସୁଯୋଗ ମିଳିବ । ପ୍ରଥମ ପର୍ଯ୍ୟାୟରେ ଡିସେମ୍ବର ୬ ତାରିଖ ରୁ ୧୧ ତାରିଖ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଆଗାମୀ ଫେବୃଆରୀ ୧୯ ତାରିଖ ରୁ ୨୪ ତାରିଖ ଏହି ତୀର୍ଥ ଯାତ୍ରା ହେବ । ଜିଲ୍ଲାରୁ ୧୭୭ ଜଣ ଲେଖାଏଁ ଦୁଇଟି ପର୍ଯ୍ୟାୟରେ ସମୁଦାୟ ୩୫୪ ଜଣ ମନୋନୀତ ହେବେ । ୨୦୧୬ ରୁ ଆରମ୍ଭ ହେଇଥିବା ଏହି ଯୋଜନାରେ ରାଜ୍ୟରୁ କୋଡିଏ ହଜାରରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଉପକୃତ ହେଇଛନ୍ତି। ଯାତ୍ରାରେ ବାହାରିଥିବା ନାଗରିକଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ ଡାକ୍ତରୀ ଦଳ, ଏସ୍କର୍ଟ ଅଫିସର ମାନେ ନିୟୋଜିତ ହୋଇଛନ୍ତି ।

## ଅପହଂଚ ଅଂଚଳରେ ପହଂଚିଲା ଆଲୁଅ: ଜଳିଲା ବଲବ

ସୁବର୍ଣ୍ଣପୁର, ୦୬/୧୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ସୀମାନ୍ତ ଅପହଂଚ ଗ୍ରାମ ଦେବ ଝରଣ ଗ୍ରାମରେ ପ୍ରଶାସନ ଓ ବିଦ୍ୟୁତ ବିଭାଗର ପ୍ରଚେଷ୍ଟା ଦ୍ୱାରା ଗାଁରେ ପହଂଚିଲା ଆଲୁଅ ଓ ପ୍ରଥମ ଥର ପାଇଁ ଜଳିଲା ବଲବ। ଗତକାଲି ତା ୦୪/୧୨/୨୩ ରିଖ ସନ୍ଧ୍ୟାରେ ପ୍ରଶାସନ ତରଫରୁ ଉପଜିଲ୍ଲାପାଳ ବୀରମହାରାଜପୁର ଲଲାଟେନ୍ଦୁ ସି ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିବାବେଳେ ଟିପିଡବ୍ଲୁ ଓ ଡିଏଲ ନିର୍ବାହୀ ଯନ୍ତ୍ରୀ ଇଂ ଅଶୋକ କୁମାର ମିଶ୍ର ତଥା ଅନ୍ୟାନ୍ୟ ବିଦ୍ୟୁତ ବିଭାଗୀୟ ଅଧିକାରୀ ଅପହଂଚ ଗ୍ରାମ ଦେବଝରଣକୁ ଯାଇ ବିଜୁଳି ଜାଳିବାର ଶୁଭାରମ୍ଭ କରିଥିଲେ। ଗାଁରେ ବିଜୁଳି ଆଲୁଅ ପହଂଚି ଲୋକଙ୍କ ଅନେକ ଦିନର ସ୍ୱପ୍ନ ସାକାର ହୋଇଥିବାରୁ ଜିଲ୍ଲାପ୍ରଶାସନ ତଥା ବିଦ୍ୟୁତ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଧନ୍ୟବାଦ ପ୍ରଦାନ ସହ ସମସ୍ତେ ଖୁସିରେ ନାଚି ଉଠିଥିଲେ। ଏହି ଅବସରରେ ଉପଜିଲ୍ଲାପାଳ ବୀରମହାରାଜପୁର ଶ୍ରୀସି ଗ୍ରାମର ସମସ୍ତ ଜନସାଧାରଙ୍କ ସହ ମିଶିବା ସହ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ।

# ମୂଲ ଲାଗୁଛନ୍ତି ଜାତୀୟ କବାଡ଼ି ଖେଳାଳି: ନମିତାଙ୍କ ପରେ ସୁନିତାଙ୍କ କରୁଣ କାହାଣୀ



ବଲାଙ୍ଗୀର, ୦୬/୧୨ (ନି.ପ୍ର): ମହିଳା କବାଡ଼ି ଟିମ୍‌ର ଅଧିନାୟିକା ରହି ଜାତୀୟ ସ୍ତରରେ ଗେ?ରବ ଆଣିଥିବା ବଲାଙ୍ଗୀର ଜିଲ୍ଲା ଗୁଡ଼ଭେଲା ବ୍ଲକ ଗମ୍ଭାରୀଗୁଡ଼ା ଗାଁର ନମିତା ଭୋଇ ଛେଳି ଚରାଉଥିବା ଖବର ଜଣାପଡ଼ିବା ପରେ ସାରା ଓଡ଼ିଶାରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଏବେ ବି ନମିତାଙ୍କ ସ୍ଥିତିରେ ସେଭଳି କୌଣସି ପରିବର୍ତ୍ତନ ହୋଇନାହିଁ। ସେଇ ଗୁଡ଼ଭେଲା ବ୍ଲକର ଆଉ ଜଣେ ଗୌରବ ହେଲେ ସୁନିତା ମାଝି (୨୨)। ସୁନିତା ତାଣ୍ଡିଗାଁର ଝିଅ। ସେ ଜାତୀୟ ସ୍ତରରେ କବାଡ଼ି ଖେଳିଥିଲେ। ରାଜ୍ୟ ପାଇଁ ସୁନାମ ଅର୍ଜନ କରିଥିଲେ। ଆଉ ଏବେ ପେଟକୁ ଦାନା ଯୋଗାଡ଼ ପାଇଁ ଅନ୍ୟଲୋକଙ୍କ ବିଲରେ ଧାନ କାଟୁଛନ୍ତି। ଏହି ଆଦିବାସୀ ଝିଅ ଦିନେ କେବଳ ବଲାଙ୍ଗୀର ମାଟି ପାଇଁ ନୁହେଁ, ସାରା ରାଜ୍ୟ ପାଇଁ ଆଣିଥିଲେ ଗୌରବ । ଆଜି ସେ ହତାଦର ହୋଇ ଗାଁରେ ପଡ଼ି ରହିଛନ୍ତି। ପେଟ ଚାଖଣ୍ଡକ ପାଇଁ ପର ବିଲରେ ମୂଲ ଲାଗୁଥିବା ଦେଖାଯାଇଛି। ୨୦୧୪ରେ ଛତିଶଗଡ଼ରେ ଜାତୀୟସ୍ତରୀୟ କବାଡ଼ି ମ୍ୟାଚ୍ ବେଳେ ସୁନିତା ରାଇଟ୍ କର୍ଣ୍ଣରରେ ରହି ପ୍ରତିପକ୍ଷକୁ ମାତ୍ ଦେଉଥିଲେ। କିନ୍ତୁ ଭାଗ୍ୟର ବିଡ଼ମ୍ବନା ଆଜି ତାଙ୍କ ଭଳି ଜଣେ ଦକ୍ଷ ଖେଳାଳି ଅନ୍ୟ ବିଲରେ ଧାନ କାଟୁଛନ୍ତି ଓ ପରଘରେ ବାସନ ମାଜୁଛନ୍ତି । ଜାତୀୟ ସ୍ତରର କବାଡ଼ି ଖେଳି ଯେତେବେଳେ ପୂରା ଟିମ୍ ବିଜୟ ହୋଇ ଓଡ଼ିଶାକୁ ଫେରିଥିଲା ବହୁତ ଖୁସିଥିଲେ ସୁନିତା। ଆଜି କିନ୍ତୁ ସବୁ ଖୁସି ପାଣି ଫୋଟକା ପରି ମିଳେଇଯାଇଛି। ସୁନିତାଙ୍କ ବାପା ପଙ୍କଜ ମାଝୀ ୨୦୧୦ରେ ଆରପାରିକୁ ଚାଲି ଯିବାପରେ ସେ ମା' ପ୍ରେମଶିଳା, ଭାଇ ଓ ଭାଉଜଙ୍କ ସହ ଗାଁରେ ରହୁଛନ୍ତି। ସଇନ୍ତଲା ପଞ୍ଚାୟତ କଲେଜରେ ଯୁକ୍ତ ତିନି ପର୍ଯ୍ୟନ୍ତ ପାଠ ପଢ଼ିଥିବା ସୁନିତାଙ୍କୁ ଯଦି କିଛି ଆତ୍ମନିଯୁକ୍ତି ମିଳନ୍ତା ତାହେଲେ ସେ ପୁଣି ଖେଳରେ ତାଙ୍କର ପାରଦର୍ଶିତା ଦେଖାଇପାରନ୍ତେ ବୋଲି କହିଛନ୍ତି। ଖେଳ ଆଉ ଖେଳାଳିଙ୍କୁ ପ୍ରୋତ୍ସାହନ ଦେଉଥିବା ସରକାର ଯଦି ବଲାଙ୍ଗୀର ଜିଲ୍ଲାର କବାଡ଼ି ଖେଳାଳି ନମିତା ଓ ସୁନିତାଙ୍କୁ ସହଯୋଗର ହାତ ବଢ଼ାନ୍ତେ, ତେବେ ଦୁଇ ଯୁବତୀ ଓ ତାଙ୍କ ପରିବାର ଉପକୃତ ହୋଇ ପାରନ୍ତେ।

## ଗୁପ୍ତେଶ୍ୱର ହୁଣ୍ଡିରୁ ୩୨ ହଜାର ଟଙ୍କା ଆଦାୟ

ଜୟପୁର, ୦୬/୧୨ (ନି.ପ୍ର): ଶୈବପୀଠ ଗୁପ୍ତେଶ୍ୱରର ହୁଣ୍ଡି ମଙ୍ଗଳବାର ଖୋଲାଯାଇଛି । ଜୟପୁର ଦେବୋତ୍ତର ବିଭାଗ କାଯ୍ୟାଳୟରେ ଆଜି ଖୋଲାଯାଇ ଗଣତି କରାଯାଇଛି । ମୋଟ ୩୨ ହଜାର ୨୩ ଟଙ୍କା ହୁଣ୍ଡିରୁ ବାହାରିଥିବା ଜଣାଯାଇଛି । ଜୟପୁର ତହସିଲଦାର ତଥା ଦେବୋତ୍ତର କାଯ୍ୟନିବାହି ଅଧିକାରି ମୋନାଲିସା ଆଚାର୍ଯ୍ୟଙ୍କ ଉପସ୍ଥିତିରେ ହୁଣ୍ଡି ଖୋଲାଯାଇ ଗଣତି କରାଯାଇଛି । ଏହି ଗଣତିରେ ରାଜସ୍ୱ ସୁପରଭାଇଜର ହରିହର ଶତପଥି, ରାଜସ୍ୱ ନିରିକ୍ଷକ ସ୍ୱରଜ କୁମାର ପଣ୍ଡା, ଦେବୋତର ବିଭାଗର କୃଷ୍ଣ ଚନ୍ଦ୍ର ଦାଶ, କାଳି ପ୍ରସାଦ ଦାସ, ଯୁବସଂଘ ଗୁପ୍ତେଶ୍ୱରର ନରେନ୍ଦ୍ର କାନ୍ଦରିଆ, ତୁଳା ରାମ ଦୁରୁଆ, ମାଙ୍ଗୁ ଦୁରୁଆ, କାହ୍ନୁ ଦୁରୁଆ, ସହଦେବ ଦୁରୁଆ ପ୍ରମୁଖ ଉପସ୍ଥିତ ରହି ଗଣତି କରିଥିଲେ ।

## ବେଙ୍ଗଲା ମେସିନରେ ଚାପି ହୋଇ ଚାଷୀ ମୃତ

ଖୋର୍ଦ୍ଧା, ୦୬/୧୨ (ନି.ପ୍ର): ଧାନ ବେଙ୍ଗଲା ମେସିନରେ ଚାପି ହୋଇ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତ ଚାଷୀ ଜଣକ ହେଲେ ବାଲୁଗାଁ ଥାନା ଅନ୍ତର୍ଗତ ଶିଖରପଦର ଗ୍ରାମର ରଘୁନାଥ ପଲେଇ (୪୩)। ଖବର ମୁତାବକ ମଙ୍ଗଳବାର ଶିଖରପଦର ଗ୍ରାମର ରଘୁନାଥ ପଲେଇ (୪୩) ବେଙ୍ଗଲା ପକାଇବା ପାଇଁ ନିଜ ଧାନ କ୍ଷେତକୁ ଯାଇଥିଲେ। ଧାନ ବେଙ୍ଗଲା ମେସିନରେ ଗୋଟିଏ କ୍ଷେତରୁ ଧାନ ଅମଳ ସାରି ସେହି ଗାଡ଼ିରେ ଅନ୍ୟ କ୍ଷେତକୁ ଯାଉଥିଲେ। ହେଲେ ବିଲ ମଧ୍ୟରେ ଭାରସାମ୍ୟ ହରାଇ ଗାଡିଟି ଓଲଟି ପଡିଥିଲା। ଫଳରେ ଉକ୍ତ ମେସିନ ତଳେ ରଘୁନାଥ ଚାପି ହୋଇଯାଇଥିଲେ। ଦୁର୍ଘଟଣା ଦେଖି ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବାଲୁଗାଁ ପୋଲିସ ଡାକ୍ତରଖାନାରେ ପହଂଚି ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ 'ଅନୁବାଦ: ଅଭ୍ୟାସ ଏବଂ ସମ୍ଭାବନା' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଉଦ୍ଘାଟିତ

ଜୟପୁର, ୦୬/୧୨ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ 'ଅନୁବାଦ: ଅଭ୍ୟାସ ଓ ସମ୍ଭାବନା' ଶୀର୍ଷକ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ବିଶ୍ୱବିଦ୍ୟାଳୟର ସୁନାବେଡ଼ା ପରିସରରେ ଆଜି ଉଦ୍ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ସେମିନାରକୁ ଉଦ୍ଘାଟନ କରିବା ସହ ସେମିନାରର ଉଦ୍ଘାଟନୀ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ତ୍ରିପାଠୀ ସଭାପତିତ୍ୱ ଭାଷଣରେ ଓଡ଼ିଆ ଓ ଅନ୍ୟାନ୍ୟ ଭାଷାରେ ଅନୁବାଦ ରଚନାରେ ତଥ୍ୟ ସଂଗ୍ରହ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷ କରି ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ପାଇଁ ଅନୁବାଦ ସମୀକ୍ଷା ସମିତି ସମୟର ଆବଶ୍ୟକତା ବୋଲି ସେ କହିଥିଲେ। ସମଗ୍ର ବିଶ୍ୱରେ ଅନୁବାଦ ଅଧ୍ୟୟନର କେନ୍ଦ୍ରବିନ୍ଦୁ ହେବାକୁ ସିୟୁଓ ପ୍ରସ୍ତୁତ ବୋଲି ସେ ବିଶ୍ୱାସ କରିଥିଲେ। ଏଥିରେ ଭାରତ ସରକାରଙ୍କ ଶାସ୍ତ୍ରୀୟ ଓଡ଼ିଆରେ ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ କୁଳ ସଚିବ ତଥା ଭାଷା ବିଦ୍ୟାପୀଠର ଡିନ ପ୍ରଫେସର ନୃସିଂହ ଚରଣ ପଣ୍ଡା; ସମ୍ବଲପୁର ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ପ୍ରଫେସର କାଳିଦାସ ମିଶ୍ର ଓ ବିଶିଷ୍ଟ ସମାଜସେବୀ କୃଷ୍ଣ ସିଂହ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଆସୋସିଏଟ୍ ପ୍ରଫେସର ତଥା ଏଚ.ଓ.ଡି. ତଥା ଜାତୀୟ ସେମିନାରର ଆବାହକ ଡ. ରୁଦ୍ରାଣୀ ମହାନ୍ତି ସଂଯୋଜନା କରିଥିଲେ। ସେ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ସେମିନାର ଆୟୋଜନର ଗୁରୁତ୍ୱ ବିଷୟରେ ଅବଗତ କରାଇଥିଲେ । ଅନୁବାଦ ଦୁନିଆରେ ପ୍ରବେଶ କରିବାର ଏକ ସୁଯୋଗ ପ୍ରଦାନ କରେ ବୋଲି ସେ ଦର୍ଶାଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ବସନ୍ତ କୁମାର ପଣ୍ଡା ଅତିବଡି ଜଗନ୍ନାଥ ଦାସ ଓ ରବୀନ୍ଦ୍ରନାଥ ଟାଗୋରଙ୍କ ଅନୁବାଦ ପାଇଁ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ଭାବେ ଅବଦାନ ଉପରେ ଆଲୋକପାତ କରିଥିଲେ। ବହୁଭାଷିକତା ଯୁଗରେ ମଧ ଅନୁବାଦ ନିଜର ପରିଚୟ ବଜାୟ ରଖିଛି ବୋଲି ସେ ମତବ୍ୟକ୍ତ କରିଥିଲେ । ସେ ଆହୁରି ମଧ କହିଥିଲେ ଯେ ଅନୁବାଦ ହେଉଛି ସଂସ୍କୃତି ମଧ୍ୟରେ ଏକ ସେତୁ । ସମ୍ମାନିତ ଅତିଥି ଭାବେ ପ୍ରଫେସର କାଳିଦାସ ମିଶ୍ର ତାଙ୍କ ବକ୍ତବ୍ୟରେ ଶାବ୍ଦିକ ଅନୁବାଦ ଓ ଅନୁବାଦ ମଧ୍ୟରେ ସମନ୍ୱୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପୃଥିବୀ ନିଜେ ଆମ ସୃଷ୍ଟିକର୍ତ୍ତାଙ୍କ ଅନୁବାଦର ଏକ ଉଦାହରଣ ବୋଲି ସେ ଉଲ୍ଲେଖ କରିଥିଲେ। ପ୍ରଫେସର ନୃସିଂହ ଚରଣ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନୁବାଦ କଳା ଓ ଅନୁବାଦ ଉପରେ କର୍ମଶାଳା ସମୟର ଆବଶ୍ୟକତା ବୋଲି କହିଥିଲେ। ସେ ଆହୁରି ମଧ କହିଥିଲେ ଯେ, ଅନୁବାଦ କାର୍ଯ୍ୟ ମାଧ୍ୟମରେ ଆମେ ଜନସାଧାରଣଙ୍କ ପାଖରେ ପହଂଚିପାରିବା । ଉତ୍ସବରେ ଅତିଥି ଶ୍ରୀକୃଷ୍ଣ ସିଂହ କହିଲେ ଯେ, ଅନୁବାଦକୁ ବିଶ୍ୱସ୍ତରୀୟ ଦୃଷ୍ଟିକୋଣରୁ ଦେଖିବା ଉଚିତ ଏବଂ ଆମେ ଅନୁବାଦିତ କୃତି ଉପରେ ଅଧିକ ପୁସ୍ତକ ପ୍ରକାଶ କରିବା ଉଚିତ୍ । ଆନୁଷ୍ଠାନିକ ଭାବେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ସିୟୁଓର ସହକାରୀ ପ୍ରଫେସର ଡ. ଆଲୋକ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଜନଜାତି ଅଧ୍ୟୟନ ପାଇଁ ରାଜୀବ ଗାନ୍ଧୀ ଚେୟାର ପ୍ରଫେସର ଡ. ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ସିୟୁଓର ଅଧ୍ୟାପକ ଡ. ଚକ୍ରଧର ପ୍ରଧାନ, ଡ. ପ୍ରଦୋଷ ସ୍ୱାଇଁ, ଡ. ଗଣେଶ ସାହୁ, ଡ. ସତ୍ୟନାରାୟଣ ଷଡ଼ଙ୍ଗୀ, ଡ. ରମେନ୍ଦ୍ର କୁମାର ପାଢ଼ୀ, ଡ. ସୌରଭ ଗୁପ୍ତା, ଡ. ସଞ୍ଜିତ ଦାଶ, ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ, ପ୍ରମୁଖ ଉପସ୍ଥିତ ଥିଲେ।

# ନୋ ଏଣ୍ଟ୍ରି ସମୟରେ ଯାଉଛି ଶତାଧିକ ଭାରିଯାନ: ବିପଦ ସଂକୁଳ ଅବସ୍ଥାରେ ଯାତାୟତ କରୁଛନ୍ତି ସ୍କୁଲ ଛାତ୍ରଛାତ୍ରୀ




ରାଇରଙ୍ଗପୁର, ୦୬/୧୨ (ନି.ପ୍ର): ମୟୂରଭଂଜ ଜିଲ୍ଲା ରାଇରଙ୍ଗପୁର ସହର ଦେଇ ରାଂଚି-ବିଜୟୱାଡା ୨୨୦ ନଂ ଜାତୀୟ ରାଜପଥ ଯାଇଛି । ଅଧିକାଂଶ ବିଦ୍ୟାଳୟ ଓ କଲେଜ ଜାତୀୟ ରାଜପଥ ପାର୍ଶ୍ୱରେ ଥିବାରୁ ଛାତ୍ରଛାତ୍ରୀମାନେ ଭୟବୀତ ହୋଇ ବିପଦ ଜନକ ଭାବେ ରାସ୍ତା ପାରିହେବା ସହିତ ଯିବାଆସିବା କରିଥାନ୍ତି। ଫଳରେ ବିଭିନ୍ନ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟିଥାଏ। ତେବେ ସ୍ଥାନୀୟ ପୁଲିସ ପ୍ରଶାସନ ରାଇରଙ୍ଗପୁର ସହର ସନ୍ନିକଟ ପୁରୁଣାଘାଟି ପେଟ୍ରୋଲ ପମ୍ପଠାରୁ ଭାଲୁବସା ପର୍ଯ୍ୟନ୍ତ ଶତାଧିକ ଲୁହାପଥର ବୋଝେଇ ଟ୍ରକ୍ ରାସ୍ତା ଉପରେ ବେଆଇନ ଭାବେ ପାର୍କିଂ ହୋଇଥାଏ। କୌଣସି ଟ୍ରକ୍ ପାର୍କିଂ ଲାଇଟ୍ ଜଳାଉ ନଥିବାରୁ ରାତ୍ରୀ ସମୟରେ ପଥଚାରୀମାନେ ଜାଣି ନପାରି ଟ୍ରକକୁ ଧକ୍କା ଦେଇ ଗୁରୁତର ଆହତ ହୋଇଥାନ୍ତି। ଗତ ୬ ମାସ ମଧ୍ୟରେ ୧୦ ରୁ ଅଧିକ ମୃତ୍ୟୁ ହୋଇଥିବା ବେଳେ ୩୦ରୁ ଅଧିକ ଆହତ ମଧ ହୋଇଛନ୍ତି। ଏହାବ୍ୟତୀତ ଦିନ ସମୟରେ ମଧ ଭାରିଯାନ ଗୁଡିକ ଉକ୍ତ ସ୍ଥାନରେ ଧାଡି ବାନ୍ଧି ଛିଡା ହେଉଥିବାରୁ ଦୁଇ ଥାକ ବିଶିଷ୍ଟ ରାସ୍ତାରେ ଅନ୍ୟ ଏକ ଯାନ ଉକ୍ତ ରାସ୍ତାଦେଇ ପାରହେଉଥିବା ସମୟରେ ଅନ୍ୟ ଯାନ ଗୁଡିକ ଯିବା ଆସିବା କରିବାରେ ଅସୁବିଧା ହୁଏ। ରାଇରଙ୍ଗପୁର ଟାଉନ ଥାନା ପକ୍ଷରୁ ଏକ ହୋମଗାର୍ଡ ନିୟଜିତ ରହୁଥିଲେ ମଧ ତାହାକୁ ବିରୋଧ କରନ୍ତି ନାହିଁ । ନୋ ପାର୍କିଂ ଜୋନରେ ଦୀର୍ଘ ସମୟ ଧରି ଶତାଧିକ ଯାନ ବେଆଇନ୍ ଭାବେ ଛିଡା ହେଉଥିଲେ ମଧ ପୁଲିସ ପ୍ରଶାସନ କିମ୍ବା ପରିବହନ ବିଭାଗ ପକ୍ଷରୁ କୌଣସି ଚାଲାଣ ମଧ କଟା ଯାଉନଥିବାରୁ ବୁଦ୍ଧିଜୀବୀ ମହଲରେ ନାନା ପ୍ରଶ୍ନ ଉଠୁଛି। ତେବେ ଯଥାଶିଘ୍ର ଉକ୍ତ ଟ୍ରକ୍ ଗୁଡିକ ଅନ୍ୟ ସ୍ଥାନରେ ପାର୍କିଂର ବ୍ୟବସ୍ଥା କରାଯାଉ ବୋଲି ଦାବି ହେଉଛି । ସମାନ ସମୟରେ ଅଧିକାଂଶ ବିଦ୍ୟାଳୟ ଛୁଟି ହେଉଥିବାରୁ ଛାତ୍ରଛାତ୍ରୀଙ୍କ ଭିଡ ଜମୁଛି। ସମାନ ସମୟରେ ହଜାର ହଜାର ଛାତ୍ରଛାତ୍ରୀ ଏକା ସହିତ ରାଜରାସ୍ତାରେ ଯାତାୟତ କରୁଥିବାରୁ ଦ୍ରୁତଗତିରେ ଯାତାୟତ କରୁଥିବା ଭାରିଯାନରେ ଦୁର୍ଘଟଣା ପ୍ରତି ଭୟ ରହିଛି ଏଣୁ ନୋ ଏଣ୍ଟ୍ରି ସମୟକୁ ପରିବର୍ତ୍ତନ ପାଇଁ ଅଭିଭାବକ ମହଲରେ ଦାବି ହେଉଛି।

## ମାଡ଼ ଘଟଣାରେ ଦୋଷୀ ନିର୍ଦ୍ଦୋଷରେ ଖଲାସ

ନୀଳଗିରି , ୦୬/୧୨ (ନି.ପ୍ର): ଏକ ମାଡ଼ମରା ଘଟଣାରେ ସାକ୍ଷ୍ୟ ପ୍ରମାଣ ଅଭାବରୁ ମୁଦଲା ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ୨୦୨୦ମସିହାରେ ବରହମପୁର ଥାନା ଅଧୀନସ୍ଥ ଛତ୍ରପୁର ଗ୍ରାମର ସ୍ୱର୍ଗତ ଲୋକନାଥ ମହାକୁଡଙ୍କ ପୁଅ ରଞ୍ଜନ ମହାକୁଡ଼ ଉକ୍ତ ଗ୍ରାମର ପ୍ରତାପ ମହାନ୍ତିଙ୍କ ପୁଅ ସଞ୍ଜୟ ଓରଫ ଶିବାଜୀ ମହାନ୍ତିଙ୍କ ଠାରେ ମାଛ କାଟିବା ବାବଦରେ ଟଙ୍କାମଗାକୁ କେନ୍ଦ୍ରକରି କାଠ ଫଳିଆରେ ମାରି ମୁଣ୍ଡ ଫଟାଇବା ଘଟଣାରେ ବରହମପୁର ଥାନାରେ ଗତ ୧୯/୧୧/୨୦୨୦ ମସିହାରେ ଏକ ଅଭିଯୋଗ ହୋଇଥିଲା। ଉକ୍ତ ଘଟଣାକୁ ନୀଳଗିରି ସହକାରୀ ଦୌରାଜଜଙ୍କ ଇଜିଲାସରେ ବିଚାରାଧୀନ ଥିଲା। ଶେଷରେ ସାକ୍ଷ୍ୟ ପ୍ରମାଣ ଅଭାବରୁ ମାନ୍ୟବର ସହକାରୀ ଦୌରାଜଜ୍ ଶ୍ରୀମତୀ ସୁନନ୍ଦା ପ୍ରଧାନ ମୁଦାଲା ଶିବାଜୀ ମହାନ୍ତିଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସରକାରଙ୍କ ତରଫରୁ ସରକାରୀ ଓକିଲ ଅମରେନ୍ଦ୍ର ପଟ୍ଟନାୟକ କେଶ ପରିଚାଳନା କରୁଥିବା ବେଳେ ମୁଦାଲାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଦେବେନ୍ଦ୍ର ପଣ୍ଡା ଓ କରୁଣାକର ସ୍ୱାଇଁ ପରିଚାଳନା କରିଥିଲେ।

## ବଡବାପାକୁ ପଥରରେ ଛେଚି ମାରିଲା ପୁତୁରା

ନୀଳଗିରି , ୦୬/୧୨ (ନି.ପ୍ର): ବଡ଼ବାପା ଙ୍କୁ ପଥର ରେ ଛେଚି ମାରିଲା ପୁତୁରା। ନୀଳଗିରି ଉପଖଣ୍ଡ ବରହମପୁର ଥାନା ମାଟିଆଳି ପଞ୍ଚାୟତର ପଥରଗୁମୁରା ଗ୍ରାମର ୫୫ ବର୍ଷୀୟ ବଡ଼ବାପା କଟିଆ ସିଂ କୁ ତାଙ୍କ ପୁତୁରା କମଳାକାନ୍ତ ହତ୍ୟା କରିଥିବାର ଅଭିଯୋଗ ହୋଇଛି। ହତ୍ୟାକାରୀ ପୁତୁରା ଥାନାରେ ଅଟକ ଅଛି। ପ୍ରାଥମିକ ଭାବରେ ମିଳିଥିବା ସୂଚନା ଅନୁଯାଇ ବୁଧବାର ପୁତୁରା ଓ ପୁତୁରାବୋହୂ ପାରିବାରିକ ଝଗଡା ଲାଗିଥିବା ବେଳେ ବଡବାପା ଝଗଡା ଛଡ଼ାଇବାକୁ ଯାଇଥିଲେ। ପୁତୁରା ଉତକ୍ଷିପ୍ତ ହୋଇ ପଥରରେ ବଡ଼ ବାପା ମୁଣ୍ଡକୁ ଛେଚିଦେଇଥିଲେ। ବଡ଼ବାପା ମୃତ ହୋଇଥିବା ବେଳେ ପୁତୁରା କମଳାକାନ୍ତଙ୍କୁ ଥାନାରେ ଅଟକ ରଖି ପୋଲିସ ତଦନ୍ତ ଜାରି ରଖିଛି।

## ନିଆରା ଢଙ୍ଗରେ ପ୍ରଥମାଷ୍ଟମୀ ପାଳିଲା ହ୍ୟୁମାନ ଫାଉଣ୍ଡେସନ

ଖଇରା, ୦୬/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ କଣ୍ଟାବଣିଆସ୍ଥିତ କେଶବ ପୁରଷ୍ତମ ମାନସିକ ଅନଗ୍ରସର ବିଦ୍ୟାଳୟ ର ଅନ୍ତେବାସୀଙ୍କ ଙ୍କ ସହ ନିଆରା ଢଙ୍ଗରେ ପ୍ରଥମାଷ୍ଟମୀ ପାଳିଛନ୍ତି ହ୍ୟୁମାନ କେୟାର ଫାଉଣ୍ଡେସନ । ସିମୁଳିଆର ଏହି ସଙ୍ଗଠନର ସଦସ୍ୟ ମାନେ ମଙ୍ଗଳବାର ଦିନ ସକାଳେ ବିଦ୍ୟାଳୟରେ ପହଞ୍ଚି ପ୍ରଥମେ ୫୦ରୁ ଉର୍ଦ୍ଧ ଦିବ୍ୟାଙ୍ଗ ପିଲାଙ୍କୁ ପିଠା ଓ ମିଠା ଖୁଆଇଦେଇଥିଲେ। ପରେ ସମସ୍ତଙ୍କୁ ବନ୍ଦାପନା କରି ନୂତନ ବସ୍ତ୍ର ପରିଧାନ କରିବାକୁ ଦେଇଥିଲେ । ପିଲାଙ୍କ ମୁହଁରେ ହସ ଫୁଟି ଉଠିଥିଲା।

**AFFIDAVIT**

An affidavit before the notary public, Balasore, I Gurupada Pradhan, aged 41 years, S/o-Narayan Pradhan, residing At- Bachara, P.O- Solpaa, Via-Haldipada, Dist- Balasore do hereby solemnly affirm and declare that my Father's original name is Narayana Pradhan which is mentioned in all my identity and residential proof cards like, Aadhar Card, Bank Pass Book, Pan Card and other relevant Documents but it is a matter of fact that my father name has been wrongly mentioned in my LIC Policy Bond as Harish Chandra Pradhan. Which policy Bond, Bearing No- 588045958. So Narayana Pradhan and Harish Pradhan is one and same person. Henceforth my father name will be treated as Narayan Pradhan instead of Harish Chandra Pradhan.

-Gurupada Pradhan

# ୬୧ ତମ ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ବାହିନୀ ପ୍ରତିଷ୍ଠା ଦିବସ ପାଳିତ



ରାଉରକେଲା , ୦୬/୧୨ (ନି.ପ୍ର): ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ବାହିନୀର ୬୧ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ପୋଲିସ ରିଜର୍ଭ ପଡ଼ିଆରେ ପାଳିତ ହୋଇଯାଇଛି । ବୁଧବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଉପ ନିରୀକ୍ଷକ (ଡିଆଇଜି) ପଶ୍ଚିମାଞ୍ଚଳ ଶ୍ରୀ ନିତି ଶେଖର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଅବସରରେ ଅନୁଷ୍ଠିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସର ସେ କହିଥିଲେ ଯେ ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ବାହିନୀର ସଦସ୍ୟ ମାନେ ଆଭ୍ୟନ୍ତରୀଣ ନିରାପତ୍ତା ଓ ବିପର୍ଯ୍ୟୟ ର ମୁକାବିଲା କ୍ଷେତ୍ରରେ ଉତ୍ସର୍ଗୀକୃତ ସେବା ପ୍ରଦାନ କରି ଆସୁଛନ୍ତି । ଆଇନ ଶୃଙ୍ଖଳା ପରିସ୍ଥିତି, ଭିଡ ନିୟନ୍ତ୍ରଣ, ଅନ୍ୟାନ୍ୟ କାର୍ଯ୍ୟ ରେ ଗୃହରକ୍ଷୀ ବାହିନୀ ପ୍ରଦାନ କରୁଥିବା ସେବା ଅତ୍ୟନ୍ତ ପ୍ରଶଂସନୀୟ। ଶ୍ରୀ ଶେଖର ଆଇନ ଶୃଙ୍ଖଳା ବଜାୟ ରଖିବାରେ ତଥା ପ୍ରାକୃତିକ ଦୁର୍ବିପାକ ସମୟରେ ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କ ଭୂମିକା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ବୋଲି କହିଥିଲେ । ଏହା ସହିତ ଡିଆଇଜି ଶ୍ରୀ ଶେଖର ଗୃହରକ୍ଷୀ ପ୍ରତିଷ୍ଠା ଦିବସରେ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ଦ୍ୱାରା ପ୍ରେରିତ ବାର୍ତ୍ତା ମଧ୍ୟ ପାଠ କରିଥିଲେ । ଚଳିତ ବର୍ଷ ଜିଲ୍ଲାରେ ଅତି ଉତ୍କର୍ଷ ଓ ଉତ୍ତମ ସେବା ପୁରସ୍କାର ପାଇଁ ଶ୍ରେଷ୍ଠ ବିବେଚିତ ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ବାହିନୀର ସଦସ୍ୟ ଙ୍କୁ ମଧ୍ୟ ଆଜିର କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା। ଏହା ସହିତ ବେସାମରିକ ବାହିନୀ ଦ୍ୱାରା ଆୟୋଜିତ ଓଡ଼ିଆ ଓ ଇଂରାଜୀ ରଚନା ଲିଖନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ ଆରକ୍ଷୀ ଉପ ନିରୀକ୍ଷକ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଆକସ୍ମିକ ବିସ୍ଫୋରଣ ହେଲେ କିପରି ଉଦ୍ଧାର କାର୍ଯ୍ୟ କରାଯାଇ ଲୋକଙ୍କୁ ସୁରକ୍ଷିତ ସ୍ଥାନ ରେ ପହଞ୍ଚାଇବା ଏବଂ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଅଗ୍ନିଶମ ବାହିନୀ ଘର ପୋଡ଼ି, ତରଳ ଇନ୍ଧନ ଓ ଗ୍ୟାସ୍ ଜନିତ ଅଗ୍ନିକାଣ୍ଡର ଅତ୍ୟାଧୁନିକ ଯନ୍ତ୍ରପାତି ସହାୟତାରେ କିଭଳି ମୁକାବିଲା କରାଯାଏ ତାହାର ଡେମୋ ପ୍ରଦର୍ଶନ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ନିୟନ୍ତ୍ରକ ବେସାମରିକ ବାହିନୀ ଡାକ୍ତର ଶୁଭଙ୍କର ମହାପାତ୍ର, ରାଉରକେଲା ଏସ୍‌ପି ତଥା ଗୃହରକ୍ଷୀ କମାଣ୍ଡାଣ୍ଟ ମିତ୍ରଭାନୁ ମହାପାତ୍ର ସମେତ ସମସ୍ତ ଥାନା ଅଧିକାରୀ, ଗୃହରକ୍ଷୀ ବାହିନୀର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

# ରତେଇରେ ବିଜେଡିର ସାଂଗଠନିକ ବୈଠକ



ଲଙ୍ଗଳେଶ୍ୱର, ୦୬/୧୨ (ନି.ପ୍ର): ସାମାଜିକ ସେବା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ସହ ଦଳୀୟ ସଂଗଠନକୁ ଆହୁରି ମଜଭୁତ କରିବା ଲକ୍ଷ୍ୟ ନେଇ ବାଲିଆପାଳ ବ୍ଲକ୍ ରତେଇ ପଞ୍ଚାୟତରେ ଦଳ ପକ୍ଷରୁ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ଜନକଲ୍ୟାଣ ପାଇଁ କାମ କରିବାର ସଂକଳ୍ପକୁ ଆହୁରି ଦୃଢ଼ କରି ସଭାପତି ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ସୁବାସିନୀ ଜେନା ଆହ୍ୱାନ କରିଛନ୍ତି ।ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ୨୨ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ନିଶାକର ସେଠୀ,ପୂର୍ବତନ ବ୍ଲକ ସଭାପତି ଚକ୍ରଧର ଗିରି,ବ୍ଲକ ଯୁବ ବିଜେଡି ସଭାପତି ସଂଗ୍ରାମ ପରିଡା, ବ୍ଲକ ଛାତ୍ର ବିଜେଡି ସଭାପତି ସୁଶାନ୍ତ ବେହେରା,ପଞ୍ଚାୟତ ସଭାପତି ଲକ୍ଷ୍ମୀଧର ପ୍ରଧାନ, ପୂର୍ବତନ ସରପଞ୍ଚ ସରୋଜ ପାଢ଼ୀ, ନୂଆଗାଁ ପଞ୍ଚାୟତ ପୂର୍ବତନ ସରପଞ୍ଚ ମନ୍ମଥ ଗିରି, ଅଳାଡ଼ିହା ପଞ୍ଚାୟତ ପୂର୍ବତନ ସରପଞ୍ଚ ତଥା ଜିଲ୍ଲା ସାଧାରଣ ସମ୍ପାଦକ କମଳ ଲୋଚନ କର, ଅବସରପ୍ରାପ୍ତ ଶିକ୍ଷକ ପଞ୍ଚାନନ ପ୍ରଧାନ, ଅନନ୍ତ ରାଉତ, ପଞ୍ଚାୟତର ମହିଳା ସଭାପତି ପାର୍ବତୀ ରାଉତ ପ୍ରମୁଖଙ୍କ ସମେତ ୱାର୍ଡସଦସ୍ୟ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ସାଂଗଠନିକ ବୈଠକରେ ରତେଇ ପଞ୍ଚାୟତର ନେତୃବୃନ୍ଦ ଏବଂ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

## ସଂସ୍କୃତି ସଚିବଙ୍କୁ ଓଡିଆ ଚଳଚ୍ଚିତ୍ର ଜଗତର ସ୍ୱାଗତ ଓ ଶୁଭେଚ୍ଛା



ଭୁବନେଶ୍ୱର, ୦୬/୧୨ (ନି.ପ୍ର): ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନୂତନ କମିଶନର ତଥା ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନଙ୍କୁ ଓଡିଆ ଚଳଚ୍ଚିତ୍ର ଜଗତ ( ମୋ ସିନେମା ଅଭିଯାନ) ପକ୍ଷରୁ ସ୍ୱାଗତ ଓ ଶୁଭେଚ୍ଛା ଜଣାଯାଇଛି। ବିଶିଷ୍ଟ ସିନେ ନିର୍ମାତା ତଥା ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ବରିଷ୍ଠ ଅଭିନେତ୍ରୀ ମହାଶ୍ୱେତା ରାୟ , ଅପରାଜିତା ମହାନ୍ତି, ଚର୍ଚ୍ଚିତ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦ, ପ୍ରଯୋଜକ ପ୍ରଣୟ ଜେଠୀ, ସନଲିସା ସିଗ୍ନେଚର ନିର୍ଦ୍ଦେଶକ ସଞ୍ଜୟ ପଟେଲ୍ ପ୍ରମୁଖ ସଚିବଙ୍କୁ ସ୍ୱାଗତ ସହ ଶୁଭେଚ୍ଛା ଜଣାଇଛନ୍ତି।

## ଯଶିପୁର ବିଇଓ ସସପେଣ୍ଡ

ଭୁବନେଶ୍ୱର, ୦୬/୧୨ (ନି.ପ୍ର): ଯଶିପୁର ବିଇଓ ସସପେଣ୍ଡ । ଯଶିପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ମଙ୍ଗଳ ଚନ୍ଦ୍ର ସିଂଙ୍କୁ ନିଲମ୍ବନ କଲେ ଶିକ୍ଷା ସଚିବ ଏସ ଆଶ୍ୱତୀ । ଏନେଇ ସୂଚନା ଦେଇଛନ୍ତି ଡିଇଓ ପୂର୍ଣ୍ଣଚନ୍ଦ୍ର ସେଠୀ । ବିଇଓଙ୍କ ନାଁରେ ବିଭିନ୍ନ ପ୍ରକାରର ଅଭିଯୋଗ ଥିଲା । ଏ ନେଇ ନିଜେ ଶିକ୍ଷା ସଚିବ ଯଶିପୁର ଗସ୍ତ କରି ତଦନ୍ତ କରି ଫେରିଥିଲେ । ବେଆଇନ ଭାବରେ ଶିକ୍ଷକମାନଙ୍କ ବଦଳି କରୁଥିବାର ଅଭିଯୋଗ ଥିଲା ଯଶିପୁର ବିଇଓ ନାଁରେ। ଏମିତି କି ଗୋଟିଏ ମାସ ମଧ୍ୟରେ ୬ ଥର ବଦଳି କରିଥିବାର ଅଭିଯୋଗ ଥିଲା । ବିନା ଅନୁମତିରେ ଶିକ୍ଷକମାନଙ୍କ ବଦଳି କରୁଥିଲେ ବିଇଓ ।

# ୫୭ଟି ସଂରକ୍ଷିତ ନିର୍ବାଚନ ମଣ୍ଡଳୀରେ ନେତୃତ୍ୱ ବିକାଶ ମିଶନକୁ ତୃଣମୂଳସ୍ତରରୁ ସୁଦୃଢ଼ କରାଯିବ: ପିସିସି ସଭାପତି

ଭୁବନେଶ୍ୱର, ୦୬/୧୨ (ନି.ପ୍ର): ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ନେତୃତ୍ୱ ବିକାଶ ମିଶନ (ଏଲଡିଏମ)ର ସମୀକ୍ଷା ବୈଠକ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କନିଧି ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗଦେଇ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ କହିଲେ ଯେ ରାଜ୍ୟରେ ସାଧାରଣ ନିର୍ବାଚନ ଖୁବ ନିକଟରେ ଅନୁଷ୍ଠିତ ହେବ। ଓଡ଼ିଶାର ୧୪୭ ଗୋଟି ବିଧାନସଭା କ୍ଷେତ୍ର ମଧ୍ୟରୁ ୫୭ ଗୋଟି ଅନୁସୂଚିତ ଜାତି/ ଜନଜାତି ନିମନ୍ତେ ଉଦ୍ଦିଷ୍ଟ ବିଧାନସଭା ନିର୍ବାଚନ ମଣ୍ଡଳୀରେ ନେତୃତ୍ୱ ବିକାଶ ମିଶନକୁ ବୁଥ ସ୍ତର ପର୍ଯ୍ୟନ୍ତ ନେଇ ଏହାକୁ ସୁଦୃଢ଼ କରିବାକୁ ପଡ଼ିବ। ଏଥିପାଇଁ ଆପଣମାନଙ୍କର ଚେଷ୍ଟା, ଅଙ୍ଗୀକାର ବଦ୍ଧତା ଓ କଠିନ ପରିଶ୍ରମର ଆବଶ୍ୟକତା ରହିଛି। ମୋର ବିଶ୍ୱାସ ଏ ଦିଗରେ ଆମେ ନିଶ୍ଚିତ ସଫଳତା ଲାଭ କରିପାରିବା। ସେଥିପାଇଁ ଆଜିଠାରୁ ଆପଣମାନେ ନିଜ ନିଜ ନିର୍ବାଚନ ମଣ୍ଡଳୀରେ ତୃଣମୂଳସ୍ତରରୁ କମିଟି ଗଠନ କରି ଏହାକୁ ସଂପୂର୍ଣ୍ଣ କରିବାପାଇଁ ବୈଠକରେ ଉପସ୍ଥିତ ଏଲଡିଏମର ଟିମ ଲିଡର ଓ ସହ-ଟିମଲିଡର ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଏଲଡିଏମ ଜାତୀୟ ସଂଯୋଜକ ତଥା ଓଡ଼ିଶା ପ୍ରଭାରୀ ମାନସ ମଲ୍ଲିକ, ଅଖିଳ ଭାରତ ମହିଳା କଂଗ୍ରେସର ସଂପାଦିକା ସସ୍ମିତା ବେହେରା,ପଛୁଆବର୍ଗର ଜାତୀୟ ସଂଯୋଜକ ରାଜକିଶୋର ବାରିକ, ପଛୁଆବର୍ଗ ରାଜ୍ୟ ଅଧ୍ୟକ୍ଷ ବିଜୟାନନ୍ଦ ଚାଉଳିଆ, ସଂଖ୍ୟାଲଘୁ ବିଭାଗ ଅଧ୍ୟକ୍ଷ ଜିଆଉଲ ହକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଉମେଶ ଶରଣଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହୃତ

ରାଉରକେଲା, ୦୬/୧୨ (ନି.ପ୍ର): ରାଉରକେଲା ବରିଷ୍ଠ କଂଗ୍ରେସ ନେତା ଉମେଶ ଶରଣଙ୍କ ଉପରେ ରାଜ୍ୟ କଂଗ୍ରେସ ପକ୍ଷରୁ ହୋଇଥିବା ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇଛି । ଏନେଇ ରାଜ୍ୟ ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ ଏକ ଆଦେଶ ନାମାରେ ପ୍ରକାଶ କରିଛନ୍ତି । ଚଳିତ ମାସ ୩ ତାରିଖରେ ହୋଇଥିବା ଆଦେଶ ନାମାରୁ ଏହା ଜଣାପଡିଛି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଗତ କିଛି ମାସ ତଳେ ରାଉରକେଲା ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ମିଟିଂ ଚାଲିଥିବା ବେଳେ ବରିଷ୍ଠ ନେତା ସାବିର ହୁସେନ ଓ ଉମେଶ ଶରଣଙ୍କ ମଧ୍ୟରେ ବାଡାବାଡି ହୋଇଥିଲା । ଏହି ଘଟଣାରେ ଉମେଶ ଶରଣଙ୍କୁ ସସପେଣ୍ଡ କରାଯାଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ମଦ ତିଆରି ଫ୍ୟାକ୍ଟ୍ରୀରେ ...

ଚଢଉ କରିଛନ୍ତି ଆୟକର ଟିମ୍। ସେପଟେ ବଲାଙ୍ଗିର ଓ ଟିଟିଲାଗଡରେ ମଧ ଏକାଧିକ ମଦ ବ୍ୟବସାୟୀଙ୍କ ଉପରେ ଚଢଉ ହୋଇଛି। ମଦ ବ୍ୟବସାୟୀ ସଞ୍ଜୟ ସାହୁ ଓ ଦୀପକ ସାହୁଙ୍କ ଘର ଏବଂ ମଦଭାଟିରେ ଆୟକର ବିଭାଗର ୩୦ ଜଣିଆ ଟିମ ଚଢଉ କରିଛି। ଏହି ଲିଙ୍କରେ ଆୟକର ଟିମ୍ କୋଲକାତା ଓ ରାଞ୍ଚିରେ ମଧ ଚଢ଼ଉ କରିଥିବା ସୂଚନା ମିଳିଛି। ସଂସ୍ଥାର ଏକାଧିକ ଡାଇରେକ୍ଟର ଓ ଏମଡିଙ୍କ ଘରେ ରେଡ ହୋଇଛି। ତେବେ ଆୟକର ଚଢଉ ନେଇ ବୌଦ୍ଧ ଡିଷ୍ଟିଲେରି ପ୍ରାଇଭେଟ୍ ଲିମିଟେଡର ପ୍ରତିକ୍ରିୟା ମିଳିପାରିନାହିଁ।

## ବାତ୍ୟା 'ମିଗଜୋମ୍' : ସବୁ ଜିଲ୍ଲାପାଳଙ୍କୁ ....

ପରିମାଣର ଫସଲ କ୍ଷତି ହୋଇଥିବ ଚାଷୀଙ୍କୁ କୃଷି ଇନପୁଟ ସବସିଡି ପ୍ରଦାନ କରାଯିବ । ତେଣୁ ଉଭୟ କୃଷି ଓ ରାଜସ୍ୱ ବିଭାଗର ଅଧିକାରୀମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ଫସଲର ଆକଳନ କରି ୩୩% ବା ତା'ଠୁ ଅଧିକ ଫସଲ କ୍ଷତିର ରିପୋର୍ଟ ଏକ ନିର୍ଦ୍ଧାରିତ ଫର୍ମାଟରେ ଦାଖଲ କରିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି । ବିଶେଷକରି ପୌରାଂଚଳ, ବ୍ଲକ, ପଂଚାୟତ ଓ ଗାଁୱାରି କ୍ଷୟକ୍ଷତି ରିପୋର୍ଟ ପଠାଇବାକୁ ଏସଆରସି ନିର୍ଦ୍ଦେଶ ଦେଇଛନ୍ତି । ଏହି ଫସଲ କ୍ଷୟକ୍ଷତି ଆକଳନବେଳେ କ୍ଷତିଗ୍ରସ୍ତ ଚାଷୀଙ୍କ ଜମିର ରେକର୍ଡକୁ ଭୁଲେଖ ଦ୍ୱାରା ଯାଂଚ କରାଇବାକୁ ମଧ ଏସଆରସି ପରାମର୍ଶ ଦେଇଛନ୍ତି । ଜିଲ୍ଲାପାଳମାନେ ଫସଲ କ୍ଷୟକ୍ଷତି(ଆକଳନ ଅନୁସାରେ ଫସଲ ନଷ୍ଟ ହୋଇଥିବା ଜମିର ଚାଷଭିତ୍ତିକ ପରିମାଉ) ଅନୁମୋଦନ କରିବେ ଓ କୃଷି ଇନପୁଟ୍ ସବସିଡି ବଂଟନ ପାଇଁ ଅର୍ଥର ଆବଶ୍ୟକତାକୁ ଗ୍ରହଣୀୟ ଭାବେ ପ୍ରଦାନ କରିବେ । ଆକଳନ ସମୟରେ କ୍ଷତିଗ୍ରସ୍ତ ଫସଲ ଜମିର ଜିଓ ଟ୍ୟାଗ୍ ଓ ଟାଇମ୍ ଉଲ୍ଲେଖ ଥିବା ଫଟୋ ଉଠାଇ କେସ୍ ରେକର୍ଡରେ ସଂରକ୍ଷିତ ରଖିବାକୁ ଶ୍ରୀ ସାହୁ ପରାମର୍ଶ ଦେଇଛନ୍ତି । ତଦାରଖକାରୀ ଅଧିକାରୀ (ଉପଜିଲ୍ଲାପାଳ/ତହସିଲଦାର,ଅତିରିକ୍ତ ତହସିଲଦାର, ଜିଲ୍ଲା କୃଷି ଅଧିକାରୀ, ବ୍ଲକ କୃଷି ଅଧିକାରୀ) ମୂଲ୍ୟାୟନର ସଠିକତା ନିଶ୍ଚିତ କରିବା ପାଇଁ ଆବଶ୍ୟକ ଯାଂଚ କରିବେ । ଏହାସହିତ ଜିଲ୍ଲାପାଳଙ୍କ ନିକଟରେ ଦାଖଲ ହୋଇଥିବା କ୍ଷୟକ୍ଷତି ରିପୋର୍ଟକୁ ଅନୁମୋଦନ ନିମନ୍ତେ ନିଜେ ଏକ ସାର୍ଟିଫିକେଟ୍ ମଧ ଦେବେ । ତେବେ ଏହି କ୍ଷୟକ୍ଷତି ରିପୋର୍ଟ ପଠାଇବାବେଳେ ଚଳିତବର୍ଷ ବନ୍ୟା ଓ ବର୍ଷା ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା(ପୂର୍ବରୁ ରିପୋର୍ଟ ଆସିଥିବା) ଫସଲ କ୍ଷୟକ୍ଷତିକୁ ସାମିଲ ନକରିବାକୁ ଶ୍ରୀ ସାହୁ ସ୍ପଷ୍ଟ କରିଛନ୍ତି । ସୂଚନାଯୋଗ୍ୟ, ସାମୁଦ୍ରିକ ଝଡ଼ 'ମିଗଜୋମ୍' ପ୍ରଭାବରେ ଗଞ୍ଜାମ, ଗଜପତି, କଳାହାଣ୍ଡି, କନ୍ଧମାଳ ଓ ନବରଙ୍ଗପୁର, ମାଲକାନଗିରି, କୋରାପୁଟ ଓ ରାୟଗଡ଼ା ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଥିବା ଜଣାପଡ଼ିଛି । ବାତ୍ୟା ପ୍ରଭାବରେ ଉପକୂଳ ଓଡ଼ିଶାରେ ମଧ ଆଜି ଦିନତମାମ ବର୍ଷା ହୋଇଛି।

## କର୍ଣ୍ଣୀ ସେନା ମୁଖ୍ୟ ସୁଖଦେବ...

ତେବେ ହତ୍ୟା ପାଇଁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ନିଜକୁ ଦାୟୀ କରିଛି । ରାଜସ୍ଥାନରେ ବିଧାନସଭା ନିର୍ବାଚନ ଫଳାଫଳର ଦୁଇ ଦିନ ପରେ ସୁଖଦେବ ସିଂ ଗୋଗାମେଡି ହତ୍ୟାକୁ ନେଇ ରାଜନୈତିକ ଝଡ଼ ଆରମ୍ଭ ହୋଇଛି । କଂଗ୍ରେସ ନେତ୍ରୀ ସୁପ୍ରିୟା ଶ୍ରୀନେତ୍ର ଟ୍ୱିଟ୍ କରି କହିଛନ୍ତି ଯେ ରାଜ୍ୟକୁ ଫେରିଲା ଜଙ୍ଗଲ ରାଜ । ସେପଟେ ସରକାର ଗଢିବାକୁ ପ୍ରସ୍ତୁତ ହେଉଥିବା ବିଜେପି ଦାବି କରିଛି ଯେ ପରାଜୟ ପରେ କଂଗ୍ରେସ ସରକାର ପ୍ରତିଶୋଧ ନେବାକୁ ଯୋଜନା କରି ସୁଖଦେବଙ୍କ ସୁରକ୍ଷା କମାଇଥିଲା । ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ଶେହଜାଦ ପୁନାୱାଲା ସୁଖଦେବ ସିଂଙ୍କ ଭିଡିଓ ସେୟାର କରି କହିଛନ୍ତି ଯେ ତାଙ୍କ ଜୀବନ ପ୍ରତି ବିପଦ ଥିବା ପୋଲିସ ପାଖରେ ସୂଚନା ଥିଲା । ଏହା ସତ୍ୱେ ମୁଖ୍ୟମନ୍ତ୍ରୀ ତାଙ୍କ ସୁରକ୍ଷା ହ୍ରାସ କରିଥିଲେ । ଏହି ମାମଲାରେ ରୋହିତ ରାଠୋଡ ଓ ନୀତିନ ଫୌଜି ଗିରଫ ହୋଇଛନ୍ତି । ସେନାରେ ନିୟୋଜିତ ଥିବା ନୀତିନ ଏଭଳି କାଣ୍ଡ କାହିଁକି ଭିଆଇଲା ତାକୁ ନେଇ ମଧ ପ୍ରଶ୍ନ ଉଠିଛି , ଯିଏକି ହରିଆଣାବାସୀ । ଏବେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ଫୋର୍ସ ମୁତୟନ କରାଯାଇଛି । ହିଂସା ଉସକାଉଥିବା କଥାକୁ ବିଶ୍ୱାସ ନ କରିବାକୁ ପୁଲିସ ଜନସାଧାରଣଙ୍କୁ ଅପିଲ କରିଛି ।

## ସାବଧାନ ରାଜଧାନୀବାସୀ...

ଆମ ଘରେ ଲାଗିଥିବା ସିସିଟିଭିରେ ଜଣେ ମହିଳା ଆମ ଘରେ ପଶି ଏସବୁ ଜିନିଷ ନେଇଥିବା କଏଦ ହୋଇଛି। ସୂଚନାଯୋଗ୍ୟ, କିଛି ଦିନ ତଳେ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ୨ଜଣ ଲେଡି ଲୁଟେରା ଜଣଙ୍କ ଘରେ ପଶି ଚୋରି କରିବାକୁ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକେ ଦେଖି ପୁଲିସ ଜିମାରେ ଦେଇଥିଲେ।

## ଜାତୀୟ କିକ୍ ବକ୍ସିଂ ...

ଆଶୁତୋଷ ମହାରଣା, ସନ୍ତୋଷ ଦାସ, ଆଶିଷ ସାମନ୍ତ, ସୁଜୈନ ଇସଲାମ୍, ଅନୁଶ୍ରୀ ଆଶ୍ରିତ ପ୍ରମୁଖ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି "ମ୍ୟୁଜିକାଲ ଫର୍ମ"ରେ ୪ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଏବଂ ୫ଟି କାଂସ୍ୟ ପଦକ ହାସଲ କରି ଓଡିଶା ପଦକ ତାଲିକାରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଏହି ପ୍ରତିନିଧି ଦଳର ମ୍ୟାନେଜର ଭାବେ ଅମ୍ବୁଜ କୁମାର ସାମନ୍ତ ଓ ଦିଲୀପ କୁମାର ସାହୁ, ପ୍ରଶିକ୍ଷକ ଭାବେ ରମାକାନ୍ତ ସାମନ୍ତରାୟ ଓ ତାନ୍ୟା ଶ୍ରୀବାସ୍ତବ, ଟେକ୍ନିକାଲ ଅଫିସିଆଲ ଭାବେ ଯୁବରାଜ ହରିଚନ୍ଦନ, ଉଦୟନାଥ ରାଉତ ଏବଂ ସାଙ୍ଖାନ ମିଶ୍ର ସାମିଲ ଥିଲେ ବୋଲି ଜାତୀୟ କିକ୍ ବକ୍ସିଂ ଫେଡେରେସନ - ଆଇଏକେଓ ର ସେକ୍ରେଟାରୀ ଜେନେରାଲ ମାଷ୍ଟର ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ଗତ କାଲି ଏହି ପ୍ରତିଯୋଗୀମାନେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି। ରେଳଷ୍ଟେସନରେ ଶୁଭେଚ୍ଛୁ, ବନ୍ଧୁଜନ ଏବଂ ପରିବାର ସଦସ୍ୟମାନେ ଉପସ୍ଥିତ ରହି ଖେଳାଳୀମାନଙ୍କୁ ଅଭିନନ୍ଦନ ଜଣାଇ ସ୍ୱାଗତ କରିଥିଲେ।

# ସମସ୍ତ ଦିବ୍ୟାଙ୍ଗଙ୍କୁ ମନରେଗାରେ ସାମିଲ କରାଯାଉ : ପ୍ରମିଳା ପଣ୍ଡା



ଉଦଳା , ୦୬/୧୨ (ନି.ପ୍ର): ଦିବ୍ୟାଙ୍ଗ ଭାଇ ଭଉଣୀ ମାନଙ୍କୁ କେବଳ ଭତା ଓ ଚାଉଳ ପ୍ରଦାନ କରିଦେଲେ ଯଥେଷ୍ଟ ହେବ ନାହିଁ। ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତ ଯୋଜନାରେ ସମସ୍ତଙ୍କୁ ସାମିଲ କରାଯିବା ସହ ଜବ୍ କାର୍ଡ଼ ପ୍ରଦାନ କରାଯାଉ ଓ ସେମାନେ ଯେଉଁ ଭଳି କାମ ପାରିବେ ସେହିଭଳି କାମ ବାଛି ଦିଆଯାଉ ବୋଲି ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା କହିଛନ୍ତି । ଚଳିତ ଡ଼ିସେମ୍ବର ୩ ତାରିଖ ରବିବାର ଦିନ ଉଦଳା ଠାରେ ଉପଖଣ୍ଡ ସ୍ତରୀୟ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳନ ମଂଚରେ ଜଣେ ଅତିଥି ଭାବରେ ଯୋଗ ଦେଇ ନଗରପାଳ ଶ୍ରୀମତୀ ପଣ୍ଡା ଏହା ବ୍ୟକ୍ତ କରିଥିବାର ଜଣାଯାଇଛି । ଏହି ମଂଚରେ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ନଗରପାଳ ମନୋଜ କୁମାର ମହାନ୍ତି , ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ବର୍ତ୍ତମାନର ବିଧାୟକ ଭାସ୍କର ମଢ଼େଇ, ଉଦଳା ପଂଚାୟତ ସମିତିର ଅଧକ୍ଷା ମଂଜୁଲତା ବିଶ୍ୱାଳ, ଶିକ୍ଷକ ବ୍ରଜ ମୋହନ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଦିବ୍ୟାଙ୍ଗ ଭାଇ ଭଉଣୀ ମାନଙ୍କ ପାଇଁ ବିଜ୍ଞାନ, ଦର୍ଶନ, ସାହିତ୍ୟ ଓ ସଂଗୀତରେ କିପରି ବିପ୍ଳବାତ୍ମକ ପରିବର୍ତ୍ତନ ଆସିଛି ବିସ୍ତୃତ ବର୍ଣ୍ଣନା କରିଥିଲେ । କବି ଇନ୍ଦ୍ରମଣି ବିନ୍ଧାଣୀ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସାମାଜିକ କର୍ମୀ ରାମରଂଜନ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ

ବାରିପଦା, ୦୬/୧୨ (ନି.ପ୍ର): ଆଜି ଜିଲ୍ଲା କୃଷି ବିଭାଗ ଏବଂ ମୟୂରଭଞ୍ଜ-୧ ଶ୍ୟାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ର ମିଳିତ ଅନୁକୁଲ୍ୟରେ ସ୍ଥାନୀୟ ପ୍ରୟାସ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇ ଯାଇଛି. ଏହିଅବସରରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତରୁଣ କୁମାର ଛୋଟରାୟ, ବରିଷ୍ଠ ବୈଜ୍ଞାନିକ ଡା. ସଂଘମିତ୍ରା ପଟ୍ଟନାୟକ, ଡା.ଦୀପକ କୁମାର ମହାନ୍ତି, ଜଳଛାୟା ବିଭାଗର ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ଚିନ୍ତାମଣି ଜେନା, ଜିଲ୍ଲା କୃଷି ଅଧିକାରୀ ତପନ କୁମାର ମହାପାତ୍ର, ଜୟନ୍ତ କୁମାର ରାଉତ, ହେମନ୍ତ କୁମାର ଜେନା, ରାମଚନ୍ଦ୍ର ନାଏକ, ଏରିଆ ମ୍ୟାନେଜେର, ଏସଏମ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବରୁ ମୃତ୍ତିକା ଓ ଜଳ-ଜୀବନର ଉତ୍ସ ବିଷୟରେ ହୋଇଥିବା ପୋଷ୍ଟର ପ୍ରତିଯୋଗିତାର କୃତି କନିଷ୍ଠ ଓ ବରିଷ୍ଠ ବର୍ଗର ପ୍ରଥମ ତିନି ଜଣ ଛାତ୍ର ଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀ ମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିବା ବେଳେ, ଶାରଦା ହାଁସଦା, ମଧୁସ୍ମିତା ଜେନା, ସୁଧାଂଶୁ ଶେଖର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୬୧ତମ ବାଲେଶ୍ୱର ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ-୨୦୨୩ ଅନୁଷ୍ଠିତ

ବାଲେଶ୍ୱର , ୦୬/୧୨ (ନି.ପ୍ର): ଆଜି ସକାଳ ଘ. ୮ ଟା ସମୟରେ ସ୍ଥାନୀୟ ରିଜର୍ଭ ପୋଲିସ ପ୍ୟାରେଡ଼ ପଡ଼ିଆଠାରେ ୬୧ତମ ବାଲେଶ୍ୱର ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ-୨୦୨୩ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ହିମାଂଶୁ କୁମାର ଲାଲ (ଭା.ପୁ.ସେ), ପୂର୍ବାଞ୍ଚଳ ଆଇ.ଜି ଏବଂ ଆରକ୍ଷୀ ଅଧିକ୍ଷକ ତଥା ଦୁର୍ଗପତି ଗୃହରକ୍ଷୀ ବାହିନୀ ଶ୍ରୀମତୀ ସାଗରିକା ନାଥଙ୍କ ଉପସ୍ଥିତିରେ ପତାକା ଉତ୍ତୋଳନ ସମାରୋହ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ହିମାଂଶୁ କୁମାର ଲାଲ୍ (ଭା.ପୁ.ସେ) ଏହି ସମାବେଶକୁ ସମ୍ବୋଧିତ କରି ତଥା ଗୃହରକ୍ଷୀଙ୍କ ଦ୍ୱାରା ପ୍ରଦତ୍ତ ଆଦର୍ଶ ସେବାକୁ ପ୍ରଶଂସା କରି ପୋଲିସର ଉଦ୍ୟମକୁ ବୃଦ୍ଧି କରିବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକୃତି ଦେଇଥିଲେ। ଜନ ନିରାପତ୍ତା ପ୍ରତି ସେମାନଙ୍କର ନିରନ୍ତର ଉତ୍ସର୍ଗୀକୃତତା ପାଇଁ ସେ କୃତଜ୍ଞତା ଜଣାଇବା ସହ ସମାଜର ସୁରକ୍ଷା ସୁନିଶ୍ଚିତ କରିବାରେ ସହଯୋଗୀ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ସମୟରେ ମଧ ନିଷ୍ଠା ଓ ଅଧିକ ଉତ୍ସର୍ଗୀକୃତ ହୋଇ କର୍ତ୍ତବ୍ୟ କରିବା ପାଇଁ ଗୃହରକ୍ଷୀ ବାହିନୀକୁ ପ୍ରୋତ୍ସାହିତ କରିଥିଲେ । ଏହି ଅବସରରେ ଶ୍ରୀ ଲାଲ୍ ମହାମହିମ ରାଷ୍ଟ୍ରପତି, ମାନନୀୟ ରାଜ୍ୟପାଳ, ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ବରିଷ୍ଠ କେନ୍ଦ୍ର ଓ ରାଜ୍ୟସ୍ତରୀୟ ପଦାଧିକାରୀଙ୍କ ଅଭିନନ୍ଦନ ବାର୍ତ୍ତା ପଠନ କରିଥିଲେ। ଏହି ଅବସରରେ ବାଲେଶ୍ୱର ପୋଲିସ ବିଭାଗର ଅଧିକାରୀବୃନ୍ଦ, ଗୃହରକ୍ଷୀ ବାହିନୀର ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ ।



# ବରହମପୁର ରାଇପାଳଠାରେ ଆଦିବାସୀ ମହିଳାଙ୍କୁ ଗୁଳିମାଡ: ଦୁର୍ବୃତ୍ତ ଫେରାର

ନୀଳଗିରି , ୦୬/୧୨ (ନି.ପ୍ର): ବରହମପୁର ରାଇପାଳ ଗାଁରେ ସନ୍ଧ୍ୟା ୮ଟାରେ ପରିବାର ସହିତ ଖାଇପିଇ ଭଙ୍ଗାଖଟିଆରେ ଶୋଇପଡ଼ିଥିଲେ ଆଦିବାସୀ ମହିଳା ଲକ୍ଷ୍ମିମଣୀ। ସ୍ୱାମୀ ରସିକ ମୁର୍ମୁ ଘରର ଅପରପାର୍ଶ୍ୱରେ ମଧ ଶୋଇପଡ଼ିଥିଲେ। ହଠାତ୍ ଅଧରାତିରେ କେହି ଦୁର୍ବୃତ୍ତ ମହିଳା ଜଣକ ଶୋଇଥିବା ଘରେ ପହଞ୍ଚିଥିଲେ। ମହିଳା ଜଣକ ଖଟକୁ ଡେରି ରଖିଥିବା ଠେଙ୍ଗାଟି ତଳେ ପଡ଼ିଯିବା ପରେ ଶବ୍ଦପାଇ ଉଠିପଡ଼ିବା ପରେ ଦୁଇଜଣ ଅଚିହ୍ନା ଲୋକଙ୍କୁ ଦେଖିବାକୁ ପାଇଥିଲେ। ହଠାତ୍ କିଛି ବୁଝିବା ପୂର୍ବରୁ ଦୁର୍ବୃତ୍ତ ମାନେ ଲକ୍ଷ୍ମିମଣି(୫୫)ଙ୍କୁ ଗୁଳି କରି ଅନ୍ଧାରରେ ଖସିଯାଇଥିଲେ। ସ୍ତ୍ରୀର ମରିଗଲି ମରିଗଲି ଆବାଜଏବଂ ବନ୍ଧୁକ ଫୁଟିବା ଶବ୍ଦ ଶୁଣି ସ୍ୱାମୀ ରସିକ ଘଟଣା ସ୍ଥଳରେ ପହଞ୍ଚିବା ପୂର୍ବରୁ ଦୁର୍ବୃତ୍ତ ମାନେ ଅନ୍ଧାରରେ ଦୌଡ଼ି ପଳାଇଥିଲେ। ଘଟଣାଟି ଘଟିଛି ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ବରହମପୁର ଥାନା ଅଧୀନସ୍ଥ ରାଇପାଳ ଗ୍ରାମରେ। ଆଦିବାସୀ ସଂପ୍ରଦାୟର ହୋଇଥିବାରୁ କାମଧନ୍ଦା ସାରି ଶୀଘ୍ର ଖାଇପିଇ ଶୋଇପଡ଼ିଥିଲେ ରସିକ ମୁର୍ମୁଙ୍କ ସ୍ତ୍ରୀ ଲକ୍ଷ୍ମୀମଣୀ। ହଠାତ୍ ଏଭଳି ଘଟଣା ଘଟିବା ପରେ ତୁରନ୍ତ ସାନପୁଅକୁ ଖବର ଦେଇ ରକ୍ତରେ ଜୁଡୁବୁଡୁ ଲକ୍ଷ୍ମୀମଣୀଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ନିଆଯାଇଥିଲା। ମହିଳାଙ୍କ ହାତ, ବାହୁ ଓ ଛାତିରେ ଗୁଳି ବାଜିଥିବା ସୂଚନା ମିଳିଛି। ଅବସ୍ଥା ଗୁରୁତର ହେବାରୁ



ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ଅବସ୍ଥା ସୁଧାର ନ ଆସିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ତେବେ ଗୁଳିମାରିବା କାରଣ ଅସ୍ପଷ୍ଟ ଥିବାବେଳେ ବରହମପୁର ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ବୁଧବାର ସକାଳେ ନୀଳଗିରି ଏସଡିପିଓ ସରୋଜ କୁମାର ଉପାଧ୍ୟାୟ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରିଥିବା ସୂଚନା ମିଳିଛି। ଏନେଇ ମହିଳାଙ୍କ ପୁଅ ଚକ୍ରା ମୁର୍ମୁ ବରହମପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ବଣସୀମା ଶାନ୍ତିପ୍ରିୟ ଅଞ୍ଚଳରେ ଏଭଳି ବନ୍ଧୁକ ମୁନରେ ଆକ୍ରମଣ କରିବା ପ୍ରଥମ ଘଟଣା,ଯାହା ଅଞ୍ଚଳବାସୀଙ୍କୁ ଭୟଭୀତ କରିଛି। ଶୀଘ୍ର ଘଟଣାର ପର୍ଦ୍ଦାଫାଶ କରି ଦୋଷୀକୁ ଦଣ୍ଡ ଦେବାକୁ ପରିବାର ସହିତ ଅଞ୍ଚଳବାସୀ ଦାବୀ କରିଛନ୍ତି।

# ୬୧ତମ ଗ୍ରାମରକ୍ଷୀ ଦିବସ ପାଳିତ

ଖୋର୍ଦ୍ଧା, ୦୬/୧୨ (ନି.ପ୍ର): ଖୋର୍ଦ୍ଧା ଉପକଣ୍ଠ ତରତୁଆ ରିର୍ଜଭ ଅଫିସ ପଡିଆରେ ୬୧ତମ ଗ୍ରାମରକ୍ଷୀ ଦିବସ ପାଳନ କରାଯାଇଛି । ମୁଖ୍ୟ ଅତିଥିଭାବେ ଏସପି ସିଦ୍ଧାର୍ଥ କଟାରିଆ ଯୋଗଦେଇ ରାଜ୍ୟପାଳ ଓ ପୁଲିସ ମହାନିର୍ଦ୍ଦେଶକଙ୍କ ବାର୍ତ୍ତା ପଠନ କରିଥିଲେ । ଆଇନଶୃଖଳା ରକ୍ଷା ପାଇଁ ଏବଂ ବିଭିନ୍ନ ଆତଙ୍କରାଜକୁ ଦମନ କରିବା ପାଇଁ ଗ୍ରାମରକ୍ଷୀ ବାହିନୀଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ୬ଷ୍ଠ ଆଇଆରବି ବାଟାଲିଅନ କମାଣ୍ଡାଟଂ ବସନ୍ତ ନାୟକ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁରେନ୍ଦ୍ରନାଥ ମୁର୍ମୁ, ଡିଏସ୍ପି ସୁଜିତ ପଣ୍ଡା, ମୀନାକ୍ଷୀ ଠାକୁର, ଅନୀଲ ମହାନ୍ତି, ନିରୁପମା ମଲିକ, ପ୍ରଶାନ୍ତ କୁମାର ମାଝୀ, ଏସଡିପିଓ (ଖୋର୍ଦ୍ଧା)ଦିଲିପ କୁମାର ଦାସ, ଆଦର୍ଶଥାନା ଅଧିକାରୀ, ସଦରଥାନା ଅଧିକାରୀଙ୍କ ସମେତ ବହୁ ପୁଲିସ ଅଧିକାରୀ, ଶିକ୍ଷାବିତ୍, ବୁଦ୍ଧିଜିବୀ ପ୍ରମୁଖ ଉପସ୍ଥିତ ଥିଲେ ।




# ବାପାର ଶେଷକୃତ୍ୟ ସମ୍ପନ୍ନରେ ବ୍ୟସ୍ତ ଥିବା ପୁଅର ମୃତ୍ୟୁ

ଜୟପୁର, ୦୬/୧୨ (ନି.ପ୍ର): ପ୍ରଥମେ ବାପାର ମୃତ୍ୟୁ ଘଟୁଛି ଆଉ ବାପାର ଶେଷକୃତ୍ୟ ସମ୍ପନ୍ନ କରିବାରେ ବ୍ୟସ୍ତ ଥିବା ପୁଅ ର ମୃତ୍ୟୁ ଘଟିଛି । ଅଚାନକ ଏକ ବିଶାଳ ଗଛ ପୁଅ ଉପରେ ପଡିଯାଇ ପୁଅର ମୃତ୍ୟୁ ହୋଇ ଯାଉଛି।ଆଉ ଏହି ଘଟଣା ରେ ସ୍ତବ୍ଧ ଅବାକ ହୋଇଯାଉଛନ୍ତି ଗ୍ରାମବାସୀ।ଏଭଳି ଏକ ଘଟଣା ଆଜି ଭୋର ସକାଳୁ ଘଟିଛି ବୋରିଗୁମ୍ମା ବ୍ଲକ କାମତା ଗ୍ରାମରେ। କାମତା ଗ୍ରାମର ବୃଦ୍ଧ ଲକ୍ଷ୍ମଣ ମଣ୍ଡଳ ଙ୍କ କୋରାପୁଟ ରେ ମୃତ୍ୟୁ ଘଟିଥିଲା।ତାଙ୍କ ଶବ କୁ ଶେଷ କୃତ ପାଇଁ ନିଜ ଗାଁ କାମତା ଅଣାଯାଇଥିଲା। ବାପାଙ୍କର ମରଣ ପରେ ଶେଷକୃତ୍ୟ କାର୍ଯ୍ୟରେ ବ୍ୟସ୍ତ ଥିବା ପୁଅ ବେଣୁଧର ମଣ୍ଡଳ ଉପରେ ଅଚାନକ ଏକ ବିଶାଳ ଗଛ ପଡି ଯାଇଥିଲା ଯେଉଁଠି ବେଣୁଧର ଙ୍କ ବି ଜୀବନ ହରିଥିଲେ।ଏଭଳି ଘଟଣା ନେଇ ପରିବାର ଭାଙ୍ଗିପଡିବା ବେଳେ ୨୨ ବର୍ଷୀୟ ବେଣୁଧର ଜଣେ ସମାଜସେବୀ ଭାବେ କାର୍ଯ୍ୟକାରୀ ଆସୁଥିଲେ ଏଥି ପାଇଁ ତାଙ୍କ ମୃତ୍ୟୁ କୁ ସହଜ ଗ୍ରହଣ କରିପାରୁ ନାହାନ୍ତି ଗ୍ରାମବାସୀ ଗାଁ ରେ ବାପାଙ୍କ ଶବ ଆଉ ମେଡ଼ିକାଲ ରେ ପୁଅର ଶବ ପଡିଛି।କାନ୍ଦ ରେ ଫାଟି ଯାଉଛି ଗାଁ ଓ ମେଡ଼ିକାଲ ପରିସର।

# ବାଇତପଡା ଗ୍ରାମରେ ଲୋନ ଟଙ୍କା ହଡ଼ପ ନେଇ ଥାନାରେ ଅଭିଯୋଗ

ବସ୍ତା , ୦୬/୧୨ (ନି.ପ୍ର): ଜଳେଶ୍ୱର ନିର୍ବାଚନ ମଣ୍ଡଳୀର, ବସ୍ତା ଥାନା ଅନ୍ତର୍ଗତ ବାଇତପଡ଼ା ଗ୍ରାମରେ ଲୋନ ଟଙ୍କା ହଡ଼ପ ନେଇ ବସ୍ତା ଥାନାରେ ଅଭିଯୋଗ ହୋଇଛି । ସୂଚନା ଅନୁସାରେ ଗ୍ରାମର ଦଶ ଜଣ ମହିଳାଙ୍କୁ ନେଇ ଆଶିର୍ବା ଗୃପ କାର୍ଯ୍ୟ କରିଆସୁ ଥିବା ବେଳେ ଗୃପ ମୁଖ୍ୟ କୃପା ମହାନ୍ତି ରହିଥିଲେ। ତେବେ ମହିଳା ମାନେ ସାତଟି ଫାଇନାନ୍ସ କମ୍ପାନୀରୁ ୧୩ ଲକ୍ଷ ୧୭ ହଜାର ଟଙ୍କା ଉଠାଇବା ପରେ କୃପା ମହାନ୍ତି ଏବଂ ତାଙ୍କର ସ୍ୱାମୀ ରମେଶ ମହାନ୍ତି ସମସ୍ତ ସଦସ୍ୟଙ୍କ ଘରକୁ ଯାଇ ଅଧିକ ବିଶ୍ୱାସରେ ନେଇ ଗୃପ ଦ୍ୱାରା ଉଠାଯାଇଥିବା ସମସ୍ତ ଟଙ୍କା



ନେଇଥିଲେ ଏବଂ ପ୍ରତି ମାସ କିସ୍ତି ମଧ ସୁଜି ଚାଲିଥିଲେ। ତେବେ କିଛି ମାସ ଅତିବାହିତ ପରେ ଆଉ କିସ୍ତି ଟଙ୍କା ପୈଠ ନହେବାରୁ ଫାଇନାନ୍ସ କମ୍ପାନୀ ପକ୍ଷରୁ ତନାଘନା ଆରମ୍ଭ ହୋଇଥିଲା ।ପରେ ମହିଳା ମାନେ ଅମର୍ଦ୍ଦାରୋଡ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଫାଣ୍ଡି ଅଧିକାରୀ ତଦନ୍ତ କରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଆଜି ଦିନ ୧୨.୩୦ ମିନିଟ ସମୟରେ ବସ୍ତା ଥାନା ଆଇଆଇସିଙ୍କୁ ମହିଳା ମାନେ ଗୁହାରୀ କରିବା ପରେ ଆଇଆଇସି ଖୁବ ଶୀଘ୍ର ସମସ୍ୟାର ସମାଧାନ କରା ଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ୧୨୭ ତମ ଜୟନ୍ତୀ ପାଳିତ

ଜଳେଶ୍ୱର , ୦୬/୧୨ (ନି.ପ୍ର): ଖବରକାଗଜ ଜଗତର ପିତାମହ ଭୀଷ୍ମ ଡ. ରାଧାନାଥ ରଥଙ୍କ ଆଜି ୧୨୭ ତମ ଜୟନ୍ତୀ ଜଳେଶ୍ୱରରେ ପାଳିତ ହୋଇଛି । ଶ୍ରୀ ଜଗନ୍ନାଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ଅଧ୍ୟକ୍ଷ ମାମ ରାଣୀ ମହାନ୍ତି ଅଧ୍ୟକ୍ଷତା କରି ରାଧାନାଥ ରଥଙ୍କ ଜୀବନାଦର୍ଶ ଓ ତାଙ୍କ ପ୍ରଚେଷ୍ଟାରେ ସମାଜ ଦୈନିକ ପତ୍ରିକା ଦେଶରେ ପାଠକଙ୍କ ମହଲରେ ଆଦୃତ ହୋଇପାରିଥିବା କହିଥିଲେ । ମୁଖ୍ୟବକ୍ତାଭାବେ ଡ. ନୀଳକଣ୍ଠ ଖଣ୍ଡା ଯୋଗ ଦେଇ ରାଧାନାଥ ରଥ ବହୁମୁଖୀ ପ୍ରତିଭାର ମଣିଷ ଥିବା ବେଳେ ତାଙ୍କ କର୍ତ୍ତବ୍ୟନିଷ୍ଠା, ବ୍ୟବହାର, ସମାଜସେବା, ଦରଦୀ ପଣିଆ,



ସମାଜକୁ ଉଚ୍ଚତର ସୋପାନ ନେଇଥିବା କହିଥିଲେ । ମୁଖ୍ୟବକ୍ତାଭାବେ ଅଧ୍ୟାପିକା ଅଂଜଳି ଚକ୍ରବର୍ତ୍ତୀ ସମାଜ ଏକ ପତ୍ରିକା ନୁହେଁ ବରଂ ଏକ ମହାନ ଅନୁଷ୍ଠାନ, ଯାହା ଫଳରେ ସମଗ୍ର ଓଡିଶାବାସୀ ସହାୟତାର ହାତ ପାଇପାରିଛନ୍ତି । ରୋଗୀ, ଛାତ୍ରଛାତ୍ରୀ, ଗରିବ ଓ କେତେକ ଅନୁଷ୍ଠାନ ରାଜ୍ୟରେ ଗଢି ଉଠିଥିବା ବେଳେ ସେ ସବୁ ଡ. ରଥଙ୍କ ପରିଶ୍ରମ ଓ ସହାୟତାର ଫଳ ବୋଲି କହିଥିଲେ । ସମ୍ମାନୀତ ଅତିଥିଭାବେ ସୁରତି ଦେ, ଉଦୟ କୁମାର ଗିରି ଯୋଗ ଦେଇ ରାଧାନାଥ ରଥ ଓଡିଶା ବାବୁଜୀ ବୋଲି ପରିଚିତ ଥିବା ବେଳେ ତାଙ୍କର ମାନବ ପଣିଆ ସମସ୍ତଙ୍କୁ ଚକିତ କରିଥିଲା । ରାଜ୍ୟରେ ୨ଥର ମନ୍ତ୍ରୀ ଥିଲେ ମଧ୍ୟ ସେ କୌଣସି ରାଜନୈତିକ ଦଳର ସଭ୍ୟ ନ ଥିଲେ ବୋଲି କହିଥିଲେ । କାର୍ଯ୍ୟକ୍ରମକୁ ସମଜର ପ୍ରତିନିଧି ଅବନୀ ଚାନ୍ଦ ପରିଚାଳନା କରି ରାଧାନାଥ ରଥଙ୍କ ଜୀବନ ଇତିହାସ କିପରି ଦୁଃଖଦ ଥିଲା ଓ ତାଙ୍କ ପରିଶ୍ରମ ଫଳରେ ସମାଜ ଏକ ମହାଦ୍ରୁମରେ ପରିତ ହୋଇଛି ବୋଲି କହିଥିଲେ ।

# ‘ଆମେ ଗଢିବୁ ନୂଆ ଓଡିଶା’ରେ ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ଲକ୍ଷ୍ୟ: ୩୨୨ସ୍କୁଲକୁ ମିଳିଲା ଟ୍ୟାବଲେଟ

ଖଇରା, ୦୬/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକର ୩୨୨ ସ୍କୁଲର ଛାତ୍ରୀଛାତ୍ରଙ୍କ ଦକ୍ଷତାବୃଦ୍ଧି ଲକ୍ଷରେ ଆମେ ଗଢିବୁ ନୂଆ ଓଡିଶାରେ ସରକାରଙ୍କ ତରଫରୁ ବୁଧବାର ଟ୍ୟାବଲେଟ ପ୍ରଦାନ କରାଯାଇଛି । ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଟ୍ୟାବଲେଟ ବଣ୍ଟନ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଦାସ ପୌରହିତ୍ୟ କରିଥିଲେ। ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗ ଦେଇ ପିଲାମାନଙ୍କର ବୌଦ୍ଧିକ ବିକାଶ ପାଇଁ ଶିକ୍ଷକ ମାନେ ଏହି




ଟ୍ୟାବଲେଟର ସୁପରିଚାଳନା କରିବାକୁ ପରାମର୍ଶ ଦେଇଥିଲେ । ଏବିଇଓ ପାର୍ବତୀ ପଣ୍ଡା ଓ ହେମନ୍ତ ମିଶ୍ର, ବିଆରଟି ମନୋଜ ମହାପାତ୍ର, ସଂଯୋଜକ ଅଶୋକ କୁମାର ମହାନ୍ତି ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ସମସ୍ତ ସିଆରସିସି ତଥା ଗୋଷ୍ଠୀ ଶିକ୍ଷା ବିଭାଗର ସମସ୍ତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଗୋପବନ୍ଧୁ ନଗର ପ୍ରେସ କ୍ଲବ୍‌ର ଆଲୋଚନା ଚକ୍ର

ବଡ଼ସାହି , ୦୬/୧୨ (ନି.ପ୍ର): ଗୋପବନ୍ଧୁ ନଗର ପ୍ରେସ କ୍ଲବର ଜାନୁଆରୀ ୧୦ ତାରିଖରେ ପଞ୍ଚମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ଏ ନେଇ ଆଜି ଜୟପୁର କଲ୍ୟାଣ ମଣ୍ଡପ ଠାରେ ପ୍ରେସ କ୍ଲବ ର ସଭାପତି ନିମାଇଁ ପ୍ରସାଦ ଦାଶ ଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ତତ୍ ସହିତ ବିଭିନ୍ନ ସମସ୍ୟା ଓ ଚଳିତ ବର୍ଷର ନୂତନ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା।ଉକ୍ତ ବୈଠକରେ ପ୍ରେସ କ୍ଲବର ସଦସ୍ୟ ହିରେନ ରାୟ,ମାଣିକ ହେମ୍ବ୍ରମ ସମ୍ପାଦକ ଡ଼ଃ କୁମାର ବାବୁଲି,ଚିତ୍ତ ରଞ୍ଜନ ଦଳେଇ,ଶାନ୍ତନୁ କୁମାର ମଦ୍ଧୁଆଳ, ଦୀପକ କୁମାର ଚୌଧୁରୀ, ବିଶ୍ୱଜିତ୍ ଦାଶ,ରଞ୍ଜନ କୁମାର ମଦ୍ଧୁଆଳ,ସମ୍ବିତ କୁମାର ରାଉତ, ଯୋଗେଶ୍ୱର ସାହୁ,ସୂର୍ଯ୍ୟକାନ୍ତୀ ପୁହାଣ, ଜୟନ୍ତ କୁମାର ସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଉପସ୍ଥିତ ଥିଲେ।

# ବିଜେପି ଏସସି ମୋର୍ଚ୍ଚା ପକ୍ଷରୁ ବାବା ସାହେବଙ୍କ ପୁଣ୍ୟ ତିଥି ପାଳିତ

ବାଲେଶ୍ୱର, ୦୬/୧୨ (ନି.ପ୍ର): ଆଜି ବିଜେପି ଏସସି ମୋର୍ଚ୍ଚା ପକ୍ଷରୁ ବାବା ସାହେବଙ୍କ ୬୭ତମ ପୂର୍ଣ୍ୟ ତିଥି ମହାପରିନିର୍ବାଣ ଦିବସ ପାଳନ କରାଯାଇଛି । ଆଜି ସକାଳ ୯ଟା ସମୟରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ଓ ଏସସି ମୋର୍ଚ୍ଚା ସଭାପତି ମୃତ୍ୟୁଞ୍ଜୟ ଜେନାଙ୍କ ନେତୃତ୍ୱରେ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତାବୃନ୍ଦ ଭାରତରତ୍ନ ବାବା ସାହେବ୍ ଭୀମରାଓ ରାମଜୀ ଆମ୍ବେଦକରଙ୍କ ପୋଲିସ ଲାଇନ ଛକ ସ୍ଥିତ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିବା ପରେ ବାବା ସାହେବଙ୍କ ଉଦ୍ଦେଶରେ ସ୍ଲୋଗାନ ଦେଇଥିଲେ। ଏହାପରେ ଏକ ସଭାକାର୍ଯ୍ୟ (ଆଲୋଚନା ଚକ୍ର ) ଜିଲ୍ଲା କାର୍ଯ୍ୟାଳୟରେ ଆୟୋଜିତ ହୋଇଥିଲା। ସଭାକାର୍ଯ୍ୟକୁ ଏସସି ମୋର୍ଚ୍ଚା ସଭାପତି ମୃତ୍ୟୁଞ୍ଜୟ ଜେନା ସଭାପତିତ୍ୱ କରୁଥିବା ବେଳେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଉପରୋକ୍ତ ଆଲୋଚନା ଚକ୍ରରେ ବକ୍ତାମାନେ ବାବା ସାହେବଙ୍କ ଜୀବନୀ ଓ ତାଙ୍କ ଆଦର୍ଶ ଉପରେ ବିଶେଷ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଶ୍ରୀଯୁକ୍ତ ମହାପାତ୍ର ବାବା ସାହେବଙ୍କ ଦର୍ଶିତ ମାର୍ଗରେ ପରିଚାଳିତ ହୋଇ ସମାଜ ନିର୍ମାଣ ଓ ସାମାଜିକ ସମରସତା ଉପରେ ଯୋର ଦେଇଥିଲେ। ଭାରତମାତାଙ୍କ ଏହି ସୁଯୋଗ୍ୟ ପୁତ୍ରଙ୍କ ଯେତିକି ସମ୍ମାନ ମିଳିବା କଥା ତାହା ପୂର୍ବତନ ସରକାର ମାନେ ଦେଇନଥିଲେ ବୋଲି କ୍ଷୋଭ ପ୍ରକାଶ କରିଥଲେ। ବିଜେପି ଦେଶରେ ସାମାଜିକ ନ୍ୟାୟ ପାଇଁ




ଲଢେଇ କରୁଥିବା ଏକମାତ୍ର ଦଳ ଭାବେ ବାବା ସାହେବଙ୍କ ଆଦର୍ଶରେ ଅନୁପ୍ରାଣିତ ବୋଲି କହିଥିଲେ। ବୈଠକରେ ବକ୍ତା ଭାବେ ଓ ଆଲୋଚନା ଚକ୍ରରେ ଶୁଭଙ୍କର ମହାପାତ୍ର, ଏଡଭୋକେଟ୍ ବିଜୟ ପାଣିଗ୍ରାହୀ, ମମତା ମହାପାତ୍ର, ଏସସି ମୋର୍ଚ୍ଚା ରାଜ୍ୟ ଉପସଭାପତି ରାକେଶ ମଲ୍ଲିକ, ଏସସି ମୋର୍ଚ୍ଚା ରାଜ୍ୟ ସମ୍ପାଦକ ସରୋଜ କୁମର ଜେନା, ଜିଲ୍ଲା ଏସସି ମୋର୍ଚ୍ଚା ସାଧାରଣ ସମ୍ପାଦକ ସନ୍ତୋଷ ସେଠୀ, ଏଡଭୋକେଟ୍ ଲକ୍ଷ୍ମଣ ବେହେରା, ମହିଳା ମୋର୍ଚ୍ଚା ଜିଲ୍ଲା ସଭାପତି ସିପ୍ରା ମହାପାତ୍ର , ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ , ସୁସ୍ମିତା ପଣ୍ଡା, ସଞ୍ଜୁକ୍ତା ଆପା, ଗୌରଙ୍ଗା ଦଳେଇ, ବିବୁପଦ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ଜିଲ୍ଲା କୃଷକମୋର୍ଚ୍ଚାର ସଭାପତି ଅନୀଲ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆତ୍ମଶକ୍ତି ତରଫରୁ ଆଭାସୀ ମାଧ୍ୟମରେ ବିଶ୍ୱ ସ୍ୱେଚ୍ଛାସେବୀ ଦିବସ ପାଳିତ

ଉଦଳା , ୦୬/୧୨ (ନି.ପ୍ର): ଆତ୍ମଶକ୍ତି ଟ୍ରଷ୍ଟ ତରଫରୁ ଆଭାସୀ ବୈଠକ ମାଧ୍ୟମରେ ଚଳିତ ଡ଼ିସେମ୍ବର ୫ ତାରିଖ ମଙ୍ଗଳବାର ଦିନ ବିଶ୍ୱ ସ୍ୱେଚ୍ଛାସେବୀ ଦିବସ ପାଳିତ ହୋଇ ଯାଇଛି । ଉକ୍ତ ବୈଠକରେ ସମଗ୍ର ଓଡ଼ିଶାର ୧୯ ଗୋଟି ଜିଲ୍ଲାରୁ ଶତାଧିକ ଭାଇ ଭଉଣୀ ଅଂଶ ଗ୍ରହଣ କରିଥିଲେ । 'ଏକତ୍ରୀତ ଭାବେ କାମ କରିବାର ଶକ୍ତି' ଆଲୋଚନାର ବିଷୟବସ୍ତୁ ରଖା ଯାଇଥିଲା । ସାମାଜିକ କର୍ମୀ ଜୟା ଭାରତୀ ଓ ପଂଚାନନ ପ୍ରଧାନ ବୈଠକରେ ଅଧକ୍ଷତା କରି ସମଗ୍ର ପୃଥିବୀକୁ ଗୋଟିଏ ପରିବାର କରି ଗଢ଼ି ତୋଳିବାର ସ୍ୱପ୍ନ ସ୍ୱେଚ୍ଛାସେବୀ ମାନେ ଦେଖିଛନ୍ତି ବୋଲି ବ୍ୟକ୍ତ କରିଥିଲେ । ଚଳଚିତ୍ର ତାରକା ସବ୍ୟସାଚୀ ମିଶ୍ର ଓ ତହସିଲଦାର ସାଇଶ୍ରୀ ପ୍ରସାଦ ସେଠୀ କାର୍ଯ୍ୟକ୍ରମରେ ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମ ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିବା ସହିତ ଜଣେ ସ୍ୱେଚ୍ଛାସେବୀ ତାର ପରିଚୟ ସେ ନିଜେ ହିଁ ସୃଷ୍ଟି କରିଥାଏ ବୋଲି ବ୍ୟକ୍ତ କରିଥିଲେ । ଏହାପରେ ନବକିଶୋର ପୁଜାରୀ ବିଗତ କରୋନା କାଳରେ ପିଲାମାନଙ୍କର ପାଠ ପଢ଼ାରେ ଯେଉଁ ଭଳି କ୍ଷତି ଘଟିଥିଲା, ଏହାକୁ ଆଖି ଆଗରେ ରଖି ଓଡ଼ିଶାର ବିଭିନ୍ନ ସ୍ଥାନରେ କିପରି ଚାଟଶାଳୀ ମାନ ଖୋଲା ଯାଇଥିଲା ଓ ପିଲାଙ୍କୁ ପାଠ ସହିତ ବାନ୍ଧି ରଖାଯାଇଥିଲା ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ । ଏହାପରେ ବଲାଙ୍ଗୀର ଜିଲ୍ଲାର ମଂଟୁକନ୍ଦପାଣି ନିକଟରେ ସୁଦୂର ଶ୍ରୀଲଙ୍କା ଗସ୍ତରେ ଯାଇଥିଲେ । ସେଠାକାର ଅନୁଭବ ଖୁବ୍ ସୁନ୍ଦର ଭାବରେ ସେ ଉପସ୍ଥାପନ କରିଥିଲେ । ମନୋଜ ସାମ‘ରାୟ କେବଳ ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ସମଗ୍ର ପୃଥିବୀରେ ଏକ ବିପ୍ଳବାତ୍ମକ ପରିବର୍ତ୍ତନ ଆସିଛି ବୋଲି ଆଜି ସମସ୍ତେ ଅନୁଭବ କଲେଣି କହିବା ସହ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । ଦିର୍ଘ ୨ ଘଂଟା ଧରି ଚାଲିଥିବା ଏହି ଆଭାସୀ ବୈଠକ ସମସ୍ତଙ୍କ ପାଇଁ ବେଶ ମନଚୁଆଁ ହୋଇଥିଲା ।

# ଡିସେମ୍ବର ୧୯ରେ ଅନୁଷ୍ଠିତ ହେବ ଜିଲ୍ଲାସ୍ତରୀୟ ‘ନୂଆ-ଓ’ କାର୍ଯ୍ୟକ୍ରମ

ବାରିପଦା , ୦୬/୧୨ (ନି.ପ୍ର): ରାଜ୍ୟରେ ଯୁବଶକ୍ତିର କଳାତ୍ମକ, କ୍ରିଡାତ୍ମକ ଏବଂ ଗୁଣାତ୍ମକ ବିକାଶ ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ‘ନୂଆ-ଓ’ କାର୍ଯ୍ୟକ୍ରମ ମୟୁରଭଞ୍ଜ ଜିଲ୍ଲା ସ୍ତରରେ ଆଗାମୀ ଡିସେମ୍ବର ୧୯ରେ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସୱାନ ହଲ ଠାରେ ଜିଲ୍ଲା ସ୍ତରୀୟ ସମନ୍ୱୟ କମିଟିର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକକୁ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ ପରିଚାଳନା କରିଥିବା ବେଳେ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଅକ୍ଷୟ ସୁନୀଲ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ଜିଲ୍ଲାବ୍ୟାପି ସଫଳ କରାଇବା ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ସମସ୍ତ ବିଷୟରେ ସମୀକ୍ଷା କରି ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ, ବାରିପଦା ସ୍ଥିତ ଏମ.ପି.ସି. ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ନୋଡାଲ ସେଣ୍ଟର ଭାବରେ ଚୟନ କରିଥିଲେ। ଜିଲ୍ଲା ସ୍ତରୀୟ ସମସ୍ତ ପ୍ରତିଯୋଗିତା ଏହି ମହାବିଦ୍ୟାଳୟର ସହଯୋଗ ଏବଂ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। ଏହି ପ୍ରତିଯୋଗିତା ଉପଖଣ୍ଡ ସ୍ତରରେ ଆସନ୍ତା ୧୫ ତାରିଖ ସୁଦ୍ଧା ସମାପ୍ତ ହୋଇ, ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ୧୯ ତାରିଖ ଦିନ ଅନୁଷ୍ଠିତ ହେବ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଅଗ୍ରୱାଲ ସମସ୍ତ କାର୍ଯ୍ୟ ପାଇଁ ହେବାକୁ ଥିବା ପ୍ରାକ-ଯୋଜନା ବିଷୟରେ ବୀଭାଗୀୟ ଅଧିକାରୀ ମାନଙ୍କ ସହିତ ପରାମର୍ଶ କରି ଦାୟିତ୍ୱ ବଣ୍ଟନ କରିଥିଲେ।ସମୀକ୍ଷା ବୈଠକରେ ଜିଲ୍ଲା ଚିକିତ୍ସା ଅଧିକାରୀ ଡଃ ରୂପଭାନୁ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଉମାକାନ୍ତ ମହାରଣା, ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରିଣୀ, ମମତାମୟୀ ବିଶ୍ୱାଳ, ଏମପିସି ମହାବିଦ୍ୟାଳୟର ଅଧାପକ ଏବଂ ଛାତ୍ର ପ୍ରତିନିଧି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି, ଜିଲ୍ଲା ଶିକ୍ଷା ଅଧିକାରିଣୀ ଦୀପ୍ତି ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ ମୋହନ ସେଠି, ଜିଲ୍ଲା କ୍ରୀଡା ଅଧିଆକରି ଅବନୀ ମୋହନ ମହାନ୍ତି, ଜିଲ୍ଲା ସଡକ ପରିବହନ ଅଧିକାରୀ ବିଶ୍ୱରାଜ ବେହେରା, ବାରିପଦା ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ, ଅଗ୍ନିଶମ ଅଧିକାରୀ ଭବେନ୍ଦ୍ରନାଥ ଦେ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା ଏବଂ ଜିଲ୍ଲା ପରିଷଦର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ।


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo